www.duradrusti.org

ଦୂରଦୃଷ୍ଟି

ଓଡ଼ିଆ ସମାଜର ମୁଖପତ୍ର

ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା; ଶକାବ୍ଦ ୧୯୨୭, ଶ୍ରାବଣ ମାସ



Journal of Odia Samaja, Volume 3, Issue 2, August 2005

ବିଷୟ୍ ସୂଚୀ (Table of Contents)

Title	Author	Page
ସଂପାଦକୀୟ୍	ଅହିମାଣିକ୍ୟ ଶତପଥୀ	3
ମୂଖ୍ୟ ନିର୍ବାହୀଙ୍କ କଲମରୁ	ବିଶ୍ୱରଞ୍ଜନ ଜେନା	5
SARALA DASA	Gopinath Mohanty	6
Poetcraft	Rajendra K.Panda	10
ଅରଣ୍ୟରୁ ଅନ୍ୟବାଟ	ପ୍ରଭାକର ଶତପଥୀ	13
ଘରଟାରେ ତାଲା ପଡିଛି	ପ୍ରଭାକର ଶତପଥୀ	15
ଜୟଦେବଂକ ପଞ୍ଚମ ପ୍ରବନ୍ଧର ଅନୁବାଦ	ସୁଭାଷ ଚନ୍ଦ୍ର ପଟ୍ଟନାୟ୍କ	16
ଓଡ଼ିଶା	ତୁହିନାଂଶୁ ରଥ	17
ଅଭଦ୍ର ଲୋକ	ପରେଶ କୁମାର ପଟ୍ଟନାୟ୍କ	18
ଗୁଡି	ଶୀଖଣ୍ଡ ଶତପଥୀ	24
MY GRANDFATHER	Anwisha Mishra	24
ମାମୁଘର ଗାଁ	ଅଜୟ୍ ସ୍ୱାଇଁ	25
ବିକଳାଙ୍ଗ ଶିଶୁ ଅଷ୍ଟବକ୍ର	ବିଶ୍ୱରଞ୍ଜନ ପଟ୍ଟନାୟ୍କ	31
ଶାଁଖଲୀ	ଡଃ ପଦ୍ମନାଭ ପ୍ରଧାନ	32
ଝିଅ ବିକ୍ରୀ ଓ ମୋ ପିଲା ଦିନ	ଆଦିତେଶ୍ୱର ମିଶ୍ର	33
ରାଜଧାନୀରେ...	ଅହିମାଣିକ୍ୟ ଶତପଥୀ	35
The Pansy story	Mrs Chandra Mishra	36
କଳିଙ୍ଗ ଶିଳ୍ପୀଙ୍କ ସହ ଦି'ପଦ	ଅମିତ କୁମାର ମିଶ୍ର	37
କିଛି ସ୍ମୃତି କିଛି ଅନୁଭୂତି	ଅମିତ କୁମାର ମିଶ୍ର	39
ଓଡ଼ିଆ ପୁଅର ଆର୍କଟିକ୍ ଭ୍ରମଣ	ଦେବସ୍ମିତ ମିଶ୍ର	42

Title	Author	Page
Joy and Heartache in Orissa	Dhanada Mishra	47
ନାଲି ଟୁକୁ ଟୁକୁ...	ଶାନ୍ତନୁ ପ୍ରଧାନ	50
Welcome Posco	Prasanna K. Mishra	51
Disabled Women & Rights Violations	Dr.Sruti Mohapatra	52
Biomedical Aspects of Aging	Prof. M.S. Kanungo	54
oDishA gOuraba:	Prof. MS Kanungo	56
କାଏଁ ଲାଭ୍ ?	ଦେବଜିତ୍ ମିଶ୍ର	58
ଧର୍ମରୁ ଅଧର୍ମ-ଏକ ବିଷମ ବିରୋଧାଭାଷ	ଅନିଳ କୁମାର ପାଣିଗ୍ରାହୀ	59
ଈଶ୍ୱରାନୁଭୂତି - ୩	ସତ୍ୟ ରଞ୍ଜନ ଦାଶ	63
Paradigm Shift - 3	Biswaranjan Jena	66
Glimpses Of Bagha Jatin	Satyavrata Bharadwaj	67
Bandhu miLana 2005: A Report	Satya Dash	71
ଶ୍ରୀ ମନୋଜ ପଣ୍ଡାଙ୍କ ବନ୍ଧୁମିଳନ ଉପଲକ୍ଷେ ବାର୍ତ୍ତା		76
ବନ୍ଧୁତ୍ୱ	ପରାଶର ମିଶ୍ର	77
My Views On OBI & Its Operation	Amit Nayak	78
oDishA News	Saubhagya Laxmi Mohapatra	79
ଶେଷକଥା: ଚିଠି	ଅହିମାଣିକ୍ୟ ଶତପଥୀ	81

ଦୂରଦୃଷ୍ଟି ଓଡ଼ିଆ ସମାଜର ମୁଖପତ୍ର

Editor: Ahimanikya Satapathy

Editorial Board: Amit Kumar Mishra, Anil Panigrahi, Bikash Panda, Biswa R. Patnaik, Debasmita Misra, Markandeswar Panda, and Satya Ranjan Dash.

Advisor: Pravakar Satapathy

Cover: Bikash Panda
Layout: Ahimanikya Satapathy

Contact E-mail: duradrusti@odiya.org
Website: http://www.duradrusti.org

ବିଶ୍ୱବ୍ୟାପୀ ଓଡ଼ିଆମାନଙ୍କ ଚିନ୍ତାଧାରା ଓ ବାର୍ତ୍ତାଳାପରେ ଅନ୍ତର୍ନିହିତ ଦୂରଦର୍ଶିତାକୁ ଏକ ଲିଖିତ ରୂପାୟନ ଦେବାର ଅଭୀପ୍ସା ନେଇ ଦୂରଦୃଷ୍ଟିର ଜନ୍ମ । ଓଡ଼ିଶା ଓ ଓଡ଼ିଆ ଜାତି ପାଇଁ ସେ' ସମସ୍ତ ସଦିଚ୍ଛା ଓ ଶୁଭାକାଙ୍କ୍ଷାକୁ କର୍ମକ୍ଷେତ୍ରରେ ପ୍ରତିପାଦନ ପ୍ରଚେଷ୍ଟାରେ ସବୁ ଓଡ଼ିଶାପ୍ରେମୀ ଓ କର୍ମୋଦ୍ୟୋଗୀ ଓଡ଼ିଆମାନଙ୍କୁ ଅନୁପ୍ରାଣିତ କରିବା ଏ' ମୁଖପତ୍ରର ପ୍ରଧାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

"duradrusti" feeds on the flames of farsightedness flickering in the hearts and minds of Oriyas all over the world. As the mouthpiece of oDiA samAja (OdiSA), the journal aspires to inspire all Orissa lovers in the service of our motherland, Orissa.

ସଂପାଦକଙ୍କ ଲେଖନୀରୁ...

ଶ୍ରଦ୍ଧେୟ ପାଠକ-ପାଠିକା,

ଏ ସଂଖ୍ୟାରେ ଆମେ ସାରଳା ଦାସଙ୍କର ମହାଭାରତର ସ୍ୱର୍ଗାରୋହଣ ପର୍ବର ଇଂରାଜୀ ଅନୁବାଦଠୁ ଆରମ୍ଭ କରି ଅନ୍ୱିଶା ମିଶ୍ରଙ୍କ କବିତାଯାଏ ସବୁ ପିଢିର ଲେଖକମାନଂକୁ ନେଇ ସଜେଇଛୁ ଦୂରଦୃଷ୍ଟି । 'ପୋଏଟ୍‌କାଫ୍ଟ' ଓ 'ଅରଣ୍ୟରୁ ଅନ୍ୟବାଟ' ପରି ମନନଶୀଳ ରଚନା ସହ ଓଡ଼ିଆ କଥା ସହିତ୍ୟର ଜଣାଶୁଣା କଥାକାରମାନଂକୁ ଆପଣମାନଂକ ସହ ଯୋଡିଦବାର ସଯତ୍ନ ଚେଷ୍ଟା କରିଛୁ । ବଡ ସୁଂଦର ସଂବଲପୁରୀ କବିତାମାନଂକ ସହ ଗୁଂଥି ଦେବାକୁ ଚେଷ୍ଟା କରିଛୁ କିଛି ଚିତ ଓ କିଛି ଓଡ଼ିଆ କବିତା । ବିଗତ ଓଡ଼ିଶା ଗସ୍ତରେ ଅମିତ୍ ମିଶ ବଡ ଯତ୍ନରେ ତୋଳି ଧରିଛନ୍ତି ତାଂକ ସ୍ମୃତି ଓ ଅନୁଭୂତି । ସାକ୍ଷାତକାରରେ ଅମିତ୍ ଆମକୁ ଦେଖେଇଛନ୍ତି ଓଡ଼ିଆ ଶିଳ୍ପୀର ଯାଦୁ । ଓଡ଼ିଶା ଖବର, ବଂଧୁମିଳନ ରିପୋଟ୍ ଓ ଆହୁରି କେତେ ଲେଖାରେ ସମୃଦ୍ଧ 'ଦୂରଦୃଷ୍ଟି' । ସଂପାଦକମଣ୍ଡଳୀଂକ ସହଯୋଗ ବିନା 'ଦୂରଦୃଷ୍ଟି'ର ଏ ସଂକଳନ ସଂଭବ ହେଇପାରି ନଥାନ୍ତା । ଶେଷରେ ମୁଁ ସବୁ ଲେଖକମାନଂକ ପାଖରେ କୃତଜ୍ଞ । ଆଶାକରେ ପାଠକେ ସାହିତ୍ୟର ରସ ଆସ୍ୱାଦନ କରିବେ ଓ ଆମ ଶ୍ରମ ସାର୍ଥକ ହେବ ।

ଅହିମାଣିକ୍ୟ ଶତପଥୀ
(ଅହିମାଣିକ୍ୟ ଶତପଥୀ)
କାଲିଫର୍ଣ୍ଣିଆ, ଯୁକ୍ତରାଷ୍ଟ୍ର ଆମେରିକା

Our Cover Page

We took this cover page from Bhubaneswar Review 1968 originally from a Sarala Mahabharata pothi page. The extracted poem from Sarala Dasa Mahahabharata was also published in Bhubaneswar review 1968. Shri Bikash Panda gave a new life to the scanned image from Bhubaneswar Review. We found the image on the web that is used for the back cover page.

Acknowledgments

We would like to express our sincere gratitude and appreciation to all without whose efforts the current edition of our electronic journal, "ଦୂରଦୃଷ୍ଟି" would not have been possible: notable among them are our esteemed authors for their contributed articles, Shri Pravakar Satpathy, who helped immensely for cover selection process, proof reading and with many instrumental tips for the overall editing process.

Disclaimer

Although the articles are edited by the Editor, and the members of the Editorial Board, with the best of their abilities, the contents and views are those of the individual authors or contributors. We express our regrets for any errors that have escaped our notice at the time of its release.

OriTek
Technology Solutions • Simple & Affordable
Contact: info@oritek.com

Advertisement from our sponsor

Editors Choice : Cool oDiA Web Sites

- Oriyamusic.com : A music portal that hosts a huge collection and adorable features.
- Nandankanan.org : Know all about Nandankanan Zoo , beutifully designed.
- OrissaMatters.com: A unique and wonderful new portal, has lots of archived articles.
- geocities.com/varnamala: Web-Anthology of Contemporary Poetry Odiya E-Patrika
- Oriyakitchen.tripod.com : The old and only oDiA cooking web site…
- Bhulekh.ori.nic.in : Nice try, but the font did not work for me !
- Nandankanan.tripod.com: Very nice shishu patrikA, poor quality images.
- Orissagov.nic.in/e-magazine/e-magazine.htm : Just wonderful, I was impressed…
- goidirectory.nic.in/d_or.htm : Districts of Orissa and their government home pages.
- worldorissa.com : oDiA portal , hosts oDiA & oDishA news, events and many more…

ଓଡ଼ିଆ ସମାଜର ମୁଖ୍ୟ ନିର୍ବାହୀଙ୍କ କଲମରୁ ପଦେ



Every now and then life gives you a little surprise. Life makes things happen, sometimes knowingly or unknowingly, but whatever be the result it is the outcome of your own actions, you are responsible for your own deeds & accountable for the results as well. One of the biggest surprise of my recent time is that to become the CE/CA of oDiA samAja. Power & Responsibility come side by side and when you grow up with responsibilities, you learn a lot without compromising your own self, including not misusing your achieved power too. But it is true that when time passes by, power disappears & make you feel like less responsible but the learning remains with you for long run. And these learning are for those who care to dare & ready to face it right away. It not only helps you bring your inside out but also grow to set examples for others to follow through.

Similarly "Duradrusti" too has to go through the similar phase of its own life. But as it grows, it spreads its wings from one horizon to other horizon. And finally it has established itself as one of the oDiA e-magazine in the globe. As it is growing day by day, it is getting filled up with the richness of its quality as well as quantity. More oDiA literature, cultures & heritages are reflected on it, which is not only satisfying its own self, but also is giving a clear vision to its readers all around the world. It is not only helping them to rediscover their forgotten "lipi" but also flourishing its contributors to spread their own wings inside as well as outside of oDishA.

I'm thankful to all the contributors as well as our Editorial board for burning midnight oil in scanning & editing them in order to make sure the quality & richness of Duradrusti never be compromised.

(BISWARANJAN JENA)
Chief Executive of Odia Samaja
vulcan_j@yahoo.com

SARALA DASA

(Translated from oDiA by Gopinath Mohanty)

(ଗୋପୀନାଥ ମହାନ୍ତି: ଫକୀର ମୋହନଙ୍କ ପରେ ଖାଲି ଓଡ଼ିଆ କଥା ସାହିତ୍ୟର ନୁହେଁ, ଭାରତୀୟ କଥା ସାହିତ୍ୟର ଏକ ଦିଗ୍‌ଗଜ ଶିଳ୍ପୀ ସ୍ୱର୍ଗତ ମହାନ୍ତି । ଅମୃତର ସଂତାନ, ପରଜା, ଦାଦିବୁଢା, ଦାନାପାଣି, ମାଟିମଟାଳ ଆଦି ଅସଂଖ୍ୟ ଉପନ୍ୟାସ ଓ କାହାଣୀର ସ୍ରଷ୍ଟା । କେନ୍ଦ ସାହିତ୍ୟ ଆକାଦାମି ଓ ଜ୍ଞାନ ପୀଠ ପୁରସ୍କାର ବିଜେତା । ସାରଳା ସାହିତ୍ୟର ଜଣେ ପ୍ରମୁଖ ଗବେଷକ । ତାଙ୍କ ଅବର୍ତମାନରେ ବି ସେ ଭାରତୀୟ କଥା ସାହିତ୍ୟର ପ୍ରେରଣା ହୋଇ ରହିଛନ୍ତି - ସଂପାଦକ)

(Sarala Dasa was the first great poet of oDishA. He was a contemporary of the Emperor Kapilendra Deb of the Sun Dynasty (1452-1479). His epic 'Mahabharata' was broadly modelled on the Sanskrit original. But Sarala Dasa made many changes and many variations, and his work was an intimate document of contemporary oDiA life and language, and is a powerful work of art. Sarala's 'Mahabharata' has not yet been properly edited, and it lies scattered in palm leaf manuscripts in many parts of oDishA, The following extract has been taken from the palm-leaf manuscripts in the collection of Sri Gopinath Mohanty. Sri Mohanty has himself translated them into English - Editor)

THE ASCENT

Faster than the wind he goes, --
Judhisthira,
Up that mighty mountain he ascends.
Faint with hunger, fatigued,
Draupadi paused on the slope
"Listen, my lord Judhisthira," she moaned
"Our feet move not when hunger
and thirst assail
Let us halt for the night
And resume the journey again tomorrow."
"No care for food should worry you
on this hallowed ground."
Judhisthira said, "This sacred place is for
fasting and prayer,
For practicing abstinence
Enough pleasures of the body
have we enjoyed.
What more? Go Ahead Draupadi
And he went ahead. Draupadi collapsed,
Lay prostrate on her belly her
face to the ground.
"Save me! Save me! My husband!"
Came her faint moan in gasps.
Bhima ran to her, laid her on his lap,

"Turn! Turn! O king! Come here
and look, "he wailed
"Your dearly loved wife lies dying"
"Leave her and follow me, O Bhima"
Came his stern reply,
"Each one must reap the fruits
of evil actions done.
God has extinguished her earthly existence
Remove her from your lap, leave her body
O Bhima and come.
No moment is this for getting entangled
In Maya, the illusion,
Pine not for her, come."

"Why have you so changed, O King"
Said Bhima, howling in pain
"How can you be so cruel? So indifferent!
Life long, she served you like the five
primal elements,
Earth, water, heat, sky and air,
Unblemished and innocent was she.
With what fault can you charge her?
She is the sister
Of the famous brothers
Sikhandi arid Drumana
Daughter of the great Drupada
He gave her to us with rich jewelry.
Was ever another woman
Like her in the world?

So patience, so dutiful,
Who could be wife to five brothers,
Please all the five, fulfill their wishes?
And how can you have the heart to
leave her behind?

Just look at her, Look at her glossy hair,
fine and thick
Prettier and more fragrant than
the magic fan
With which Kandarpa, the God
of love charms the world,
Its fragrance attracts the bees
and they dance around
So delicate it is she decks
it not with flowers
Lest her tresses may not bear their weight
She wears not the dainty
Alaka ornament on her forehead
Lest it sit heavy on her delicate frame,
And behold these eyebrows fairer
than Cupid's bow,
If she lifts them slightly she slays a heart !
The emerald water lily is put to
shame by her eyes
The seasamum flower pales before
the beauty of her nose,
Her sparkling teeth are like diamonds,
Her fingers exceed in beauty the buds of the Champaka flower,
Her nails shine like petals of the
Kunda flower
Spotlessly white,
Her gait had the grace of a lion moving,
or an elephant flushed with youth,
Her voice had the sweetness of the note
Of the mate Cuckoo when it
sings in the jungle,
And can you leave her behind,
the Queen Swan of the Lunar Dynasty ?
Your prime queen endowed with
a hundred virtues!
"Grave is her crime, O Bhima,"
Judhisthira replied,
"When sons of Dhritarastra insulted her
It was by their ignorance.
But willfully did she vow their death and
Left her hair disheveled and untied
For fifteen years
Till in revenge she would smear it
with their blood and tie it

And thus she ate up ninety nine
of our brothers.
She is the root
Of all the trouble, all the disaster,
All our Kinsmen were slain because of her."

Bhima left Draupadi
and followed quickly behind,
"We are all criminals in your judgment.
O my brother! O my Lord!" He said,
And Judhisthira moved
swiftly like the wind.
After they had gone some way fell Sahadeva,
His half brother and minister.
Bhima stopped and picked him up
in his arms.
"Sahadeva stirs not! O king! Stop!",
so Bhima said.
"Leave him alone and come",
came the quick reply,
And Judhisthira sped along
never turned his head, never looked.
"See!", Bhima cried. "Sahadeva has fallen!
We won our wars by the might of
his superior wisdom
Which no foe could ever match,
He had the noblest of qualities."
"Leave Sahadeva behind", Judhisthira said
"Thus far could he come for all his virtues.
But no farther"
"Why did he have to fall, O Lord?"
Bhima asked,
"What wrong had he done? Do tell me,
I am puzzled."
"His crime was grave" Judhisthira replied
Well skilled was tie to read the future
But revealed it not, kept sealed his lips.
Had he but said that Abhimanyu would
fall in battle
Never would we have fought the
Mahabharata war".

Bhima left Sahadeva and then
there were four,

With dizzy speed they went
ahead of the wind,
Judhisthira who was born of the sun
followed no beaten track

He moved so fast across hills and forests
It seemed as if the sky was falling
down to the earth.
Then suddenly, Nakula stumbled
and collapsed.
Bhima lifted his prostrate body and moaned
"My Lord! My brother!" Bhima cried in agony
"See!, Here is Your Nakula,
He lies stark and stiff.
Valiant Nakula who saved the world
Holding it aloft at the point of his spear
Protecting it like an umbrella,
Soft and graceful are his shapely limbs
His beauty would mark him
out among a million princes
Full of virtues he was, mighty it, battle
The sky bowed low before him
Paid homage to him, tied a silken
scarf around his head,
Such was the great Nakula
Be not cold to him if he was
your step-brother.
Nakula and Sahadeva loved you
more than all the rest of us
He was your sacred trust,
Your Younger brother,
How can you be cruel towards him?
Fastidious about the Purity of
his lovely body
He would smear on it the
Perfumed sandal paste
If ever a fly chanced to sit on his limbs,
And now look how he lies! The sight
breaks my heart, O Judhisthira!"
"Grieve not over him, O Bhima",
Judhisthira said,
"What is beauty and what is strength in
those who are dead ?
To proclaim to the world
what bodily charms he had
That was Nakula's crime for which he fell,
No Pity should you feel for him,
and no remorse
Leave him to be, come quick, O Bhima."

Gently did Bhima lay Nakula down
And pursue his way,
And so time passed till
some way off from there
Arjuna fell.
"Alas! Alas! O my Arjuna!"
Bhima howled in anguish
As he stopped dead and wept aloud,
Judhisthira came speeding up,
Ploughing with hasty steps
through the snow.
Bhima clasped Arjuna to his bosom,
laid him on his lap,
And rent the air with loud lament
“Behold! O King!”
cried Bhima through his tears,
“Here lies your Arjuna,
By the might of whose arm you had
reigned supreme over the earth,
The noble Arjuna was brother to
every one in the world
The benefactor of all.
He fed Agni to satiety by burning the
invincible Khandava forest.
Restored Indra to his seat in
heaven by killing
His mighty foe, the demon
Nibacha Kapacha,
Killed the demon Gosingha
and so saved your Dwaraka,
Saved the mount Kailasa, seat of
Lord Siva, by killing Kumbheka
All alone in battle, did vanquish
a hundred thousand Kings
And lifted up the seven seas,
the seven worlds
All at the tip of his bow
Spanned the wide ocean with a
bridge of arrows that he shot,
Vanquished the invincible Hanuman
and gladdened the ocean's heart,
Arjuna, the great hero,
the prop which bore your weight
Here he lies, O my brother!
Pause! show him your face.”
Then Judhisthira spoke.

"All qualities that you attribute to Arjuna,
O Bhima", said he, "indeed are true.
You have rightly spoken. But
What does the dead man reck
what is said of him?
No more will our tears bring him
back to life, O Bhima!
No more will he live if we
Hammer on our heads and on our chests.
In frenzied agony give way to
grief and moan.
The great Arjuna, noble and good,
Did many a deed of virtue
And so he could come so far, alive,
Up from the world of which
he was the supreme
Lord, He rose by the force of his merit
Climbed the Mountain of
Snows to this dizzy height.
Now lay him down, my brother,
come with me.
Grieve not, Our grief can no
more bring him back.
And one word more, my Bhima,
know this for your good,
One should not brag of one's
own attainments.
Arjuna heeded not this advice
When wise men told him
he was cross with them,
I conquered the world and made it the empire of
a single King—
Was ever his boast, but should
he have uttered it?
Leave him alone, Bhima, lament
no more for him
No more is he ours. Come away."

Then went the two along,
Judhisthira and Bhima.
Long they traveled over hills and forests,
And then fell Bhima
The air was rent by his fierce yell,
There was the report of a clap of thunder
"Take me along with you, O my master!
My Brother
Cried Bhima in loud anguish,
"Be not hard hearted,
Be kind to me, O King
of the Dynasty of the Moon!"

Judhisthira heard him,
turned his head and looked.
He was full of virtues.
Smiled and said, "Go ye to heaven
As far as your virtues can carry you,
If no further you can come,
lie still and sleep."
Bhima swooned revived again and cried,
"O my master Judhisthira here will I stay!"
Judhisthira looked back again
and Bhima rose
Came running after him on tottering legs
And Judhisthira said,
"Why cringe you for sheer life? Why grieve?
Why all this drivel? Lie quiet."
Bhima heard his comfortless advice,
collapsed, Lay still.

Up and up Judhisthira climbed,
rose to the summit
Of the mountain Himavanta,
the Mountain of Snows
That rose fifty thousand cubits
above the ground below
He stood on its crest, looked down,
He saw Bhima where he lay
Looked up and saw the path that
went to heaven
The path that was trod by the feet of
Three hundred and thirty million gods

He praised the sacred mountain
that had such merit
He saw the true self of the eternal sky
Heard sounds of celestial music
the melody of the instrument dundubhi.
And this is the story how Judhisthira
King among gods, ascended the summit
Of the Himavanta mountain.
Baibaswata Manu, Emperor of the world,
Heard the story from the lips
Of Agasti, a Muni, a saint whom
he then worshipped.

(*From 'Swargarohana Parba' of the Mahabharata*)

Poetcraft

Rajendra Kishore Panda
rajendrakishore@yahoo.com

('Poetcraft' is the text of the speech delivered by Rajendra Kishore Panda in the Writers' Meet organised at New Delhi by Sahitya Akademi (National Academy of Letters, India) on the occasion of presentation of the Sahitya Akademi Awards for 1985. Among other awards and honours he has received are : Governor's Plaque of Honour (Orissa State Council of Culture), Bharatiya Bhasha Parishad Samman (Kolkata), Sahitya Bharati Samman, Bishuba Samman (Prajatantra Prachar Samiti) and Sochi Rautroy Samman. Sambalpur University has conferred on him the degree of D. Litt, honoris causa, for his contribution to literature and learning. He is the Editor-in-chief of Varnamala (http://www.geocities.com/varnamala/). He also edits a web journal titled The Cogitocrat: An Occasional of Thoughts and Expressions (http://www.geocities.com/bororissa/). The Complete Works of Rajendra Kishore Panda (Sada Prusthha) are available in CD-format ($ 12). Rajendra Kishore stays at A-2/43, Banaja Apartment, Ganganagar, Bhubaneswar 751001, Orissa, India.)

If the poet had his way, he would like to break open all doors, cages, prisons, zoos and skies. He would open up the sea-shells, the seeds, the labia, the crevices in the rock. He would command the crimson rivers to rush back to the primordial aorta. He would have razed Indraprastha to shards this morning to build it up, brick by brick, in the evening. He would have lured Mohini to feed amrit to all gods, demons and humans, each according to his hunger. Instead, must he speak about poetry, about creativity? I tend to miss the threads of arguments. Cold logic is anathema to me, moulds I hate. I drop the reins, dismount; my horse gallops away: virile and wild, riderless, directionless, to its Ashwamedhas. I discard theories, sermons and commandments. What can I say about poetry?

Everything has its elements. Earth, water, air and fire must be blended with vyoma. Void is an essential ingredient of art; silence has symbiosis with music and poetry. Maybe, poetry's voyage is towards a state where even silence is silent; but a poet may never reach that stage. And there, in that failure, lies the sweet ache of the creative attempt. The unsaid outweighs the said. Like a rishi falling for the temptress near the peak of penance, the poet goes on splashing words and sounds with silences. His Innisfree remains faraway. To arrive is to die, attainment is finis.

The formation of man out of the pre-sapiens got under way nearly four million years ago with the appearance of proto-humans, the so-called ape men, and culminated with the emergence of homo sapiens. Since rudimentary cultural activities like tool-making were known to the proto-humans, there was an overlap of well over a million years between the inception of culture and the appearance of man (homo-sapiens). Thus culture was not added on a finished animal, it was rather a central component in the production of that animal itself.

Endowed with a richer central nervous system, the homo sapiens interacted with culture more and more, manifest in its significant symbols like rituals, myths, art and language. Man needed these to orient, to communicate and to transcend.

Viewed against this glacial progression in the past and the unimaginable possibilities in the

future, what we call creative literature today seems to be in a fledgeling infancy.

Man is thus an unfinished animal and he tries to both complete and surpass himself through creativity. A Narcissus at the water's edge, he wishes to blow life into his image by the sheer force of gaze and then to pervade the universe with the cosmic ego. Creativity is latent in every man. It is a matter of degree why some men emerge as poets or artists.

And yet, a poet cannot sit down and say: today I shall write my saddest lines, tomorrow my sweetest, and the day after my best. The best lines remain unwritten. In the poetic craft, the evocation and the advent may not meet for months. Despite continual ablutions and penance, many of us do not cross even the stage of initiation-rites during a life-time.

Poetry comes in various ways. It may have a long incubation. It may also come in glimpses: maybe in a visual haze, a truant fragrance, a whiff of whisper, a fleeting memory re-lived in a moment. It keeps on haunting, makes the poet restless. And the seed-lines sprout. Sprigs, foliage, flowers and thorns grow thereafter. Mercifully, the spell is brief. None can endure an endless euphoria : The 'aha' experience, as Arthur Koestler calls it, comes with the moment of truth, the flash of illumination, when the myriad bits of the puzzle click into an unprogrammed pattern, acquire a new meaning. Of course, I would not say that a work of art is all revelation; craft has its role in shaping its nooks and niches.

Man is condemned to meaning. Meaning leads to a maze of interpretations and counter-interpretations. Science does not provide any answer to countless questions. Scientism leads to blind alleys. Between the without and the within, this and not-this, either and or, poetry provides a link language. To discover himself, man has to take birth from moment to moment. Creativity adopts its own obsterics. It keeps alive the sense of wonder of the child playful within the poet. To realise himself, man has to discard all "alibis of unfreedom" including the tyranny of knowledge and reason. The creative man is concerned with transcendence. Transcendence need not always have a 'before' and an 'after'. It may be relational. Transcendence may also be immanent. The 'I' in poetry need not necessarily be personal and singular. Even solitude may be a "form of relatedness", the "soul may be a society".

The poet in action is born and unborn continually. The 'now' and 'here' of poetry includes the 'before' and 'after', 'there' and 'somewhere', the linear and lateral, the vertical and horizontal, the circular and the irregular. True poetry cannot be dated and dead, cannot be classified into old and modern. It rubs off the artifice of history and geography. Such poetry is always contemporary. Immortality is here and now. Vyasa, Homer, Kalidasa, Sarala Das, Bharati, Kumaran, Lorca, Rabindranath, Neruda and Nirala exist here and now. They are all our contemporaries. Perhaps a single poem is being written, continually in installments, by all the poets in their variegated splendour.

Poetry involves the choice of 'wrong' words, sparking on fortuitous juxtaposition, aroused and charged with tangent powers. Poetcraft breaks the dusty rules of grammar, it seems to distort the language; but, in fact, awakens it, rejuvenates it. The poet's voice suffers from lapsus linguae: a delightful imbalance. It transforms earthly lies into meaningful axioms.

I have not clung to any fixed form of presentation. Style is often the other name of self-repetition. Each poem is born with its swaddling-clothes. The relativity of the theme governs the tone and manner of presentation. I do not believe that all poetry must be undertonal; nor should it be all-rhetorics. It may coo or caw or neigh or roar; it all depends on the 'animal' inhering it. The tonal variance may not be needed for monothematic poets; they are constant in their singular devotion. In

others, the male, the rebel, the ascetic, the child, the lover, the jester alternate from time to time. The nature all around and the life, if lived to the hilt, present limitless possibilities for the themes of poetry. As a poet has said, anything that a poet can effectively lift from its dull bed by force of the imagination becomes his material. Anything.

We live in a world with no hiding place, death being the only escape-route. The poet true to his mettle cannot but be moved by the human destiny, the human anguish---"the rush of roots and blood", hunger and penury, the exploitation of man by man. "I have been their hand, their axe, and their mouths-stomach-genitals." The poet owns responsibility. He knows, poetry cannot conjure up any gross, utilitarian remedies. "I have no wish to change my planet", he muses. He affirms life, retrieves the certitude, and espouses an "astikya" in an area of darkness. He upholds a sense of meliorism. The prayer emanating from the creative human, the awareness arising within, represents the collective will and is not wholly futile. The poet prays for more of milk inside the budding paddy, more of silk within the silkworm, more of fire inside the igneous wood, more of sweetness in sugarcane and in honey, more of wine in the 'wine-tree', more of blue, more of moonlight in the sky, more and more of humanism in man.

What is the future of poetry? We have not exhausted the limit of the possible in language and silence. Despite the onslaught of the media, the magistracy and the materialism of the present-day world, poetry will continue to bloom and to burst for quite some time. I am least worried by the alleged proliferation of bad verse. It is no small solace to mankind that many still choose to make verse, howsoever bad, in stead of making bombs. Bad verse is in fact a part of the terrain. Maybe a time will come, when the poet will not record his thoughts merely in words: with the aid of technology, works of art may be presented with varying sounds, animated colour, wafting smells and even aspects of touch and temperature. It will then be possible for the art-lovers to have a fuller understanding through their auditory, visual, olfactory and tactile senses. Maybe a time will come, when the creative and receptive antennae of humans will be so sensitive that poetry will be communicated instantaneously from mind to mind, without any aid. Until then, let us bear with the interplay of words and silences that the fecundity of the earth-matrix surges up from time to time.

--0--



ପଢିଛନ୍ତିକି କୃଷ୍ଣ ପ୍ରସାଦ ମିଶ୍ରଙ୍କ ନାଏଗ୍ରା ଓ ଦେବଯାନୀ ?



ଅରଣ୍ୟରୁ ଅନ୍ୟବାଟ

ପ୍ରଭାକର ଶତପଥୀ

pravakar_satpathy@yahoo.com

(ପ୍ରଭାକର ଶତପଥୀଙ୍କ ଜନ୍ମ ୧୫ ଫେବ୍ରୁଆରି ୧୯୪୨ ମସିହା । ସମକାଳର ଜଣେ ଅଂଗିକାରବଦ୍ଧ କାବ୍ୟଶିଳ୍ପୀ, କଥାକାର ଓ ରଚନାକାର ଭାବେ ସେ ଓଡିଆ ପାଠକଂକ ନିକଟରେ ପରିଚିତ । ତାଂକ ସମସାମୟିକ ସତୀର୍ଥମାନଂକ ଠାରୁ ତାଂକର ନିଆରା ସୃଜନ-ଶୈଳୀ ଓ ଚେତନା ଓଡିଆ କାବ୍ୟସାହିତ୍ୟରେ ଏକ ନୂଆ ପେରଣା କଥା କହେ । ସ୍ୱପ୍ନ ଓ ସ୍ମୃତିର କବି ଭାବେ ପାଦଥାପିଥିବା ପ୍ରଭାକର ଢେର ପରିବର୍ତନ ଆଣିଛନ୍ତି ତାଂକ କାବ୍ୟସ୍ୱରରେ । ବାସ୍ତବତାର ସତ୍ୟକୁ, ମାନବିକ ମୂଲ୍ୟବୋଧର ପଙ୍କାକୁ ଓ ଭଲପାଇବାର ମଂତକୁ ସେ ତାଂକ ମୁଖ୍ୟ କାବ୍ୟସ୍ୱରରେ ପରିଣତ କରିପାରିଛନ୍ତି । ତଳେ ପଡିଯାଉଥିବା ମଣିଷକୁ ଉପରକୁ ଉଠାଇବାର ସଫଳତା ହିଁ ତାଂକର କାବ୍ୟ ସଫଳତା । ସବୁଠି କବିତା, ଓଦାମାଟି, ମଧ୍ୟରାତି, ସିଂହାସନ ଆଦି କବିତା ସଂକଳନ ତାଂକର ସେଇ ସଫଳତାର ଗୋଟାଏ ଗୋଟାଏ ମାଇଲଖୁଂଟ । ଓଡିଶାରେ ବିଭିନ୍ନ ପତ ପତିକାରେ ତାଂକର ଗଳ୍ପ ଓ ରଚନାମାନ ପକାଶିତ ହୋଇଛି । ଆଗାମୀ ଦିନମାନଂକରେ ଭ୍ରମଣ କାହାଣୀ, କେତୋଟି ଉପନ୍ୟାସ, ଅନେକ ଗଳ୍ପ ଓ ତରୁଣ କବି ଓ କଥାକାରମାନଂକ ଉପରେ କିଛି ଆଲୋଚନା ଲେଖିବାର ଖସଡା ସେ ପସ୍ତୁତ କରିରଖିଛନ୍ତି । ସ୍ୱାଧୀନୋତ୍ତର ଭାରତ ବର୍ଷର ଆତ୍ମିକ ସଂକଟକୁ ନେଇ 'ଗଧ' ଶୀର୍ଷକ ଏକ କାବ୍ୟ ରଚନା ତାଂକର ଏକ ଅଭିନବ ପଚେଷ୍ଟା । ସେଥିରେ ସେ ବତୀ ଅଛନ୍ତି । ସଂପତି ସେ ଭାରତ ସରକାରଂକ ସଂସ୍କୃତି ବିଭାଗ ତରଫରୁ ସାହିତ୍ୟରେ ସିନିୟର ଫେଲୋସିପ୍ ପାଇ 'ସାହିତ୍ୟରେ ବିପ୍ଳବ ଓ ଲିଟ୍‌ଲ ମାଗାଜିନ' ଶୀର୍ଷକ ବିଷୟ ଉପରେ ଗବେଷଣାତ୍ମକ ନିବଂଧ ପସ୍ତୁତ କରିବାରେ ଉତ୍ସର୍ଗିକୃତ ଭାବରେ ନିୟୋଜିତ । ତାଂକ ସଂପାଦିତ 'ଅନିଶା ସାହିତ୍ୟପତ' ଏକ ଅଭିଜାତ, ଉଚ୍ଚାଂଗ ସାହିତ୍ୟ ପତିକା ଭାବରେ ଆଦୃତ । 'ଦୂରଦୃଷ୍ଟି' ତାଂକର ଏକ ମନନଶୀଳ ରଚନା ଓ କବିତା ବୃହତ୍ତର ପାଠକ ସମାଜ ପାଇଁ ସନ୍ନିବେଶିତ କରି ଛୋଟିଆ କର୍ତବ୍ୟଟିଏ ପାଳନ କରିଛି ଯାହା । -- ସଂପାଦକ)

ରାଜକୁମାର ଗୌତମ ନଗର ଭ୍ରମଣରେ ବାହାରିଲାବେଳେ ତାଂକର ସକଳ ରାଜକୀୟ ବ୍ୟବସ୍ଥା ତାଂକୁ ଆନଂଦ ମୁଖର ଅନ୍ୟ ଏକ ସାମାଜ୍ୟ ଭିତରେ ମୁକ୍ତ-ବଂଦୀ କରି ରଖିବାର ପଚେଷ୍ଟାରୁ କେବେ ଦୂରେଇଯାଇ ନଥିବ । କିଂତୁ ଘଟଣାର ପବାହ ତା'ର ନିଜସ୍ୱ ବାଟ ଖୋଜି ଖୋଜି ଚାଲିଗଲା । ଆନଂଦ ବା ସୁଖର ପଶ୍ନ ନଥିଲା । ସମଗ୍ର ମହାନଗରୀର ବିସ୍ତୃତ ରାଜରାସ୍ତା ଉପରେ ସେ ଦେଖିଲେ ମୃତ୍ୟୁର ନାଚ । ଜରା, ରୋଗ, ଶୋକ ତା'ର ପବଳ କାୟା ବିସ୍ତାର କରି ଜୀବନ୍ତ ମଣିଷଗୁଡାଂକୁ ଟାଣି ଘୋସାରି ନଉଛି ମୃତ୍ୟୁର ଏକ କଳ୍ପିତ ଅଂଧାର ଭିତରକୁ । ମୃତ୍ୟୁର ଭୟ ତାଂକୁ କବଳିତ କରି ପକାଉଛି । ଏବଂ ସମସ୍ତ ପାଚୁର୍ଯ ଭିତରେବି ସେ ଦୁଃଖ ଓ ଯନ୍ତ୍ରଣା ଭୋଗିବାକୁ ବାଧ୍ୟ ହେଉଛି । ଗୌତମ ଯେତେବେଳେ ଏଇ ଦୁଃଖର କାରଣ ସଂପର୍କରେ ସଚେତନ ହୋଇ ଉଠିଲେ ସେତେବେଳେ ସେ ସୁଂଦରୀ ପତ୍ନୀ, ପାଣ ପିତୁଳା ସନ୍ତାନ ଓ ସର୍ବୋପରି ରାଜସିଂହାସନ ଓ ରାଜସୁଖ ସବୁକୁ ତ୍ୟାଗକରି ଅରଣ୍ୟକୁ ଚାଲିଗଲେ ।

ଅରଣ୍ୟ କହିଲେ ସାଧରଣ ଭାବେ ବୁଝାଯାଏ ଯେ ମାନବେତ୍ତର ପାଣୀ ବାସ କରୁଥିବା ଏକ ଅଞ୍ଚଳ ଯେଉଁଠି ରୁକ୍ଷତା ଓ ଭୟଂକରତା ତାର ଶାଖା ମେଲି ନୂଆ ପତ ଫୁଟାଇବାର ପଚେଷ୍ଟାରେ ଚଞ୍ଚଳ । ସିଂହ ଓ ବାଘମାନଙ୍କ ଭଳି ହିଂସ୍ର ଶ୍ୱାପଦମାନଙ୍କର କୀଡାସ୍ଥଳୀ ମଣିଷମାନଙ୍କର ମୃତ୍ୟୁଶିବିର ଭାବରେ ସଂରକ୍ଷିତ । ସେଇ ଅରଣ୍ୟମାନଙ୍କ ଭିତରେ ଯେ କେଉଁଠି କେଉଁଠି ତପୋବନଟିଏ, ସୁନ୍ଦର ଉଦ୍ୟାନଟିଏ ଦୃଷ୍ଟିଗୋଚର ନହୁଏ ତା' ନୁହେଁ । ଅରଣ୍ୟର ଭୟଂକରତାକୁ, ନିର୍ଜନତାକୁ ତପୋବନଟିଏ ଅସ୍ୱୀକାର କରୁଥିଲେ ବି ସମାଜରେ ବାସ କରୁଥିବା ମଣିଷଟି ପାଇଁ ତାହା ଅଗମ୍ୟ ଓ ନିକାଂଚନ ହୋଇ ରହିଆସିଛି । କେତେବେଳେ କେଉଁ ରାଜା, କେଉଁ ଶିକାରୀ ତାର ଧନୁ, ତୁଣୀର ଧରି ଅରଣ୍ୟ ଭିତରେ ପବେଶ କରିଛି ପାରିଧୀର ଆଟୋପରେ, ଜିଘାଂସାର ପବଳ ପାଶବିକତାରେ । ପୁଣି ଫେରି ଆସିଛି କେବେ ଶିକାରଟିଏ ହାତରେ ଧରି, କେବେ ଶୂନ୍ୟରେ ବା କେବେ ଅରଣ୍ୟ ଭିତରେ ବିକଳରେ ରୋଦନ କରୁଥିବା, କୂଅ ଭିତରେ ପଡି ସଡୁଥିବା

ରାଜକୁମାରୀଟିଏ ବା ମୁନିକୁମାରୀଟିଏକୁ ଉଦ୍ଧାର କରି ତାକୁ ପାଟମହିଷୀ କରିବାର ପବଳ ଲୋଭରେ । ସେଥିରେ ସମଗ୍ର ଜନଜୀବନ ଆନ୍ଦୋଳିତ ହୁଏନାହିଁ, ହିଲ୍ଲୋଳିତ ହୁଏନାହିଁ କି ଅବଶିଷ୍ଟ ସମଗ୍ର ସମାଜ ପାଇଁ ତାହା ରାହାଟିଏ ସୃଷ୍ଟି କରିପାରେ ନାହିଁ । ତେଣୁ ଏହିପରି ବହୁ ଶିକାରର କାହାଣୀ ଓ ଅ-କାହାଣୀ ସୃଷ୍ଟି ହୋଇଛି ଓ ହେଉଥିବ ମଧ୍ୟ, କିନ୍ତୁ ତାହା କସ୍ମିନକାଳେ ଲୋକ-ହୃଦୟକୁ ଆନ୍ଦୋଳିତ କରିପାରିବ ନାହିଁ ।

ଆଜି ସମଗ୍ର ବିଶ୍ୱରେ ଘଟୁଥିବା ବହୁ ଘଟଣାବଳୀ ଆମ ଦୃଷ୍ଟିକୁ ଆସୁଛି । ଏଇ ଯେମିତି ପଇଁଚାଳିଶ ବର୍ଷୀୟା ମା' ଶ୍ରୀମତି ଅଶୁନୀ ଭୌମିକଙ୍କ ସହ ତାଂକର କନ୍ୟା ପତିମା (୧୪ ବର୍ଷ), ତୃଷ୍ଣା (୧୦ ବର୍ଷ), ସ୍ୱପ୍ନା (୮ ବର୍ଷ) ଏବଂ ପୁଅ କାର୍ତିକ (୬ ବର୍ଷ) ଙ୍କୁ ଟାଇବାଲ ନେସନାଲ ଭଲିଣ୍ଟିୟରସମାନେ ନିର୍ମମଭାବେ ହତ୍ୟା କଲେ ଓ ଲେଖା ଛାଡିଦେଇ ଗଲେ 'ଇଣ୍ଡିଆନ ଆର୍ମି ଗୋ ବ୍ୟାକ' । ଏତ ହତ୍ୟା ନୁହେଁ, ବିଭୀଷିକା । ତିପୁରାରେ ଏକଥା ଘଟିଲା ତା ନୁହେଁ । ପତିଦିନ ଚଣ୍ଡିଗଡରେ, ଦିଲ୍ଲୀରେ, ଅମୃତସରରେ, ଜାଫ୍ନାରେ, ବିଶ୍ୱର ବିଭିନ୍ନ ପାନ୍ତରେ ମର୍ମନ୍ତୁଦ ଭାବରେ ଘଟିଚାଲିଛି । ଆଉ ଆମେ ଯିଏ ସହିଦମାନଙ୍କ ସ୍ମୃତିକୁ, ସଂଗ୍ରାମକୁ, ବିପ୍ଳବକୁ ସଂମାନ ଦେଉଛେ ବୋଲି କହୁଛୁ, ବଡ ଚମତ୍କାର ଭାବରେ ଭୀରୁ, କାପୁରୁଷ ଭଳି ତାକୁ ଆଖିବୁଜି ଦେଉଛୁ । ସତେ ଯେମିତି ଏହାହିଁ ଭବିତବ୍ୟ । ପୁଣି ଆମେ ସଭ୍ୟ, ସଜ୍ଞତ ଓ ଚେତନାଦୀପ୍ତ ମଣିଷ । ଏ ନିର୍ମାହତା ଉପରେ ଆକ୍ରମଣ ହବା ପୁର୍ବରୁ ଆମର ସମସ୍ତ ପୌରୁଷ କଣ ଇଚ୍ଛାମୃତ୍ୟୁ ବରଣ କରିନେଇଛି ? ସାଧାରଣ ଜନ-ଜୀବନକୁ ଏପରି ବର୍ବରୋଚିତ ଭାବେ ନିଷ୍ଟିହ୍ନ କରିବାର ଭୟଂକରତା ଆମ ସଂବେଦନଶିଳତାକୁ ବୋଧହୁଏ ସ୍ପର୍ଶ କରୁନାହିଁ । ଆମ ସଭ୍ୟତା ଓ ସଂସ୍କୃତିର ଇଏ ଅନ୍ୟଏକ ବିକଶିତ ଦିଗ ନା ଅନ୍ୟ ଏକ ଅଂଧାର ଗାସ କରିବାର ପାକ୍-କୁହୁଡି । କାହିଁ ଗୋଟିଏ କ୍ଷୀଣ ସ୍ୱରତ ଆଂଦୋଳିତ ହେଉନାହିଁ ଏସବୁ ପାଶବିକତାକୁ ବିଲୋପ କରିବା ପାଇଁ ? ବରଂ ପାଶବିକତା ତାର ଶାଖା ପଶାଖା ଓ ଚେର ବିସ୍ତାର କରି ଚାଲିଛି । ମେଳା ଭିତରେ ହଜିଗଲାଭଳି ଆମେ ପୁଣି କେଉଁ ବୀଭତ୍ସ ଯୌନତା ଭିତରେ ହଜିଯାଉଛେ, ବ୍ୟକ୍ତି ଜୀବନର ଅସ୍ୱାଦ ଭିତରେ ସମାଜ ଜୀବନର ସୌନ୍ଦର୍ଯକୁ ନଷ୍ଟ କରିଦେଉଛେ ।

ଆଉ ଏକ ଘଟଣାର ଅବତାରଣା ଏଠାରେ ଅପାସଙ୍ଗିକ ହେବନାହିଁ । ସ୍ୱାମୀ ପ୍ରଥମେ ତା'ର ସ୍ତ୍ରୀକୁ, ପରେ ନିଜକୁ ପିସ୍ତଲରେ ହତ୍ୟାକରି ମୃତ୍ୟୁ ବରଣ କରିଛନ୍ତି । ଛାଡିଯାଇଛନ୍ତି ଚାରି ବର୍ଷର ଶିଶୁ ସନ୍ତନଟିକୁ । ଇଟାଲିର ଏହି ଦଂପତ୍ତି Giusappe ଏବଂ Patriazia di Conza ନିଜଘରୁ ଏକଶହ କିଲୋମିଟର ଦୂର ଏକ ମୋଟେଲ ଭିତରେ ଆତ୍ମହତ୍ୟା କରିବା ପଛରେ ସେମାନଙ୍କର ଭୟ ଓ ସନ୍ଦେହ ହେଲା ସେମାନେ ଏଡ୍ସ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଏକ ଭୟଙ୍କର ରୋଗ ସେମାନଙ୍କ ମୃତ୍ୟୁର କାରଣ ହୋଇଥାନ୍ତା ଏକଥା ସେମାନେ ସହ୍ୟ କରି ପାରିଲେନାହିଁ । ମୃତ୍ୟୁକୁ ବରିନେଲେ ଆଉ ଏକ ବାଟରେ । ଓଃ, କି ଭୟଂକର ଭୟ ! ସତରେ ସେମାନେ କାହାକୁ ଡରୁଥିଲେ, ରୋଗକୁ ନା ମୃତ୍ୟୁକୁ ? ଡରିବା ବୋଧହୁଏ ଆମର ସହଜାତ । ଆମେ ଜୀବନକୁ, ଯୌବନକୁ, ପ୍ରେମକୁ, ବାର୍ଧକ୍ୟକୁ, ସର୍ବୋପରି ମୃତ୍ୟୁକୁ - ସବୁକୁ ଡରୁଛୁ । ଭୟହିଁ ଆମର ଶିକାରୀ । ଆମେ ତାକୁ ଶିକାର କରି ପାରନ୍ତେନି ? ମୃତ୍ୟୁ ପୂର୍ବରୁ ଦଂପତ୍ତି ଦୁଇଜଣ ଲେଖି ଯାଇଛନ୍ତି - ଆମେ ରୁଗ୍ଣ, ଆମ ସନ୍ତାନର ଦାୟିତ୍ୱ ଆପଣମାନଙ୍କର । ଅପତ୍ୟସ୍ନେହ, ଅଜଣା ମଣିଷରେ ବିଶ୍ୱାସ ଓ ମୃତ୍ୟୁକୁ ଭୟ ! ଏ ତିନି ଭିନ୍ନ ଭିନ୍ନ କଥାକୁ ଗୋଟାଏ ବିଂଦୁରେ କିପରି ଠିଆ କରାଯାଇପାରିବ ?

ଏସବୁ ହେଲା ଆମ ପୃଥିବୀରେ, ଆମ ମାଟିରେ ଘଟୁଥିବା ଘଟଣା । ଏବଂ ଏସବୁ କଥାକୁ ସାମ୍ନା କରୁଥିବା ଲେଖକଟି ତା'ର ବ୍ୟକ୍ତି-ଦୁର୍ଦଶାରୁ ନିଜକୁ ମୁକ୍ତ କରିପାରୁ ନାହିଁ । ନରକ ଭିତରେ ଉବୁଟୁବୁ ହୋଇ ସେଇଟା ଏକ ଅଭିନବ ସ୍ୱର୍ଗ ବୋଲି ବଡ ପାଟି କରି ଥୋବରା ହେଉଚି । ଅରଣ୍ୟରୁ ବହୁ ଦୂରରେ ନିରୋଳା ଡାକବଂଗଳାରେ ସେ ଅରଣ୍ୟର ଫସଲ ଖୋଜୁଚି । ତା'ର ସୃଷ୍ଟିମାନଙ୍କୁ ଅବକ୍ଷୟର ବାଘମୁହଁ ଭିତରକୁ ଠେଲିଦେଇ କାଛୁ କୁଣ୍ଢେଇ ହବାର ଆନନ୍ଦ ଉପଭୋଗ କରୁଚି । ମାଂସ ପାଇଁ, ମାଦକତା ପାଇଁ ଘୋର ଜଙ୍ଗଲ ଭିତରେ ଭୂଆଁ ବୁଲୁଚି ।

ଡାକବଙ୍ଗଳାର ଜାଙ୍ଗଲିକ ଇଲାକାକୁ ପାରିହୋଇ ସେ କଣ ଦିଗନ୍ତ ଆଡେ ତା'ର ଦୃଷ୍ଟିକୁ ନେଇ ପାରିବ ନାହିଁ ? ରାସ୍ତାର ଅଚିହ୍ନା ଲୋକକୁ ଚିହ୍ନା କରି ପାରିବ ନାହିଁ ? ପାରିବ । ପ୍ରଥମେ ରାସ୍ତାର ଲୋକଟି ଆପଣାର ହୋଇଗଲା ପରେ ଶବ୍ଦ ଆଉ ପ୍ରତିବନ୍ଧକ ହୁଏ ନାହିଁ । ଶବ୍ଦର ସ୍ଫୁରଣରୁ ଚିନ୍ତାର ସ୍ଫୁରଣ

ଘଟେ ଓ ସମାନ ମନ୍ତ୍ର ଉଚ୍ଚାରଣ ହେଲାବେଳେ ମମତା ଓ ବଂଧୁତାର ଡୋର ବାନ୍ଧିହୋଇଯାଏ ।

ରାଜକୁମାର ଗୌତମ ଏହିପରି ଜୀବନ ଜିଇବାର ସରଳ ଚର୍ଯାଟିକୁ ଯେତେବେଳେ ବୁଝିଲେ ଓ ଆପଣେଇ ନେଲେ ସେ ସାଧାରଣ ମଣିଷ ପାଇଁ ବୁଦ୍ଧ ହୋଇଗଲେ । ତାଂକର ପ୍ରଜ୍ଞା ତାଂକୁ କୁଚ୍ଛ୍ର ସାଧନାରୁ ଅସଲ ସାଧନା ଆଡକୁ ବାଟ ଦେଖାଇ ଦେଲା । ଅରଣ୍ୟରୁ ଅନ୍ୟ ବାଟ ଖୋଜି ସେ ପୁଣି ମଣିଷ ଗହଣକୁ ଫେରି ଆସିଲେ । ସେ ଯାହା ଶିଖିଲେ, ଯାହା ପାଇଲେ, ଯାହା ଅନୁଭବ କଲେ ତାକୁ ଜନ ସମୁଦାୟକୁ ବାଂଟି ଚାଲିଲେ । ଧମ୍ମ, ସଂଘ ଓ ବୁଦ୍ଧ ତୀକ୍ଷ୍ଣ କ୍ଷୁରଧାରର ରାସ୍ତାରେ ଏକ ହୋଇଗଲେ ଓ ସମଗ୍ର ବିଶ୍ୱକୁ ହଜି ଯାଉଥିବା, ନିଭି ଯାଉଥିବା ଆଲୋକଟିକୁ ଦେଖାଇ ଦେଲେ । ଲଂଠନଟିକୁ ତେଜିଦେଲେ, ତାହା ସକାଳର ସୂର୍ଯ ପରି ପ୍ରତିଭାତ ହେଲା । ସାଧନାର ମାର୍ଗ, ଭଲପାଇବାର ବିଶ୍ୱ ଖସିପଡୁଥିବା ଅସହାୟ ମଣିଷକୁ ମୁକ୍ତିର ବାଟଟି ଦେଖାଇ ଦେଲା । ମୁକ୍ତି ଆଉ ଅପହଂଚ ହେଲା ନାହିଁ କାହା ପାଇଁ । କାମନା ତାକୁ ଜର୍ଜରିତ କଲା ନାହିଁ, ମୃତ୍ୟୁ ତାକୁ କବଳିତ କଲା ନାହିଁ ।

ଆଜିର ମଣିଷ ଏ ସତ୍ୟକୁ ଯଦି ଉପଲବଧି କରେ ଓ ତାହା ନିଜ ଜୀବନର ସତ୍ୟ ବୋଲି ଗୋଟାଏ ମୁହୂର୍ତରେ ବୁଝିଯାଏ, ଆମ ପୃଥିବୀ ବି ଆଉ ଏକ ଜାଂଗଲିକ ପୃଥିବୀ ହୋଇ ରହିବ ନାହିଁ । ଅଣୁ ପରମାଣୁ ଅସ୍ତ୍ରର ଅଧିକାରୀ ହେବା ପାଇଁ ପାଗଳର ରଣପା ଯାତାର ଆବଶ୍ୟକତା ପଡିବ ନାହିଁ । ସକାଳ ପରି, ଜହ୍ନରାତି ପରି ହସ ହସ ପୃଥିବୀଟିଏ, ରଣଭୂମି ନୁହେଁ, ଆମ ଜୀବନ ଯାତାର ବିସ୍ତୃତ ଅଗଣାଟିଏ ହୋଇଯିବ ଓ ଆମେ କହିବା - 'ଜୀବନରେ ସୁଆଦ ଅଛି, ଦୁଃଖ ନାହିଁ, ମରଣ ନାହିଁ ।'

-o-

ଘରଟାରେ ତାଲା ପଡ଼ିଛି

ପ୍ରଭାକର ଶତପଥୀ

ଘରଟାରେ ତାଲା ପଡ଼ିଛି
ଚାବିକାଠି କେଉଁଠି ଅଛି ?
ସାମ୍ନାଟା ଶୂନ୍‌ଶାନ୍ ଲାଗୁଛି ।

କେବେଠୁଁ ଗଲେଣି ସେମାନେ କେଜାଣି,
ଘର ଆଗରେ ଅନାବନା ଗଛ ବଢିଲାଣି
ପିଂପୁଡ଼ିର ଧାର ଘରଭିତରକୁ ଲଂବି ଗଲାଣି ।

କିଏ ଭିତରେ ଅଛିକି ?

କିଳା କବାଟ ଟପି କଥା ପଦାକୁ ଆସୁନି
କଥା ସେଠି ପହଂଚି ପାରୁନି ।

ଭିତରେ ଟିକ୍ ଟିକ୍ କରୁଥିବା ଘଂଟା ବଂଦ
ଘର ବାହାରେ ଫୁଟିଥିବା ଲାଲ୍ ଗୋଲାପ
ମଉଳି ଗଲାଣି ।

ଲାଗୁଛି ଭିତରେ କିଏ ଗଡୁଛି ଭାଂଗୁଛି
ଭାଂଗୁଛି ଗଡୁଛି ।

କିଏ ମତେ ଚାବିକାଠିଟା ଦବ ଯେ
ଦେଖିବି ମଲା ମା'ର ପେଟରେ
କିମିତି ଜିଅଂତା ଛୁଆଟା ଛଟପଟ ହେଉଛି
ପଦାକୁ ବାହାରି ଆସିବ ବୋଲି
ଟହଟହ ଦିଶୁଛି ।

ଘରଟାରେ ତାଲା ପଡ଼ିଛି ।

pravakar_satpathy@yahoo.com

ଶ୍ରୀ ଜୟଦେବଙ୍କ ରସାଳ ରଚନା

(ଓଡ଼ିଶାର ଏହି ଅତୁଳନୀୟ କବିଙ୍କ ରଚନା ସରଳ, କୋମଳ ଓ ରସାଳ ଏବଂ ଓଡ଼ିଆ ସାହିତ୍ୟର ଉତ୍କର୍ଷତା ଏହି ରଚନାଗୁଡିକ ହେତୁ ଏତେ ପ୍ରାଚୀନ ଐତିହ୍ୟର ଅଧିକାରୀ ବୋଲି ସାବ୍ୟସ୍ତ ହୁଏ । ମୋର ପ୍ରକାଶୋନ୍ମୁଖୀ ପୁସ୍ତକ 'ଶ୍ରୀଜୟଦେବଙ୍କ ରସାଳ ରଚନା'ରେ ସନ୍ନିହିତ ହୋଇଛି ସବିଶେଷ ତଥ୍ୟ। ତାଙ୍କ ରଚିତ ଅଷ୍ଟପଦୀଗୁଡିକ କିପରି ବୌଦ୍ଧ କାମବଜ୍ରଯାନର ସହାୟକ ସାହିତ୍ୟ ଭାବେ ହିଁ ପରିସୃଷ୍ଟ ହୋଇଥିଲା ତାହା ସାଧାରଣ ଲୋକଙ୍କ ସମ୍ମୁଖରେ ରଖିବାପାଇଁ ମୁଁ ସେଗୁଡିକର ମର୍ମାନୁବାଦ କରିଛି ଓଡ଼ିଆ ଭାଷାରେ କବିତା ଆକାରରେ। - ସୁଭାଷ ଚନ୍ଦ୍ର ପଟ୍ଟନାୟକ)

(A journalist of four decades standing, Subhas Chandra Pattanayak is known for his socio-cultural analysis and investigative reporting. He is the first online journalist of India to have been accredited by Government. He is the Editor-in-chief of orissamatters.com a odia news portal - Editor)

ପଞ୍ଚମ ପ୍ରବନ୍ଧର ଅନୁବାଦ

ଅନୁବାଦକ: ଶ୍ରୀ ସୁଭାଷ ଚନ୍ଦ୍ର ପଟ୍ଟନାୟକ

ସଜନିରେ! ଏଇ ରଜନୀରେ ରତି ମନାସିରେ
କୁଂଜ କୁଟୀରେ ନିଭୃତେ ଧୀରେ ପ୍ରବେଶିରେ
ଚାହେଁ ଦଶ ଦିଶି, କାହିଁ ତ ନ ଦିଶି କେଶିନାଶୀ
ଆସେନା ସେ ପାଶେ ମିଳନପିଆସି ହସି ହସି।
ସହି ହୁଏନାରେ ସହି! ଆଉ ତିଳେ ଦୂରତାରେ
ରମଣ କରାଅ ମଦନ ଗୋପାଳେ ଆଣି ମୋରେ।।୧।।

ସଜନୀରେ! ଏବେ ମନେପଡେ ଯେବେ ପ୍ରଥମରେ
ସମାଗମକାଳେ ସଡିପଡିଥିଲି ସରମରେ
ମୃଦୁ ମଧୁ ହାସେ ବିମୋହି ମାନସ ଚାଟୁଗିରେ
ଖୋଲିଦେଇଥିଲେ ଜଘନୁ ସେ ଗୋ ମୋ ଦୁକୂଳରେ।।୨।।

ସଜନୀରେ! ଯେବେ କିସଳୟ ଶେଯେ ପ୍ରେମ ଭୋଳେ
ଥିଲି ଶୋଇ, ସେ ତ ଶୋଇଥିଲେ ମୋର ବୁକୁପରେ
ବାହୁପାଶେ ଭିଡି ଓଠେ ଯେବେ ତାଙ୍କ ଚୁମିଲିରେ
ପ୍ରତ୍ୟୁତ୍ତରେ ସେ ଚୁମିଗଲେ ମୋତେ ନିରତିରେ।।୩।।

ସଜନୀରେ! ଯେବେ ପ୍ରେମାଳସଭରା ଲୋଚନରେ
ଚହିଁଲି, ଜାଗିଲା ପୁଲକ ସେ ଚାରୁ କପୋଳରେ।
ସେ ଯେବେ ଚାହିଁଲେ ଶ୍ରମଜଳଭିଜା ମୋ ତନୁରେ
କାମାନଳ ତାଙ୍କ ବୁକେ ବା ଜଳିଲା ଦିଗୁଣରେ।।୪।।

ସଜନୀରେ! ଯେବେ ରତି ଲୋଡି କଲି କୂଜନରେ
ସେ ତ ଟପିଗଲେ ମଦନ ତନ୍ତ୍ରେ ପ୍ରମୋଦରେ।
ବିଶ୍ଳଥ କେଶପାଶୁଁ ମୋର ଖସୁଁ କୁସୁମରେ
ଘନ ଉରଜେ ମୋ ନିହିଲେ ଚନ୍ଦ୍ର କରଜରେ।।୫।।

ସଜନୀରେ! ଯେବେ ରତିମତ୍ତ ମୋ ଚରଣରେ
ରଣି ଉଠିଥିଲା ନିକ୍ୱଣ ମଣିନୂପୁରରେ
ମୁଖର ମେଖଳା ମାତି ଉଠିଥିଲା କଟିଦେଶେ
ସୁରତ ବିତାନେ କେଶଟାଣି ମୋର କାମବଶେ
ଚୁମ୍ବନ କରିଥିଲେ ସେ ତ ଅତି ଆବେଗରେ
ରମଣ କରାଅ ମୋରେ ସଜନୀ! ସେ କେଶବରେ।।୬।।

ସଜନୀରେ! ଆଜି ଏ ରାତିରେ ରତି ନିଶା ଭୋଳେ
ରସାଳସା ମୋର ତନୁଲତା ଅବା ଭାଜିପଡେ।
ଉଦିତ ଅତନୁ ସେ ମଧୁସୂଦନ ନୀଳଦେହୀ
ଆଣି ଏବେ ମୋତେ ରମଣ କରାଅ; ଆଉ ସହି
ନ ହୁଏ ବିଚ୍ଛେଦ; ଦରମୁକୁଳିତ ପଦ୍ମଆଖି
ଟାଣିନିଏ ମନ, ଟାଣିନିଏ ପ୍ରାଣ ପ୍ରିୟ ସଖି! ।।୭।।

ମଧୁରିପୁ ନିଧୁବନର ଏ ମଧୁ ବିବରଣୀ
ରାଧିକା ଅଧୀର ଅଧରେ ଯହିଁର ରୂପ ଟାଣି
ପରଷିଲେ କବି ଶ୍ରୀ ଜୟଦେବ ଏ ଗୀତରସେ
ବିତରୁ ତା ସୁଖ ଲୋକେ ନିରନ୍ତର ଦିଶେ ଦିଶେ।।୮।।

VR-32, Unit-6, Bhubaneswar-751001
e-mail:scpattanayak@dataone.in

ଓଡ଼ିଶା

ତୁହିନାଂଶୁ ରଥ, କଣ୍ଟିଗଡିଆ, ଯାଜପୁର

(ତୁହିନାଂଶୁ ରଥ: ତରୁଣ ପିଢୀର ପ୍ରତିଶ୍ରୁତିବଦ୍ଧ କବି । ବିଗତ ଦୁଇ ଦଶନ୍ଧି ଧରି ବିଭିନ୍ନ ଓଡ଼ିଆ ପତ ପତିକାରେ ତାଂକର କବିତା ପକାଶିତ ହୋଇ ଆସୁଛି । ଏଯାବତ୍ ଦୁଇଟି କବିତା ସଂକଳନ ନାଭି ନକ୍ଷତ୍ର ଓ ଅତୁଠଶିଳା ପ୍ରକାଶିତ । ବୃତ୍ତି ଅଧ୍ୟାପନା ।)

ଏପିଲ ପହିଲା ଆସିଲେ
ଲାଗେ ଯେମିତି ଧୂଳି ଝଡରେ
ମୁଁ ଗୋଟେ ତସ୍ତ ଆଖି
ଖୋଲି ହୁଏନି, ଖୋଲି ନ ହୋଇ
ରହି ପାରେନି ।

ଓଡିଶାକୁ ଏଯାଏ ଚିହ୍ନିପାରିଲି ନାହିଁ
ବାରି ପାରିଲି ନାହିଁ ଭାଗବତ ଟୁଙ୍ଗୀର
ମିଞ୍ଜି ଆଲୁଅରେ
ଭାଇମାନଙ୍କ କରତାଳରେ ଶାଣ ହେଉଥିବା
ଭଗାରିମାନଙ୍କ କରବାଳ ।

ଦୟା ନଦୀର ଡେଉରେ
ଉବୁଟୁବୁ ଏ ଜହ୍ନ କିରଣ
କେଉଁ ପାଇକ ବିଧବାର ଶାଢି !

ପବନରେ ଖୋଲି ଯାଉଥିବା
ଏ ପତିତପାବନ ନେତ
କେଉଁ ଦେବଦାସୀର
ଲୁହ ଅଲରା ଚିଠି ?

ସେଦିନ ସଭାରେ ସଭିଏଁ ମୁଖସ୍ଥ କଲେ
'ଓଡ଼ିଶା', 'ଓଡ଼ିଶା', 'ଓଡ଼ିଶା'
ମରୁଡ଼ି, ଋଣଯନ୍ତା, ଷଡେଇକଳା, କଳପାହାଡ
ଭୋକରେ ତିଆରି
ଭୋଟ୍‌ବାକ୍‌ସର ଓଡ଼ିଶୀ - ଓଡ଼ିଶା ।

ଅନେକ ଦିନରୁ ବୁଝି ପାରୁନି
ଓଡ଼ିଶା କେମିତି ବନ୍ଦ ହୁଏ,
ଓଡ଼ିଶା କ'ଣ କେଉଁ ଶାସକର
ନାଲିବତୀ ଗାଡ଼ି ?
ନା ବାବୁଙ୍କ ଟେବୁଲ ଉପରେ
ମଡ଼ ହୋଇଥିବା ଫାଇଲ୍ ?

ଅନେକ ଦିନରୁ ବୁଝି ପାରୁନି
ମଧୁବାବୁର ସ୍ୱାଭିମାନ ଯେଉଁଘରର କବାଟ
ଗୋପବନ୍ଧୁର ହାଡ ଯାହାର ଚଟାଣ
ଭୀମଭୋଇର ଛଳଛଳ ପାର୍ଥନା
ଯେଉଁ ଘରର ସଞ୍ଜ ଆଳତି
ସେ ଘର କେମିତି ବନ୍ଦ ହୁଏ
ପରିତ୍ୟକ୍ତ ଡାକବଙ୍ଗଳାଟେ ପରି !

-0-

ଅଭଦ୍ର ଲୋକ

ପରେଶ କୁମାର ପଟ୍ଟନାୟକ, ଭୁବନେଶ୍ୱର

(ପରେଶ କୁମାର ପଟ୍ଟନାୟକ: ଜଣେ ସଚେତନ କଥାଶିଳ୍ପୀ ଭାବରେ ପରେଶ ଓଡ଼ିଆ କଥା ସାହିତ୍ୟକୁ ଗୋଟାଏ ନୂଆ ମୋଡ ଦେବା ପାଇଁ ସମର୍ଥ ହୋଇଛନ୍ତି । ପିଲାଦିନକୁ ଶୀର୍ଷକ କରି ଲେଖିଥିବା ତାଂକର ଅନେକ କାହାଣୀ କ୍ଲାସିକ୍ ପର୍ଯାୟର । ସାବଲିଳ ପ୍ରକାଶଭଂଗୀ ଓ କଥା କହିବାର ଚାତୁରୀ ତାଂକ କାହାଣୀକୁ ଗତିଶୀଳ କରିଥାଏ । ତାଂକ କଥାର କାନଭାସ୍ ବି ବିସ୍ତାରିତ । ତାଂକର ପ୍ରଥମ ଗଳ୍ପ ସଂକଳନ ଛାୟାପୁରୁଷ ୧୯୯୧ ରେ ପ୍ରକାଶିତ ହୋଇଥିଲା ଓ ତାପରେ ତାଂକର ଚାରୋଟି ଗଳ୍ପ ସଂକଳନ ପ୍ରକାଶ ପାଇଛି, ଦୁଇଟି ଉପନ୍ୟାସବି । ବିଭିନ୍ନ ଭାରତୀୟ ଭାଷାରେ ତାଂକ ଗଳ୍ପ ଅନୁଦିତ ହୋଇ ପ୍ରଶଂସା ଲାଭ କରିଛି । 'ଦୂରଦୃଷ୍ଟି' ରେ ଆମେ ପ୍ରକାଶ କରିଥିବା ତାଂକର 'ଅଭଦ୍ରଲୋକ' ରେ ତାଂକ ବ୍ୟଂଗ୍ୟାତ୍ମକ ଦୃଷ୍ଟିଭଂଗୀ ପାଠକମାନଙ୍କୁ ରସାପ୍ଲୁତ କରିବ ବୋଲି ଆମର ବିଶ୍ୱାସ - ସଂପାଦକ)

ତାଙ୍କ ତରଫରୁ ହିଁ ସେ ମୋତେ ସାକ୍ଷାତ କରିଥିଲେ।

ଘର ଖୋଜି ଖୋଜି ଆସି ପହଞ୍ଚିଥିଲେ ଗୋଟେ ମଧ୍ୟାହ୍ନରେ। ମୁଁ କିଛି ପଚାରିବା ପୂର୍ବରୁ ହାତ ଯୋଡ଼ି ନମସ୍କାର କରିଥିଲେ। ଅତ୍ୟନ୍ତ ନମ୍ର ସ୍ୱରରେ ପ୍ରକାଶ କରିଥିଲେ ନିଜର ଅଭିଳାଷ।

କହିଥିଲେ : ଗୋଟେ ବହି ଲେଖୁଛି। ଉପନ୍ୟାସଟିଏ। ଆପଣ ମୁଖବନ୍ଧଟିଏ ଲେଖିଦେବେକି ?

ମୁଁ ହାତ ଯୋଡ଼ି ଦେଇଥିଲି।

କହିଥିଲି : ମତେ କ୍ଷମା କରିବେ। ମୁଁ ସାମାନ୍ୟ ଜଣେ ଲୋକ। ଆପଣ ଆଉ କାହା ପାଖକୁ ବରଂ ଯାଆନ୍ତୁ। ଭଲ ହେବ। ବହୁ ବିଶିଷ୍ଟ ଗୁଣୀ ଲେଖକ ଆମ ରାଜ୍ୟରେ ଅଛନ୍ତି।

ସେ ଅତ୍ୟନ୍ତ ବିନୟୀ ।
କହିଲେ : ମୁଁ ଚାହେଁ ଆପଣ ମୁଖବନ୍ଧଟା ଲେଖିବେ। ବିଶେଷ କିଛି ଅସୁବିଧା ନ ଥିଲେ ହଁ କରିଦିଅନ୍ତୁ ନା !

ତାଙ୍କର ଅନୁନୟ ବେଶ୍ ମାର୍ମିକ ଥିଲା । ସେ ବୟସରେ ଷାଠିଏ ପାଖାପାଖି । ମାର୍ଜିତ ବେଶଭୂଷା । ଆଖିରେ ସୁନା ଫ୍ରେମ୍ର ଚଷମା । କ୍ଲିନ୍ ସେଭ୍ଡ ମୁହଁ। ବାଳ ପାଚି ଆସିଛି କିନ୍ତୁ ଚଂଗ ଦିଆହେଇ ସଯତ୍ନେ କୁଣ୍ଡା ହେଇଛି। ତାଙ୍କର ବସିବାର ଭଂଗୀ, କଥା କହିବାର ଠାଣୀ ଭାରି ଅଭିଜାତ।

ତାଙ୍କ ସହିତ ଯୁକ୍ତିତର୍କ କରିବା ବା ଆଉ ଅଧିକ ଗୋଡ଼ ଲମ୍ବେଇବା ଠିକ ହେବନି ବୋଲି ମନେ କଲି।
କହିଲି : ପାଣ୍ଡୁଲିପି ଆଣିଛନ୍ତି ?
ସେ କହିଲେ : ନା !
କହିଲି : ପାଣ୍ଡୁଲିପି ତ ଆଣି ନାହାନ୍ତି । ମୁଖବନ୍ଧ ଲେଖିବି କେମିତି ?

ସେ କହିଲେ : ପାଣ୍ଡୁଲିପିଟା ବଡ଼ କଥା ନୁହେଁ । ମୁଖବନ୍ଧଟା ବି ଗୁରୁତ୍ୱପୂର୍ଣ୍ଣ ନୁହେଁ। ବଡ଼ କଥା ହେଲା ମୋର ଏଇ ଲାଇନ୍କୁ ଆସିବା।

ମୁଁ ଠିକ୍ ଭାବରେ ବୁଝିପାରିଲି ନାହିଁ ତାଙ୍କର କଥା। କେମିତି ରହସ୍ୟମୟ ମନେ ହେଉଥିଲା ତାଙ୍କର ସ୍ୱଗତ ସଂଳାପ।

ପଚାରିଲି : ଆପଣଙ୍କ କଥାଟା ବୁଝି ହେଲାନି।
ସେ ସୋଫା ଉପରେ ଆଉଜି ପଡ଼ିଲେ ସ୍ୱସ୍ତିରେ।
କହିଲେ : ଏ ସବୁ ମୋର ଚାଳିଶ ବର୍ଷର ସ୍ୱପ୍ନ। କଥାଟା ବୁଝିବାକୁ ହେଲେ ସମୁଦାୟ କଥା ଶୁଣିବାକୁ ହେବ। ଆପଣଙ୍କ ପାଖରେ ସମୟ ଅଛି ତ ?

ଚାଳିଶ ବର୍ଷର ସ୍ୱପ୍ନ ? କଥାଟା ଭାରି ରୋମାଞ୍ଚକର ମନେ ହେଲା। ମୁଁ ସବିଶେଷ ଜାଣିବାକୁ ଆଗ୍ରହ ପ୍ରକାଶ କଲି।

ସେ ସଳଖ ହେଇ ବସିଲେ। ତାଙ୍କର କାହାଣୀ ଆରମ୍ଭ କଲେ।

କହିଲେ : ମୋର ନାମ ଜିତେନ୍ଦ୍ର ପ୍ରଧାନ। ମୁଁ ଜଣେ ଲେଖକ। ମାନେ ଲେଖକ ଥିଲି। ଏବେ ଲେଖକ ଅଛି କି ନାଇଁ ଜାଣେନା ! କଲେଜରେ ପାଠ ପଢ଼ିଲା ବେଳେ ଲେଖୁଥିଲି । ସେତେବେଳେ ସ୍ୱପ୍ନ ଦେଖୁଥିଲି ବଡ଼ ହେଲେ ଲେଖକ ହେବି। ଖୁବ୍ ବଡ଼ ଲେଖକ ହେବି। ସେ ସବୁ ଚାଳିଶ ବର୍ଷ ତଳର କଥା। ମୁଁ ସେତେବେଳେ ଯାହା ଲେଖୁଥିଲି, ସବୁ ବିଭିନ୍ନ ପତ୍ରପତ୍ରିକାକୁ ପଠଉଥିଲି। କିନ୍ତୁ ସେସବୁ ପ୍ରକାଶ ପାଉ ନଥିଲା। ମୁଁ ହତାଶ ହେଉଥିଲି। କିନ୍ତୁ ଦବି ଯାଉନଥିଲି। ମୋର ଆତ୍ମବିଶ୍ୱାସ ଥିଲା, ଦିନେ ନା ଦିନେ ମୋ

ଲେଖା ପ୍ରକାଶ ପାଇବ। ଦିନେ ନା ଦିନେ ମୋତେ ଲୋକେ ଚିହ୍ନିବେ। ମୋତେ ସ୍ୱୀକୃତି ମିଳିବ। ମୁଁ ବଡ଼ ଲେଖକ ହେବି।

ଏଇ ଯେଉଁ ଉପନ୍ୟାସର କଥା କହୁଚି, ତା'ର କାହାଣୀଟି ଭାବିଥିଲି ସେତିକିବେଳେ। ମାତ୍ର ଚାଳିଶ ବର୍ଷ ବିତିଗଲା କେମିତି କେଜାଣି। ଉପନ୍ୟାସଟି ଲେଖା ହୋଇ ପାରିଲାନି। ଏଇ ଚାଳିଶ ବର୍ଷ ଧରି ମୁଁ କିଛି କମ୍ ଛଟପଟ ହେଇନି। କାହାଣୀଟି ମୋ ଛାତି ଭିତରେ କିଛି କମ୍ ଉପଦ୍ରବ କରିନାହିଁ। ମୁକ୍ତି ପାଇଁ । ଆତ୍ମପ୍ରକାଶ ପାଇଁ। ମାତ୍ର ତାହା ସମ୍ଭବ ହୋଇ ପାରିଲା ନାହିଁ। ପରିସ୍ଥିତି ତାହା ହେବାକୁ ଦେଲା ନାହିଁ।
ଜିତେନ୍ଦ୍ରବାବୁ ଦମ୍ ନେଲେ।

ମୁଁ ପଚାରିଲି : ଆପଣ ଚାଳିଶ ବର୍ଷ ଧରି କରୁଥିଲେ କ'ଣ ?
ସେ କହିଲେ : ସେଇ କଥା ତ ଆପଣଙ୍କୁ କହୁଚି। ସବିସ୍ତାର କହୁଚି। କଲେଜରୁ ବାହାରିଲା ପରେ ମୋ ଆଗରେ ସମସ୍ୟାର ପାହାଡ଼ ଠିଆ ହେଇଗଲା। ମୁଁ ସେମିତି କିଛି ଭଲ ଛାତ୍ର ନଥିଲି। ମୋତେ କୌଣସିଠି ଚାକିରି ବାକିରି ମିଳିଲା ନାହିଁ। ଘରର ଆର୍ଥିକ ଅବସ୍ଥା ଭଲ ନ ଥିଲା। ମୁଁ କ'ଣ କରିବି। କେମିତି ରୋଜଗାରର ରାସ୍ତା ପାଇବି ଏଇ ଚିନ୍ତାରେ ଥାଏ।

ରେଲ୍ୱେ ଷ୍ଟେସନର ଗୋଟେ ବୁଲା ବହି ଦୋକାନୀ ସହିତ ବଂଧୁତା କରିଥିଲି। ଉଦ୍ଦେଶ୍ୟ ଥିଲା ବିନା ଖର୍ଚ୍ଚରେ ଖବର କାଗଜ ପଢ଼ିବା, ଖବର କାଗଜରୁ ଚାକିରୀର ବିଜ୍ଞାପନ ସଂଗ୍ରହ କରିବା ଏବଂ ବିଭିନ୍ନ ସାଧାରଣ ଜ୍ଞାନ ସମ୍ବଳିତ ପତ୍ରପତ୍ରିକା ପଢ଼ିବା । ପ୍ରାୟ ସମୟ ମୁଁ ସେଇ ଦୋକାନରେ ବସି ପଢ଼ାପଢ଼ି କରୁଥିଲି। ଦିନେ ଲକ୍ଷ୍ୟ କଲି ବହି ବିକା ସହିତ ତାଙ୍କର ଆଉ ଗୋଟେ ଗୋପନୀୟ ବ୍ୟବସାୟ ବି ରହିଛି। କାରଣ ଜଣେ ଜଣେ ଗରାଖ ଆସୁଥିଲେ ଯୋଉମାନେ ପତ୍ରପତ୍ରିକା କିଣୁ ନଥିଲେ। ଆଖିର ଚାହାଣୀରେ ପଚାରୁଥିଲେ "ଅଛି?" ବହି ଦେକାନୀ ଗରାଖ ମୁହଁକୁ ନିରେଖିକି ଚାହୁଁଥିଲା କିଛି ସମୟ। କହୁଥିଲା ଟିକେ ଅପେକ୍ଷା କର। ତା'ପରେ ବହି ଦେକାନୀ ଦୋକାନ ଛାଡ଼ି କୁଆଡ଼େ ଗୋଟେ ଯାଉଥିଲା। ଫେରିଆସି ଗରାଖ ହାତରେ ଗୁଂଜି ଦେଉଥିଲା କିଛି ଓ ପୁଣି ଆସି ବହି ଦୋକାନରେ ବସି ଯାଉଥିଲା।

ଦୃଶ୍ୟଟି ମୋତେ ରହସ୍ୟମୟ ମନେହେଲା ଓ ମୁଁ ସେ ରହସ୍ୟ ଭେଦ କରିବାକୁ ଇଚ୍ଛା କଲି। କିଛି ଦିନ ଦୃଶ୍ୟଟିକୁ ଦେଖିଲି, ବିଶ୍ଳେଷଣ କଲି ।

ବହି ଦୋକାନୀକୁ ଶେଷରେ ପଚାରିଲି: ଆଉ ଗୋଟାଏ କ'ଣ କାମ କରୁଚ କି ?

ସେ କହିଲା: ସେ ସବୁ ଗୋପନ କାର୍ଯ୍ୟ ।
ମୁଁ ପଚାରିଲି : କଣ ସେଇ ଗୋପନ କାର୍ଯ୍ୟଟି।
ସେ କହିଲା: ସେ ସବୁ ଅଶ୍ଳୀଳ ବହିର ବେପାର ।
ସେ ତା'ର ସଫେଇ ଦେଲା, ସାଧାରଣ ବହି କମ୍ ବିକ୍ରୀ ହୁଏ। କମିଶନ୍ ବି ବହୁତ କମ୍। ସେ ଦୃଷ୍ଟିରୁ ଅଶ୍ଳୀଳ ବହିର ଚାହିଦା ଅଧିକା ଓ କମିଶନ ବି ଅଧିକା।

ମୁଁ ସବୁଠୁ ବେଶି ଆଶ୍ଚର୍ଯ୍ୟ ହେଲି ଯେତେବେଳେ ସେ କହିଲା ପତ୍ରପତ୍ରିକା ବିକ୍ରୀରୁ ସେ ଯେତିକି ଆୟ କରେ ଅଶ୍ଳୀଳ ବହି ବିକ୍ରୀରୁ ସେ ତା'ର ଦୁଇଗୁଣା ମୁନାଫା ପାଇଥାଏ। ଅଶ୍ଳୀଳ ବହିର କଷ୍ଟ ଅଫ୍ ପ୍ରଡକସନ୍ ଯାହା, ତାହା ବିକ୍ରୀ ହେଉଥିଲା ଦଶଗୁଣା ଦାମରେ।

ମୁଁ ତାଙ୍କଠୁ ଗୋଟେ ଅଶ୍ଳୀଳ ବହି ମାଗିନେଇ ଘରକୁ ଗଲି । ରାତିରେ ଗୋପନରେ ବହିଟା ପଢ଼ିଲି। ବହିରେ ନାରୀ ପୁରୁଷ ଯୌନମିଳନର ରୁଚିହୀନ ବର୍ଣ୍ଣନା ଥିଲା। ସବୁ ନିଷିଦ୍ଧ ଓ ଅଭଦ୍ର ଶବ୍ଦ ବ୍ୟବହାର କରା ଯାଇଥିଲା। ସର୍ବୋପରି ବହିଟା ଥିଲା ଉତ୍ତେଜନା ଦେବାଭଳି ଗୋଟେ ସାମଗ୍ରୀ।

ପରଦିନ ବହି ବିକାଳୀଙ୍କୁ ବହିଟା ଫେରେଇ ଦେଲି। କହିଲି, ମୁଁ ଯା'ଠୁ ଭଲ ଲେଖିପାରିବି।

ଯଦିଓ ସେକଥା କହିଲାବେଳେ ମୁଁ ବୁଝି ନ ଥିଲି 'ଯା'ଠୁ ଭଲ ମାନେ କ'ଣ ? ବହି ବିକାଳୀ ବନ୍ଧୁ କ'ଣ ବୁଝିଲେ କେଜାଣି, କହିଲେ, "ଖାଲି କହିଦେଲେ ହେବନି। ଲେଖି ପାରିବ ତ !"

ମୁଁ ଚ୍ୟାଲେଞ୍ଜ ଭଳି ଗ୍ରହଣ କରି ନେଲି କଥାଟା ।

ମୁଁ ଘରକୁ ଫେରି କାଗଜ କଲମ ଧରି ଲେଖିବାକୁ ବସିଗଲି। ସେତେବେଳେ ବହୁ ପତ୍ରପତ୍ରିକାରୁ ପ୍ରତ୍ୟାଖ୍ୟାତ ମୋର ଗପର ପାଣ୍ଡୁଲିପି କଥା ମନେ ପଡ଼ିଲା। ମୋ ପରି ଜଣେ ନବ ଲେଖକ ପ୍ରତି ପ୍ରତିଷ୍ଠିତ ଲେଖକମାନଙ୍କର ସ୍ନେହହୀନ ଆଚରଣ ଓ ଉପେକ୍ଷା କଥା ମନେ ପଡ଼ିଲା। ସବୁ ଉପେକ୍ଷା ଓ ଅପମାନ ମିଶି କ୍ରୋଧରେ ପରିଣତ ହେଲା ଓ ସେଇ କ୍ରୋଧରେ ମୁଁ ଯାବତ୍ ଅଭଦ୍ର କଥା ଲେଖିଲି। ଯାବତ୍ ଅତି କଳ୍ପନାର କଥା ଲେଖିଲି। ଲେଖିଲାବେଳେ ମୋର ମନେ ହୋଇଥିଲା ମୁଁ ଯେମିତି ପ୍ରତିଶୋଧ

ନେଉଚି। ସେତେବେଳେ ମୋର ବୟସ ଥିଲା କୋଡ଼ିଏ। ମୋର କୌଣସି ପ୍ରାକ୍‌ଟିକାଲ ଅଭିଜ୍ଞତା ଇ ନଥିଲା।

ମୁଁ ସେଇ ଅଶ୍ଳୀଳ କାହାଣୀ ବଂଧୁ ବହି ବିକାଳୀଙ୍କୁ ଦେଲି। ସେ ଗପଟିକୁ ପଢ଼ିଲା ଓ ଢ଼େର ପ୍ରଶଂସା କଲା। ମୋର ପ୍ରଚୁର ପ୍ରତିଭା ଅଛି ବୋଲି କହିଲା। ମୋର ପ୍ରତିଭାକୁ କାମରେ ଲଗେଇବା ଉଚିତ ବୋଲି ମତ ଦେଲା। ଏମିତି କାହାଣୀ ଖାଲି ଲେଖିଦେଲେ ଚଳିବନି, ଏ ଗୋଟେ ରୀତିମତ ବ୍ୟବସାୟ ଓ ବେଶ୍ ଲାଭଜନକ ବୋଲି ମତଦେଲା। ଆମେ ଦିହେଁ ମିଶି ବ୍ୟବସାୟ ଆରମ୍ଭ କରିବୁ ବୋଲି ସ୍ଥିର କଲୁ।

ଆମେ ଦିହେଁ ମିଶି ଗୋଟେ ଲେଟର ପ୍ରେସକୁ ଗଲୁ। ସେତେବେଳେ ସେଇ ପ୍ରେସ ସବୁ ଥିଲା। ପ୍ରେସ୍‌ର କମ୍ପୋଜିଟର ସାଙ୍ଗରେ କଥାଭାଷା ହେଲୁ। ସେ ଆମକୁ ରାତି ବାରଟା ପରେ ଆସିବାକୁ କହିଲା। ରାତି ବାରଟା ପରେ ଯେତେବେଳେ ସହର ଶୋଇଯାଇଥିଲା, ପ୍ରେସ ବନ୍ଦ ହୋଇ ସାରିଥିଲା, ଆମେ ପ୍ରେସରେ ପହଂଚିଲୁ ଓ ସେଇଠି ଶୋଉଥିବା କମ୍ପୋଜିଟରକୁ ଉଠେଇଲୁ। ପ୍ରେସ୍‌ର କବାଟ ଝରକା ବନ୍ଦ କରି ସୀମିତ ଆଲୋକ ଆଉ ଅନୁଚ୍ଚ ଶବ୍ଦରେ ସେ ଅଶ୍ଳୀଳ ବହିର ପାଠ କମ୍ପୋଜ କରିଗଲା। ବହି ଛପା ସରିଲାବେଳକୁ ଭୋର୍। ସକାଳ ପୂର୍ବରୁ ସୀସା ଅକ୍ଷର ସବୁ ଖୋଲା ହେଇ ଯେ ଯା ଖୋପରେ ପଡ଼ିସାରିଥିଲା। ବହି ସଜା ହେଇ କଟା ହେଇ ପ୍ୟାକ୍ ହେଇଗଲା। ଷୋଳ ପୃଷ୍ଠାରେ ବହି ମଝିରେ ଅଠା ଦିଆ ହେଇ ଯୋଡ଼ା ହେଇଥିଲା।

ବହି ବିକାଳୀ ବନ୍ଧୁ କହିଲେ : ବିକିବା ଦାୟିତ୍ୱ ମୋର।

ବନ୍ଧୁ ମାସକ ଭିତରେ ହଜାରେ କପି ବିକିଦେଲେ। ମୁଁ ତାଙ୍କ ବୁଲା ବହି ଦୋକାନ ପାଖରେ ଠିଆ ହେଇ ଗରାଖମାନଙ୍କୁ ଲକ୍ଷ୍ୟ କରେ। ବହୁ ବୃଦ୍ଧଜନ ଗୋପନରେ ବହି କିଣି ନେଲେ। ବହୁ ଅର୍ଦ୍ଧଶିକ୍ଷିତ ଲୋକ ଆଖିର ଇସାରାରେ ବହି ପାଇଁ ଅର୍ଡର ଦେଲେ। ବହୁ ସଭ୍ୟ ଶିକ୍ଷିତ ଲୋକ ବୁଲେଇ ବଙ୍କେଇ ପଚାରିଲେ, ବହି ଅଛି କି ?

ମୁଁ ଆଶ୍ଚର୍ଯ୍ୟ ହେଲି ଯେ ସମସ୍ତଙ୍କ ଗୋପନରେ ଗୋଟେ ସମାନ୍ତରାଳ ବିଶାଳ ବହି ମାର୍କେଟ ଗଢ଼ି ହେଇଯାଇଛି, ଅଥଚ ବାହାରକୁ କିଛି ହିଁ ଜଣା ପଡ଼େ ନା । ସେ ବ୍ୟବସାୟର ହାତ ସବୁ ସ୍ତରର ଲୋକଙ୍କୁ ସ୍ପର୍ଶ କରି ଯାଏ ଗୋପନରେ ।

ସେଇଟା ଆରମ୍ଭ ମାତ୍ର।

ଯା ପରେ ମୁଁ ନୂଆ ନୂଆ କାହାଣୀ ଲେଖିଲି। ସେଇ ଏକା କାହାଣୀକୁ ଆମେ ବାରମ୍ବାର ଛପେଇଲୁ। ବନ୍ଧୁ ବହି ଦୋକାନୀ ଏବେ ଅନ୍ୟ ବହି ଦୋକାନରେ ବହି ଲଗେଇଲେ। ଆମେ ସ୍ଥାନୀୟ ପୋଲିସ୍ ଷ୍ଟେସନରେ ମାସିକିଆ ଦେଲୁ। ଷ୍ଟେସନରେ ଡିୟୁଟି କରୁଥିବା କନେଷ୍ଟବଳଙ୍କୁ ଚା' ଜଳଖିଆ ଖୋଇଲୁ।

ଆସ୍ତେ ଆସ୍ତେ ତିଆରି ହେଲା ଆମର ବେପାରର ସାମ୍ରାଜ୍ୟ। ଯା ଭିତରେ ବିତିଗଲା ଚାଳିଶ ବର୍ଷ। ଏଇ ଚାଳିଶ ବର୍ଷ ଭିତରେ ଆମେ ଅନେକ କିଛି ପାଇଛୁ। ଅନେକ ପଇସା ରୋଜଗାର କରିଛୁ। ଏଇ ସହରରେ ଜାଗା କିଣି ଘର କରିଛୁ। ଗାଡ଼ି କିଣିଛୁ। ସବୁ ସୁଖ ସ୍ୱାଚ୍ଛନ୍ଦ୍ୟ ହାସଲ କରିଛୁ। ଦୁଇ ତିନିଥର ଧରା ପଡ଼ିଛୁ। ଜେଲ ଯାଇଛୁ। ଅନେକ କିଛି ଘଟିଛି ଏଇ ଗଲା ଚାଳିଶ ବର୍ଷ ଭିତରେ। କିନ୍ତୁ ମୋର ସେଇ ପରିକଳ୍ପିତ ଉପନ୍ୟାସଟି ଲେଖା ହୋଇପାରିଲାନି।

କେବଳ ଉପନ୍ୟାସଟି ନୁହେଁ। ମୋର ଅନେକ ଗୁଡ଼ାଏ ଦୁଃଖ ଅଛି ମନ ଭିତରେ। ମୋର ବନ୍ଧୁ ମତେ ପ୍ରତିଭାବାନ ବୋଲି କହେ। ମୋର ଅଶ୍ଳୀଳ ଅଭଦ୍ର ବହି ପଢ଼ି ବୃଦ୍ଧଜନମାନେ ଚରମ ଉତ୍ତେଜିତ ହୁଅନ୍ତି ବୋଲି ମୁଁ ଜାଣେ। ଶିକ୍ଷିତ ସମ୍ଭ୍ରାନ୍ତ ଲୋକମାନେ ଗୋପନରେ ଉଲ୍ଲସିତ ହୁଅନ୍ତି । କିନ୍ତୁ ମୋର ଦୁଃଖ ହେଉଚି ଏସବୁ ବେନାମୀରେ ଲେଖିବାକୁ ହୁଏ। ବହିରେ ମୋର ନାମ ନ ଥାଏ। ମୋର ଠିକଣା ନ ଥାଏ। ଯେଉଁମାନେ ପଢ଼ନ୍ତି ସେମାନଙ୍କ ପ୍ରତିକ୍ରିୟା ମୋ ପାଖରେ ପହଞ୍ଚେ ନାହିଁ। କାହିଁକି କେଜାଣି ମନ ମୋର ଭାରି ବିକଳ ହୁଏ ଚିଠିଟେ ପାଇଁ। ପାଠକୀୟ ପ୍ରଶଂସା ପାଇଁ। ଅଜଣା ଅଶୁଣା ପାଠକଟିଏର ପ୍ରତିକ୍ରିୟା ପାଇଁ। ମାତ୍ର ତାହା ସମ୍ଭବ ହୋଇ ପାରିଲା ନାହିଁ। କାରଣ ତାହା ଥିଲା ଗୋଟେ ଗୋପନ ଏବଂ ଆଇନ ବିରୋଧୀ ବ୍ୟବସାୟ।

ମୋ ଛାତି ଭିତରେ କିଏ ଗୋଟେ ଚଢ଼େଇ ଡେଣା ଫଡ୍ ଫଡ୍ କରେ। ଛାଟିପିଟି ହୁଏ। ଏ ବେନାମୀ ଚେହେରା ଭାଂଗି ବାହାରି ଯିବାକୁ ଚାହେଁ। ମାତ୍ର ପାରେନା। ଭାରି ଅସହାୟ ଲାଗେ। ମୁଁ ଜାଣେନା, କ'ଣ କରିବି। ଅଥଚ ଭାରି ବ୍ୟସ୍ତ ଲାଗେ।

ଆପଣ ଥରେ ତୁଳନା କରନ୍ତୁ ନିଜ ସହ ଆମକୁ। ଆପଣ କାହାଣୀ ଲେଖୁଛନ୍ତି, ଆମେ ବି କାହାଣୀ ଲେଖୁଛୁ। କିନ୍ତୁ ଆପଣ ତାଳିମାଡ଼ ପାଉଛନ୍ତି, ଆଉ ଆମ ପାଇଁ କିଛି ହିଁ ନାହିଁ। ଆପଣଙ୍କ

ନାମ ସବୁଠି ଚର୍ଚ୍ଚା ହେଉଛି। ଆମର ନାମ କେହି ଜାଣୁ ନାହାନ୍ତି। ଆପଣଙ୍କୁ ପୁରସ୍କାର ମିଳୁଛି, ପ୍ରତିଷ୍ଠା ମିଳୁଛି, ସାମାଜିକ ସମ୍ମାନ ମିଳୁଛି। କିନ୍ତୁ ଆମକୁ କିଛି ହିଁ ମିଳେନା। ଆମେ ଚୋର ପରି ଲୁଚି ବସିଛୁ ପର୍ଦ୍ଦା ପଛରେ। ଆପଣ କୁହନ୍ତୁ ଏତେ ଉପେକ୍ଷା କ'ଣ ସହିପାରିବ କୌଣସି ଲେଖକୀୟ ସତ୍ତା।

ମୁଁ ସେଇଥି ପାଇଁ ଏଇ ଲାଇନ୍‌କୁ ଆସିବାକୁ ଇଚ୍ଛା କଲି। ପୁଣିଥରେ ମୋର ଅଧୁରା ଉପନ୍ୟାସକୁ ସାରିବାକୁ ସ୍ଥିର କଲି। ଏବେ ମୋର ସମସ୍ୟାଟା କ'ଣ ଜାଣନ୍ତି ? ମୁଁ ଲେଖିପାରୁନାହିଁ। ମୋ କଲମ ମୁନକୁ ଏବେ ମନକୁ ମନ ସେଇ ସବୁ ଅଶ୍ଳୀଳ ଶବ୍ଦ, ନିଷିଦ୍ଧ ବର୍ଣ୍ଣନା ଚାଲି ଆସୁଛି। ମୁଁ ଏବେ କ'ଣ କରିବି କୁହନ୍ତୁ ?

ଜିତେନ୍ଦ୍ରବାବୁ ଖୁବ ଉତ୍ତେଜିତ ଓ ଭାବପ୍ରବଣ ହୋଇ ପଡ଼ିଥିଲେ। ଏଥର ନୀରବ ହେଲେ। ଘନ ଘନ ନିଃଶ୍ୱାସ ନେଲେ। ମୁଁ ତାଙ୍କୁ ପାଣିଗ୍ଲାସ୍‌ଟେ ବଢ଼େଇ ଦେଲି। ସେ ଢକଢକ କରି ପିଇଗଲେ। ଟିକେ ବିଶ୍ରାମ ଭଂଗୀରେ ବସିଗଲେ।

ମୁଁ ତାଙ୍କୁ ବୁଝେଇବାକୁ ଚାହିଁଲି : ଆପଣ ଏ ଲାଇନ୍‌କୁ କାହିଁକି ଆସିବାକୁ ଚାହୁଁଛନ୍ତି। ଏଠି ବି ଅବସ୍ଥା କିଛି ଭଲ ନାଇଁ। ବହିର ବିକ୍ରୀ ଅସମ୍ଭବ ଭାବରେ କମିଯାଇଛି। ତିନିଶ ପାଆଁଶ ବହି ଛପା ହେଉଛି। ପଇସା ପତ୍ର ଜମା ଇ ମିଳେନା ଲେଖକକୁ । ଆମେ ସବୁ ଗୋଟେ ଗୋଟେ ଚାକିରି କରିଛୁ ବୋଲି ଚଳିଯାଉଛୁ। ପୁରସ୍କାର ପାଇଁ ଭୀଷଣ ରାଜନୀତି। ପରସ୍ପର ଭିତରେ ସୌହାର୍ଦ୍ଦ ନାହିଁ। ବହୁତ ପଙ୍କିଳ ହୋଇ ପଡ଼ିଲାଣି ପରିବେଶ। ଲୋକମାନଙ୍କର ଆଉ ଆସ୍ଥା ନାଇଁ , ଆଗ୍ରହ ନାହିଁ ସାହିତ୍ୟ ପାଇଁ। ଗବେଷକମାନେ କହୁଛନ୍ତି ଏମିତି ଅବସ୍ଥା ଲାଗି ରହିଲେ ପଚାଶ ଶହେ ବର୍ଷ ପରେ ଏ ଭାଷା ମରିଯିବ।

ଜିତେନ୍ଦ୍ରବାବୁଙ୍କ ଆଖି ବଡ଼ ବଡ଼ ହେଇଗଲା। ମୁହଁ ଦେଖାଗଲା କାନ୍ଦୁରା କାନ୍ଦୁରା।

ସେ ଅସହାୟ ସ୍ୱରରେ କହିଲେ : ଏମିତି କ'ଣ ସମୟଟେ ଆସିବ ନାହିଁ। ଯେବେ ମୁଁ ବହି ଉପରେ 'ମସ୍ତରାମ' ନ ଲେଖି ଜିତେନ୍ଦ୍ର ପ୍ରଧାନ ଲେଖିପାରିବି ? ବହି ଶେଷରେ ଲେଖିପାରିବି ମୋ ଘରର ଠିକଣା।

ମୁଁ ପଚାରିଲି : ମସ୍ତରାମ କିଏ ?
ଜିତେନ୍ଦ୍ର ବାବୁ କହିଲେ : ମୋର ଛଦ୍ମନାମ ଆଜ୍ଞା! ମୁଁ ଗତ ଚାଳିଶ ବର୍ଷ ଧରି ସେଇ ନାମରେ ହିଁ ଅଶ୍ଳୀଳ ବହି ଲେଖି ଆସୁଚି। ଆଚ୍ଛା ! ଆପଣ କେବେ ମୋର ବହି ପଢ଼ିଛନ୍ତି ?

ମୁଁ ଟିକେ ଅପ୍ରସ୍ତୁତ ହୋଇ ପଡ଼ିଲି।

କହିଲି : ହଁ ! ପଢ଼ିଚି। ଅସ୍ୱୀକାର କରିବାର କ'ଣ ଅଛି ? ବହୁତ ଦିନ ତଳେ ପଢ଼ିଥିଲି। କିନ୍ତୁ ଆପଣଙ୍କ ଲେଖା କି ନାଇଁ ଜାଣେନା। ସେ ବହିର ଲେଖକଙ୍କ ନାଁ ମନେ ନାଇଁ। ଆମେ ମନେ ରଖୁନା।

ଜିତେନ୍ଦ୍ରବାବୁ ଦୀର୍ଘଶ୍ୱାସ ପକେଇଲେ। ଯେମିତିକି ମୋର ମନ୍ତବ୍ୟଟା ତାଙ୍କ ଲେଖକୀୟ ଅହଂକାର ପ୍ରତି ଥିଲା ଗୋଟେ ଶକ୍ତ ଚାପୁଡ଼ା।

ସେ ସ୍ୱଗତୋକ୍ତି କଲେ : ବହୁତ ଲୋକ ମୋ ବହି ପଢ଼ନ୍ତି ଆଜ୍ଞା ! ମନ୍ତ୍ରୀ, ଏମଏଲଏ ଆଇଏଏସ ଅଫିସର। ଗାର୍ଲସ ହଷ୍ଟେଲ୍, ଲେଡ଼ିଜ ହଷ୍ଟେଲ୍ , ମୂଲିଆ ମଜୁରିଆଙ୍କ ମେଳି ସବୁଠି ମୋ ବହି ଚାଲେ। ହେଲେ କେହି କେବେ ମୋ ବହି ପଢ଼ିଚି ବୋଲି କହେନା । ମୁଁ ମଧ୍ୟ କାହାକୁ ପଢ଼ିଚ କି, ବୋଲି ପଚାରିପାରେନା । କେବଳ ସମଧର୍ମା ବୋଲି ଆପଣଙ୍କୁ ପଚାରିଲି। ଆପଣଙ୍କୁ ମନକଥା ଖୋଲି କି କହିଲି।

ବାରମ୍ବାର ଜିତେନ୍ଦ୍ରବାବୁଙ୍କ ଅସହାୟତା କଥା ଆସିଯାଉଥିଲା ଆଲୋଚନା ଭିତରକୁ । ତାଙ୍କ ମୁହଁ ଅଧିକତର କରୁଣ ଦିଶୁଥିଲା । ମୁଁ ଦେଖିପାରୁଥିଲି ତାଙ୍କ ଛାତି ତଳେ ଢ଼ଣା ଫଡ଼୍ ଫଡ଼୍ କରୁଥିବା ଚଢ଼େଇଟିର ବ୍ୟାକୁଳତା। ଏମିତିରେ ବହୁତ ଲୋକ ସାହିତ୍ୟ କରିବାକୁ ଆସନ୍ତି। କୋଡ଼ିଏ ପଚିଶ ବର୍ଷରେ ତ ବହୁତ ତରୁଣ କାଗଜ କଲମ ଧରି ସ୍ୱପ୍ନ ଦେଖନ୍ତି । ତିରିଶ ବର୍ଷ ବେଳକୁ କିଏ କୋଉଠି ଅଟକି ଯାଆନ୍ତି। ପେଟ ପାଟଣାର ଦାୟରେ। ସଂସାରର ବୋଝରେ, ଅବା ଚାକିରିର ବାଧ୍ୟବାଧକତାରେ। ମୁଁ ସେମାନଙ୍କୁ ଭେଟିଛି। ସାହିତ୍ୟଠୁ ଦୂରେଇ ଯାଇଥିଲେ ବି ସେମାନଙ୍କ ଛାତି ତଳେ ଦେଖିଛି ଗୋଟେ କୋହ। ଜୀବନରେ ସବୁ କିଛି ପାଇଥିଲେ ବି ସେମାନେ ଦିଶୁଥାଆନ୍ତି କେମିତି ଅସହାୟ, ଏ ଶବ୍ଦ ଖେଳର ମୈଦାନ ଛାଡ଼ି ଦେଇଛନ୍ତି ବୋଲି। ସବୁ ପ୍ରାଚୁର୍ଯ୍ୟ ଭିତରେ ସେମାନେ କେମିତି ଦୁଃଖୀ ଦୁଃଖୀ ଦିଶୁଥାଆନ୍ତି। କ'ଣ ଥାଏ ଏ ଶବ୍ଦ ଖେଳରେ ? ପୂର୍ବତନ ଲେଖକମାନେ ସ୍ୱଗତୋକ୍ତି କରନ୍ତି, ଜୀବନଟା ବ୍ୟର୍ଥ ହେଇଗଲା ହେ !

ମୁଁ ପ୍ରସଙ୍ଗ ବଦଳାଇବାକୁ ଚାହିଁଲି।

କହିଲି : ଆପଣଙ୍କ ଘର ସଂସାର କଥା କୁହନ୍ତୁ। ପିଲାମାନେ କ'ଣ କରୁଛନ୍ତି କୁହନ୍ତୁ।
ଜିତେନ୍ଦ୍ରବାବୁ ଉଦାସ ଦିଶିଲେ।
କହିଲେ : ସେ ବି ଗୋଟେ ଦୁଃଖଦ କାହାଣୀ ଆଜ୍ଞା!
ମୁଁ ଉତ୍ସାହିତ କଲି : କୁହନ୍ତୁ।

ସେ ଗପିବାକୁ, ନିଜର କାହାଣୀ କହିଯିବାକୁ ବ୍ୟାକୁଳ ଥିଲେ ଯେମିତି।

କହିବାକୁ ଆରମ୍ଭ କଲେ : ମୁଁ ଟିକେ ଡ଼େରିରେ ବିବାହ କଲି। ସେତେବେଳକୁ ମୋ ହାତରେ ପଇସା ଆସିଯାଇଥାଏ। ମୁଁ ଶ୍ୱଶୁର ଘରେ ମୋର ପରିଚୟ ଦେଲି ପୁସ୍ତକ ବ୍ୟବସାୟୀ ବୋଲି। କିନ୍ତୁ ପରେ ସ୍ତ୍ରୀ ସବୁ କଥା ଜାଣିପାରିଲା। ତେବେ ସେ ବେଶି ପ୍ରତିକ୍ରିୟା ଦେଖେଇନି। ଖାଲି କହିଲା," ତମେ ଅନ୍ୟ କିଛି ବ୍ୟବସାୟ କର। ଆମେ ଅନ୍ତତଃ ସମାଜରେ ମୁଣ୍ଡ ଟେକି ଚାଲିପାରିବା।" ମୁଁ ଗୁଡ଼ାଏ ଧର୍ମପୁସ୍ତକ ଆଣି ଘରେ ଗଦା କଲି। ସେ ସବୁର ବିକ୍ରୀବଟା କରୁଛି ବୋଲି ଅଭିନୟ କଲି। ଆମର ଗୋଟେ ପୁଅ ବି ହେଲା। କିନ୍ତୁ ଆସ୍ତେ ଆସ୍ତେ ମୋର ସ୍ତ୍ରୀ ଅସୁଖୀ ହେଇ ଆସିଲା। ପ୍ରତିକ୍ରିୟା ପ୍ରକାଶ କଲା। କହିଲା, ତୁମ ଭଳି ଲୋକର ବିବାହ କରିବା ଉଚିତ ନଥିଲା। ଆଉ ଶେଷରେ ସେ ଅଭିଯୋଗ ଆଣିଲା ଯେ, ସ୍ତ୍ରୀକୁ ଖୁସି କଲା ଭଳି ମୋ ପାଖରେ ଆଉ କିଛି ନାଇଁ। ସେ ଆକ୍ଷେପ କଲା ଯେ, ମୋର ସବୁ କିଛି ଶେଷ ହୋଇଯାଇଛି ମୋ ବହିରେ। ମୋ ବହିରେ ମୋ ଦେହରୁ ଯାଇ ମିଶିଯାଇଛି ସବୁ ଉତ୍ତେଜନା। ସବୁ ଆଗ୍ରହ। ମୁଁ ମୋ ସ୍ତ୍ରୀ ସହ ଠିକ ସଂସାର ଧର୍ମ ପାଳନ କରୁଥିଲି କିନ୍ତୁ ମୋର ସ୍ତ୍ରୀ ସନ୍ତୁଷ୍ଟ ହେଉନଥିଲା। ସେ କହୁଥିଲା ଏ ସବୁ ଯାଂତ୍ରିକ, କାରଣ ମୋର ସବୁ କିଛି ଚାଲିଯାଉଛି ବହି ଭିତରକୁ। ଯାହା ବାକି ଅଛି ତାହା କେବଳ ନପୁଂସକତା। ଆଉ ତାକୁ ନେଇ କୌଣସି ସ୍ତ୍ରୀ ସୁଖୀ ହୋଇପାରେନା। ମୋ ସ୍ତ୍ରୀର ଯୁକ୍ତି, ମୋ ସ୍ତ୍ରୀର କଥା ମୋତେ ଅଜବ ମନେହୁଏ। ତାକୁ ବୁଝେଇଲି। କିନ୍ତୁ ସେ ବୁଝିଲା ନାହିଁ। ଅସୁଖୀ, ଅତୃପ୍ତ ସ୍ତ୍ରୀ ଭଳି ସେ ଝଗଡ଼ାଝାଟି ପାଟିତୁଣ୍ଡ କରି ଘର ଅଶାନ୍ତ କଲା। ଆଉ ଶେଷରେ ଦିନେ ଘର ଛାଡ଼ି କୁଆଡ଼େ ପଳେଇଲା । ମୁଁ ଏକାକୀ ପୁଅକୁ ବଡ଼ କଲି।

ଆପଣ କୁହନ୍ତୁ ? ଏହା କ'ଣ ସମ୍ଭବ ? ଆମେ ଯେ ଲେଖା ଲେଖୁ, ତା' ସହିତ କ'ଣ ଚାଲିଯାଏ ଆମ ଦେହରୁ ଉତ୍ତେଜନା ? ମୁଁ ତ ଅଶ୍ଳୀଳ ସାହିତ୍ୟ କରେ, ତେଣୁ ଉତ୍ତେଜନାର କଥା କହିଲି। ଆପଣମାନେ ଯେ ଭଦ୍ର ସାହିତ୍ୟ କରନ୍ତି, ଆପଣ କ'ଣ ଅନୁଭବ କରନ୍ତି ? ଲେଖା ସହିତ କ'ଣ ଚାଲିଯାଏ ଆପଣଙ୍କ ଭାବପ୍ରବଣତା। ଆପଣଙ୍କର ସ୍ୱପ୍ନ, ଅଭିଳାଷ, ବାଞ୍ଛି ହୋଇଯାଏ ଶବ୍ଦମାନଙ୍କ ଭିତରେ। ଆପଣ ନିଃଶେଷ ହୋଇଯାଆନ୍ତି। ଶବ୍ଦମାନେ ପରିପୂର୍ଣ୍ଣ ହେଇଯାଆନ୍ତି। ଏଇଟା କି ସତ ? ଏଇଟା କି ସମ୍ଭବ ?

ମୁଁ ଯେତେବେଳେ ମଧ୍ୟରାତ୍ରରେ ବସିଥାଏ ଲେଟର ପ୍ରେସ୍‌ରେ। ସୀସାର ଅକ୍ଷର ସବୁ ଯୋଡ଼ା ହେବାର ଦେଖେ । ସେତେବେଳେ ଭାବେ, କ'ଣ ଅଛି ଏ ଶବ୍ଦରେ। କେତେଗୁଡ଼ାଏ ଅକ୍ଷର ମାତ୍ର। ଠିକ୍ ଭାବରେ ଯୋଡ଼ି ହେଇଗଲେ ଶବ୍ଦ ହୁଏ। ଭୁଲ୍ ଭାବରେ ଯୋଡ଼ି ହେଲେ ସେଥିରୁ କିଛି ବାହାରେନା। ମୃତପ୍ରାୟ ପଡ଼ିରହେ ଶବ୍ଦଟା। ଠିକ୍ ଭାବରେ ଯୋଡ଼ି ହେଲେ ଶବ୍ଦ ଅର୍ଥପୂର୍ଣ୍ଣ ହୋଇଯାଏ। କ୍ରମେ ଶବ୍ଦଟା ଜୀବନ୍ତ ହୋଇଉଠେ। ମୁଁ ଲକ୍ଷ୍ୟ କରେ ସୀସାର ଅକ୍ଷର ଭେଦ କରି ଶବ୍ଦଟା କ୍ରମେ ଜୀବନ୍ତ ହେଇ ଆସୁଚି ଏବଂ ପିଠିରେ ବୋହି ନିଜର ଅର୍ଥ ଚାଲିବାକୁ ଆରମ୍ଭ କରୁଛି। ଶବ୍ଦର ଅର୍ଥଟା କ୍ରମେ ବିଶାଳ ହେଇଯାଏ। ମୁଁ ଯୋଉ ଅଭଦ୍ର ଶବ୍ଦମାନଙ୍କୁ ନେଇ ଖେଳେ ସେମାନେ ନିଜେ ଗୋଟେ ଗୋଟେ ନିଆଁ ହେଇ ଡେଇଁବାକୁ ଆରମ୍ଭ କରନ୍ତି। ସେତେବେଳକୁ ଆଉ ଅକ୍ଷର ନଥାଏ, ଶବ୍ଦ ନଥାଏ। ଥାଏ ଖାଲି ନିଆଁ। ଆପଣ କେବେ ଦେଖିଛନ୍ତି ଏମିତି ଦୃଶ୍ୟ!

ମୁଁ ପୁଣି ପ୍ରସଙ୍ଗ ବଦଳାଇଲି।

ପଚାରିଲି : ଏବେ କେମିତି ଚାଲିଛି ଆପଣଙ୍କର ବ୍ୟବସାୟ !
ସେ କହିଲେ : ଭଲ ଚାଲିଛି। ମୁଁ ଏବେ ପୁଅକୁ ବ୍ୟବସାୟ ଦାୟିତ୍ୱ ଦେଇ ଦେଇଛି। ସେ ସବୁ ବୁଝୁଛି। ମୁଁ ମୋର ଅଧୁରା ଉପନ୍ୟାସ ଶେଷ କରିବା କଥା ଭାବୁଛି।

ମୁଁ ଆଶ୍ଚର୍ଯ୍ୟ ହେଲି। ଆମ ଭାଷାର ବିଶିଷ୍ଟ ସାହିତ୍ୟିକମାନେ ନିଜ ପିଲା ସାହିତ୍ୟିକ ହେଉ ବୋଲି ଚାହାଁନ୍ତି ନାହିଁ। ଅନେକ ନିଜ ପିଲାଙ୍କୁ ଓଡ଼ିଆ ହିଁ ପଢ଼େଇ ନାହାନ୍ତି। ଅଥଚ ଭଦ୍ରଲୋକ ଅଭଦ୍ର ବ୍ୟବସାୟଟା ଛାଡ଼ି ଦେଲେ ପୁଅ ହାତରେ।

ବିସ୍ମୟ ସୂଚକ ସ୍ୱରରେ ପଚାରିଲି : ପୁଅକୁ ଛାଡ଼ିଦେଲେ।
ଜିତେନ୍ଦ୍ରବାବୁ କହିଲେ : ହଁ ! ପୁଅକୁ ଛାଡ଼ିଲି। ସେ ବି ଭଲ ଲେଖୁଚି।
ଜିତେନ୍ଦ୍ରବାବୁଙ୍କ ମତରେ ମତେ ଟିକେ ହସ ଲାଗିଲା। ହସଟା ଚାପି ରଖିଲି।

ପଚାରିଲି : ଆପଣଙ୍କ ବ୍ୟବସାୟରେ କିଛି ଉତଥାନ ପତନ ?

ସେ କହିଲେ : ପତନ ତ ଜମା ନାହିଁ। ସେଲ୍ ଦିନକୁ ଦିନେ ବଢ଼ିବାରେ ଲାଗିଛି। ଆପଣ ଜାଣି ଖୁସି ହେବେ ଯେ ଇଲେକ୍ଟ୍ରୋନିକ୍ସ ମିଡ଼ିଆ ଆସିଲା ପରେ ଛାପା ସାହିତ୍ୟର ପ୍ରସାର ସବୁଠି କମିଛି। କିନ୍ତୁ ଆମ ସାହିତ୍ୟର ପ୍ରସାର ବଢ଼ିଚି। ଏବେ ତ ବ୍ଲୁ ଫିଲ୍ମସ୍ ପ୍ରତି ଛକରେ ଭିଡ଼ିଓ ସିଡ଼ି ଦୋକାନରେ ମିଳୁଛି। ଇଣ୍ଟରନେଟରେ ଅଛି ଶହଶହ ପର୍ଣ୍ଣୋ ସାଇଟ୍। କିନ୍ତୁ ଆମ ବହିର ବିକ୍ରୀ ବଢ଼ି ଲାଗିଛି।

ଏସବୁ ବ୍ୟବସାୟିକ ତତ୍ତ୍ୱ ବର୍ଣ୍ଣନା କଲାବେଳେ ଜିତେନ୍ଦ୍ରବାବୁଙ୍କ ମୁହଁରେ ଲେଶ ମାତ୍ର ଅସହାୟତାର ଚିହ୍ନ ନଥିଲା। କିଛି ସମୟ ତଳେ ଭାବପ୍ରବଣ ହେଇ କାନ୍ଦକାନ୍ଦ ଦିଶୁଥିବା ଜିତେନ୍ଦ୍ରବାବୁ ବେଶ୍ ଗର୍ବର ସହ କଥା କହୁଥିଲେ। ତାଙ୍କ ଛାତି ତଳେ ଡ଼େଣା ଫଡ଼ଫଡ଼୍ କରୁଥିବା ସଚ୍ଚା ଲେଖକର ସତ୍ତାଟା ଶୋଇପଡ଼ିଥିଲା ଯେମିତି।

ହଠାତ୍ ସେଇ ସତ୍ତାଟା ଉଠିପଡ଼ିଲା।
ଜିତେନ୍ଦ୍ରବାବୁ କହିଲେ : ମୁଁ ବହୁତ ନୂଆ କଥା କରିଚି ଅଶ୍ଳୀଳ ସାହିତ୍ୟରେ। ମୋର ଚାଳିଶ ବର୍ଷ ତଳର ଲେଖା ଆଉ ଏବର ଲେଖାକୁ ତୁଳନା କଲେ ଆପଣ ଜାଣିପାରିବେ। ବହୁତ ଏକ୍ସପେରିମେଣ୍ଟ କରିଛି। ବହୁତ ତତ୍ତ୍ୱ ଆଣିଚି। ବିଦେଶରୁ ବି ବହୁତ କଥା ଆଣିଚି। ଉତ୍ତର ଆଧୁନିକତାର ରଂଗ ଦେଇଚି। ଅସ୍ତିତ୍ୱବାଦର କଥା କହିଚି। କିନ୍ତୁ କିଛି ସ୍ୱୀକୃତି ମିଳିଲାନି।
ମୁଁ ତାଙ୍କ କଥାରେ ବାଧା ଦେଲି।

କହିଲି : ସେଥିରେ ବି ଏ ସବୁ ଥାଏ ?
ସେ କହିଲେ : ଆପଣ ଥରେ ପଢନ୍ତୁ , ଦେଖିବେ କେତେ ନୂଆ ନୂଆ କଥା ମୁଁ ଆଣିଛି । ବହି କିଛି ଦେବି ?
ମୁଁ କହିଲି : ନା ! ଥାଉ ! ଠିକ୍ ଅଛି। ଆପଣ ମେନ୍‌ଷ୍ଟ୍ରୀମ୍‌କୁ ଫେରି ଆସନ୍ତୁ। ସ୍ୱୀକୃତି ପାଇବେ। ସମ୍ମାନ ପାଇବେ ।
ସେ ହସହସ ଦିଶିଲେ। ତାଙ୍କ ପ୍ରାଣରେ ଖୁସି ସଂଚାରିତ ହେଲା।
କହିଲେ : ପାଣ୍ଡୁଲିପିଟା ଅଳ୍ପ ଲେଖିଚି। ଆପଣ ରଖନ୍ତୁ। ମୁଁ ଆଉ ଠାଏ ଲେଖି ଶେଷ କରିବି।

ସେ ଆପଣା କୋଳରୁ ବାହାର କଲେ ସୁଦୃଶ୍ୟ ଡ଼ାଏରୀଟେ। ମୋ ଆଡ଼କୁ ବଢ଼ାଇ ଦେଲେ। ମୁଁ ସାଦରେ ଡ଼ାଏରୀଟି ଗ୍ରହଣ କଲି।
କହିଲେ : ମୁଁ ଏବେ ଲେଖାଲେଖିରେ ମାତିଲି। ପାଣ୍ଡୁଲିପି ଶେଷ ହେଲା ପରେ ପୁଣି ଆସିବି। ମତେ ସାହାଯ୍ୟ କରିବେ। ମତେ ମେନ୍‌ଷ୍ଟ୍ରୀମରେ ପହଁଚିବାରେ ଟିକେ ସାହାଯ୍ୟ କରିବେ, ନିଶ୍ଚୟ।

ମୁଁ କହିଲି : ନିଶ୍ଚୟ।
ଜିତେନ୍ଦ୍ରବାବୁ ଖୁସି ଖୁସି ବିଦାୟ ନେଲେ।

ଡାଏରୀ ଖୋଲି ଦେଖିଲି। ମାତ୍ର ଦୁଇଟି ପୃଷ୍ଠା ଲେଖା ହେଇଚି ସେଥିରେ। ପ୍ରଥମ ପୃଷ୍ଠାରେ ଲେଖା ଅଛି," ନାମହୀନ ଲେଖକର ଡାଏରୀ।" ଲେଖକ 'ଜିତେନ୍ଦ୍ର ପ୍ରଧାନ।' ଦ୍ୱିତୀୟ ପୃଷ୍ଠାରେ ଅଛି ଗୋଟେ ଉତ୍ସର୍ଗ ପତ୍ର। ଲେଖାଅଛି : "ମଂଜୁକୁ-ଚାଳିଶ ବର୍ଷ ତଳର କଥା ମନେ ପକେଇ - ଜିତେନ୍ଦ୍ର।"

ଡାଏରୀର ଅନ୍ୟ ସମସ୍ତ ପୃଷ୍ଠା ଫାଙ୍କା।
ଜାଣେନା ମଂଜୁ କିଏ ! ତାଙ୍କର ସ୍ତ୍ରୀଙ୍କ ନାମ ସେ ମତେ କହିନାହାନ୍ତି। ମଂଜୁ ସେଇ ଛାଡ଼ି ଯାଇଥିବା ସ୍ତ୍ରୀ ନା ଆଉ କିଏ, ଅନୁମାନ ଲଗେଇ ପାରିଲି ନାହିଁ।

ଜିତେନ୍ଦ୍ରବାବୁ ତାଙ୍କ ପାଣ୍ଡୁଲିପି ଶେଷ କରି ଆସିବାର ଥିଲା। କିନ୍ତୁ ଏ ଯାଏ ଆସିନାହାନ୍ତି। ମୁଁ ତାଙ୍କର ଅପେକ୍ଷା କରେ ଅଜାଣତରେ।

ତାଙ୍କ ସହିତ ଦେଖା ବି ହେଉ ନାହିଁ। ତାଙ୍କର ଠିକଣା ମୋତେ ଜଣା ନାହିଁ। ଜାଣେ ଏକ ସମାନ୍ତରାଳ ବିଶାଳ ଅଶ୍ଳୀଳ ସାହିତ୍ୟ ବଜାରରେ ବେଶ୍ ନାଁ କରି ବିକ୍ରୀ ହେଉଥିବ ତାଙ୍କର ବହି। ଅଥଚ ସେ ବଜାର ସହିତ ମୋର ପରିଚୟ ନାହିଁ। ସେଠୁ ବହି ସଂଗ୍ରହ କରିବା କଷ୍ଟ। ସେ ବହିରେ ତାଙ୍କର ନାମ ବି ନ ଥାଏ। ଠିକଣା ବି ନଥାଏ।

ମୁଁ ଜାଣେ ତାଙ୍କର ବହୁତ ଦୁଃଖ। ସେ କଲମ ଧରି ବସିଥିବେ ପାଣ୍ଡୁଲିପି ଶେଷ କରିବା ପାଇଁ ଅଥଚ ଶବ୍ଦମାନେ ତାଙ୍କର ବୋଲ ମାନୁ ନଥିବେ। ଶବ୍ଦମାନେ ଶୋଷୁଥିବେ ତାଙ୍କ ଦେହରୁ ଉତ୍ତେଜନା। ଶବ୍ଦମାନେ ଟାଣିନେଉଥିବେ ତାଙ୍କ ଛାତିରୁ ଭାବ ପ୍ରବଣତା। ସେ ଅସହାୟ ହେଇ ଯାଉଥିବେ। ନିଃଶେଷ ହେଇଯାଉଥିବେ। ତାଙ୍କର ସମସ୍ତ ଚିଂତା ଚେତନାକୁ ଉଇ ଭଳି ଚରିଯାଉଥିବେ ନିଷିଦ୍ଧ ଶବ୍ଦସବୁ। ସେ ଖୁବ ଅସହାୟ ହେଇ ଶୁଣୁଥିବେ କେବଳ ଗୋଟେ ଚଢ଼େଇର ଡେଣା ଫଡ଼୍‌ଫଡ଼୍ କରିବାର ଶବ୍ଦ।

ତାଙ୍କ ସହିତ ଆଉ ଦେଖା ହୋଇନାହିଁ।

pareshpatnaik@rediffmail.com

ଗୁଡ଼ି

ଶିଖଣ୍ଡ ଶତପଥୀ

ଉଡୁଛି ମୁଁ ନଭେ
ବିନା ପରାଭବେ,
ଆହୁରି ଉଠିବି, ଭାସିଯାଉଥିବି
ପବନର ସାଥେ ।
କାଟି ଦେବି ସମସ୍ତଙ୍କ ଡୋର
ହଲି ହଲି ଯାଉଥିବେ ସବୁ
ଧୂସରିତ ମାଟିର ଉପର ।

ଏକ ପରେ ଏକ
ହେବେ ଧରାଶାୟୀ,
ନଥିବ କିଏ ଆଉ ମୋର
ସମକକ୍ଷ ହୋଇ ।

ମାଲିକ ମୋ ମାଖିଛି ଡୋରରେ
ସୂକ୍ଷ୍ମ କାଚଗୁଣ୍ଡ ଆଉ
ବାଲି ଲଗା ଅଠା
ପେଷିଛି ସଜେଇ କେତେ
କର୍ତ୍ତନ ଆୟୁଧ,
କଚ୍ କାଚ୍ କାଟିଦେବି
କଲେ ତିଳେ ପଥ ଅବରୋଧ ।

ଗୁଡି ମୁଁ, ସବୁଠୁ ଉପରେ ଉଡିବି
ଆକାଶର ଏକ ମାତ୍ର ରାଜା ହେବି ।

କିନ୍ତୁ,

ଜାଣି ତ ନଥିଲି,
ତୀକ୍ଷ୍ଣ ଅସ୍ତ୍ରର ଦୁଇ ପଟେ ଧାର
ଅନ୍ୟର ଗଳା କାଟୁ କାଟୁ
କଟିଲା ନିଜର ଉନ୍ନତ ଶୀର ।

ଉଡି ଯାଉଛି ମୁଁ ପବନର ସାଥେ
ଲାଖିବି ଯାଇ
ସେହି ଥୁଣ୍ଟା ଗଛଟିର ଡାଳେ
ବାଟ ହୁଡି କେବେ ଅବା
ପକ୍ଷୀଟେ ଆସିଲେ
ଦେଖିବ, ହସିବ କି କାନ୍ଦିବ
ଲୁହ ଟୋପେ ଅବା ଦେବ ଢାଳି
ଝୁଲୁଥିବି ମୁଁହି,
ଅବଶିଷ୍ଟ ଜୀବନଟା
ଏକା ଏକା ତ୍ରିଶଙ୍କୁ ପରି ।

MY GRANDFATHER

Anwisha Mishra
Std-VIII (C), Kendriya Vidyalaya, I.I.T. Kharagpur

You are the god's
Best gift for me
You are the one who,
Maintains our family tree.

You are the one to whom,
I see in my dreams
You are present in darkness,
As a light in beams.

You are a guide for me
As well as a friend for me
You have taken the heart of mine,
In exchange of the love so fine.

You are the one,
To whom I be so frank
You are the only one,
To whom I should thank.

ମାମୁଘର ଗାଁ

ଅଜୟ ସ୍ୱାଇଁ

(ଅଜୟ ସ୍ୱାଇଁ: ବିଶିଷ୍ଟ ତରୁଣ କଥାକାର ଓ କବି । ପ୍ରେମ, ନଷ୍ଟାଲଜିଆ ଓ ଜୀବନର ଛବିଳ ଅନୁଭବକୁ ଏକ ଆକର୍ଷଣୀୟ ଶୈଳୀରେ ଉତ୍ତାରି ଆଣିବାର କଳା ଅଜୟ ସ୍ୱାଇଁଙ୍କର ନିଜସ୍ୱ । ବୋଉର ଗୀତଖାତା, ମିଛିମିଛିକା ରାତି, ମାଳିକା, ଅଜୟ ସ୍ୱାଇଁଙ୍କ ପ୍ରେମ ଗଳ୍ପ ଓ 'ନା ବାଳକ' ଆଦି ଗଳ୍ପ ଓ ଉପନ୍ୟାସର ଯେ ସଫଳ ସ୍ରଷ୍ଟା । ଅଧ୍ୟାପନା ତୀକ ବୃତ୍ତି - ସଂପାଦକ)

ମାଇଁ କହିଲେ କେତେ କଥା ହେଲା
ଆମ ଭଣଜାଙ୍କୁ କିଏ ମାଇଲା ...
ମାମୁଁ କହିଲେ ଦୁଧଭାତ ଗଣ୍ଡିଏ ଦିଅ
ଭଣଜାକୁ ଆମ
ଭାଡ଼ି ତଳେ କିନା ଗଡ଼େଇ ଦିଅ...
ଆଈ ବୋଇଲେ ନାତିଟି ଆମର ବଡ଼ ହୁନ୍ଦର ...
ଅଜା ବୋଇଲେ: ଜହ୍ନି ମଞ୍ଜିଟୁଁ ଏ ବଡ଼ ସୁନ୍ଦର...

ହେଇ... ଯୋଉ ପାଟ... ନେଳି ଶିଉଳି ଘାସ, ଅନାବନା କଣ୍ଟା, ଗୁଗୁଡ଼ିଆ, ବାଲୁରୀ, କେରେଣ୍ଟା, ଆଙ୍କୁକୋଳି ଗଛରେ ନେଳି

ନେଳି... ତା' ସେପଟେ ନାଲି କଇଁ ଭର୍ତ୍ତି ଗଡ଼ିଆ । ହେଇ ଯୋଉ ଡେଙ୍ଗା ଡେଙ୍ଗା ତାଳଗଛ, ଗଡ଼ିଆ ଗଛ, ମହୁଲ, ବର, ଓସ୍ତ, ଯଯାଙ୍ଗ, ହିଂଜଳ, ଅଚିନ୍ତା ଗଛର ନେଳି ନେଳି ସେପଟେ ଅନାବନା ହିଡ଼ର ଘାସ ଫୁଲ ଭର୍ତ୍ତି ବାଟ ।

ହେଇ ଯୋଉ ଶଗଡ଼ର କେଁକଟର, କାପ୍ତାର ଗୁମୁରା, ବଣି, ଘୁଅଖିଆ, ଫୁଲଛୁଇଁ, ଚଟିଆମାନଙ୍କ କେଁକଟର, କାଠହଣାର ଠୁକ୍ ଠୁକ୍, ପେଚାର ହୁଟ୍ ହୁଟ୍, ମହୁମାଛିର ଘୁଣୁରୁ ଘୁଣୁରୁ ତା' ସେପଟେ ବିଲ୍-ବିଲ୍-ବିଲ ଯେ ବିଲ...ଧାନଫୁଲର ଅଳସେଇ ବାସ୍ନା । ବାସ୍ ...ସ୍...ନା...

ହେଇ ଯୋଉ ନଈ, ଦିପଟେ କିଆଭର୍ତ୍ତି ଅତଡ଼ି । ଜାମୁରୋଳ ଗଛରେ ନୂଆଫୁଲର ମହକ... ସେପଟେ ଆମ୍ବତୋଟା ଡେଇଁଲେ କେଳି ପୋଖରୀ ସେପଟେ ଗ୍ରାମ ଦେବୀଙ୍କ ମନ୍ଦିର ଉପରେ ନାଲିବାନା ଫର ଫର ।

ହେଇ ଯୋଉ ଧୂଆଁ ଉଠୁଚି ମୋଡ଼ି ମୋଡ଼ି ଆକାଶକୁ । ମାହାଳ ଗଛ ଶିଖରେ ଶାଗୁଣା । ଖାଁ ଖାଁ ନିଶୂନ୍ ଗହୀର ପଡ଼ିଆ । ଖାଲି ପାଉଁଶ, ହାଣ୍ଡି, ଛିଣ୍ଡା ମଶିଣା, କଣା ଆଟିକା, ସେପଟେ ଅପୂଜା ବଘେଇ ଠାକୁରାଣୀ, ମଶାଣି ।

ଏ'ସବୁ ଡେଇଁ ଗଲାବେଳକୁ ବେଳ ରତ ରତ । ଡଙ୍ଗା ପାଖକୁ ଆସିଥିବେ ଅଜା ନହେଲେ ମାମୁ । ଖରାଦିନ ଛୁଟିରେ ମୋ ହାତରେ ଦେଢ଼ମାସ ହସଖୁସିର ସମୟ । ବାପାଙ୍କ ତାଗିଦ ଥିବ ପାଞ୍ଚଦିନ । ବୋଉ କହିଥିବ ଦଶଦିନ । ଅଜା ଚିଠି ଲେଖିବେ: ପନ୍ଦର ଦିନ । ପନ୍ଦର ଦିନ ସରିବା ବେଳକୁ ଆଈ ବାହୁନିବ, ଆଉ ଦଶଦିନ, ବଡ଼ ମାଇଁ କହିବେ ଆଉ ପାଞ୍ଚ ଦିନ । ଶେଷକୁ ନିଜେ ବାପା ଆସି ପହଞ୍ଚିବେ । ବୋଉ ସାଙ୍ଗେ ରାତି ଅଧରେ କଳି କରିବେ: ତମର ଦଶଦିନ ହେଇନି ନା ? ତମର ତ ବାପଘର ସୁଆଗ ଉଛୁଳି ପଡ଼ୁଛି । ପିଲାଟାର ପାଠପଢ଼ା ଯୁଆଡ଼େ ଯାଉଚି ଯାଉ । ବୋଉ କହିବ: ମୋର ବାପଘର ହେଲେ ତା ମାମୁଘର ନୁହେଁକି ?

ବାପା କହିବେ: ଅବଶ୍ୟ ଏଇଟା ବି ମୋର ଶଶୁର ଘରଯେ ! ବୋଉ ହସିବ ଓ ମୁହଁ ମୋଡ଼ିବ । ପୁଣି ଯିବ ପାଞ୍ଚଦିନ ଅବଶ୍ୟ ।

ଶିଙ୍ଗି ମାଛର ବେସର ଝୋଳ ବାପାଙ୍କ ପସନ୍ଦ । ଚଣାଶାଗ, ସାରୁ ଖରଡ଼ା ବୋଉର ପସନ୍ଦ । ମୋର ଦେଶୀ ଅଣ୍ଡା ତର୍କାରୀ ପସନ୍ଦ । ଏସବୁ ତିଆରି, ରୋଷେଇରେ ଲାଗିଥିବେ ଆଈ ଓ ବଡ଼ମାଇଁ । ମୁଁ ସାନମାମୁ ସାଙ୍ଗରେ ଆମ୍ବତୋଟା, ନେଳି ପୋଖରୀ, କିଆପାଟରେ କିଆଖୁସି, ଗାଁ ମୁଣ୍ଡ କୋଠାଘରେ ସାନମାମୁଁ ସାଙ୍ଗମାନଙ୍କ ସହ ପାଡ଼ କମ୍ପିଟିସନ୍, ମକର ଯାତରେ ଭାଲୁଦେଖା, ସାନମାମୁର ଲଭ୍ କେଶ୍‌ରେ ଚିଠି ଦିଆନିଆ ସାରି ସଞ୍ଜବେଳକୁ ପହଞ୍ଚିବା ବେଳକୁ ବୋଉକୁ ଦେଖ ।

: ଏଇଥି ପାଇଁ ଚଣ୍ଡାଳଟାକୁ କୁଆଡ଼େ ନବାକୁ ମୋ ମନ କହେ ନାହିଁ । ଚାଲିଲା ଶଗଡ଼ରେ ହାତ ମାରିବ । ବାପ ଛଡ଼ାତ କାହାକୁ ଡରିବ ନାହିଁ । ମୁଁ ଏବେ କ'ଣ କରିବି ?

ତା'ପରେ ଶୋଧିବ ସାନମାମୁକୁ । ସାନମାମୁଁ ବିଡ଼ି ଖାଇବାରୁ ତାକୁ ବୋଉ କଥା ବାଧିବ ନାହିଁ । ଆଇ, ସାନମାମୁ ପିଠିରେ ଗୋଟେ ବିଧା ଥୋଇ ଗାଳିଦେବ: ଅଳପେଇଷା...ଛୁଆଟାକୁ ନେଇ ସକାଳୁ ସକାଳୁ ପଳଉଚୁ ... ।

ମୋ ମନ ଦୁଃଖ ହବ । ଏଇଥି ପାଇଁ ଯେ, ପ୍ରକୃତରେ ସାନମାମୁକୁ ମୁଁ ବୁଲିଯିବା ପାଇଁ ମନ୍ତ୍ରଣା ଦେଇଥିବି । କିଛି ସମୟ ପରେ ସାନମାମୁ ସବୁ ମାଡ଼ ଗାଳି ଭୁଲିଯାଇ କହିବ: ମା' ମାଡ଼... କୁଆ ପାଡ଼... । ହୁ କେୟାର୍‌ସ୍ ।

ସାନମାମୁର ମୁହଁ ଉଜ୍ଜ୍ୱଳ ଦିଶେ । ମତେ କହେ, ଜାଣିଲୁ । ମୋର ବି ମେରେଜ୍ କରିବାକୁ ବଡ଼ ଇଚ୍ଛା ଯେ...ଲଭ୍ ମେରେଜ୍...।

ମୁଁ ଲଭ୍ ମେରେଜ୍ କ'ଣ ଜାଣି ନଥାଏ । ଏଣୁ ଖୁସି ଲାଗେ । ମୁଁ କହେ: ସାନମାମୁ, ମୁଁ ବି ଲଭ୍ ମେରେଜ୍ କରନ୍ତି ।

ସାନମାମୁ ମତେ ଚାହେଁ । ଆଖି ମିଟିକା ମାରିକହେ: ତୋ' କାଖରେ ରୁମ ହେଲାଣି ? ହେଇନି ନା? ହଉ, ତା'ପରେ ମେରେଜ୍ ।

ମତେ ଲାଜ ମାଡ଼େ ।

ମୁଁ ଦର୍ପଣ ଆଗରେ କାଖ ଦେଖେ । ନା ଏସବୁ କାମ ଏବେ ନୁହେଁ ।

ସାନମାମୁ କହେ: ମୋ ଚିଠି ପତ୍ର ନେ । ଦବାନବା କର । କେମିତି ଲେଖା ହୋଇଛି ଭାଷା ଷ୍ଟଡିକର । ତୋ'ର ଭବିଷ୍ୟତରେ କାମରେ ଲାଗିବ ।

ମୁଁ ଚିଠି ଦେବା ଭିତରେ ପରିଶ୍ରା ଯିବା ନାଁରେ ସାନମାମୁଁର ଚିଠି ଖୋଲେ ।

ସୁକାନ୍ତି... ସୁକାନ୍ତି... ମୋ ପ୍ରାଣର ଲଭ୍ ସୁକାନ୍ତି । ତତେ ମୋ ଲଭ୍ ରାଣ । ତୁ ଆଜି ଆସିବୁ ଠିକ୍ ରାତ୍ର ଆଠଟାରେ । ତୋ ପାଇଁ ସେଣ୍ଟେଡ୍ ପାଉଡର ଆଣିଛି । ଏ ବାବୁ ହେବେ ମୋ ଭଣଜା । ତାକୁ ଡୋଣ୍ଟ୍ ଲାଜ କରିବୁ । ମୁଣ୍ଡ ଉପରେ ବୁସ୍କାଇ... ସୁକାନ୍ତି ତମକୁ ମୋର ବାଇବାଇ, ତମର ଲଭ୍, ମୁଁ । ଇତି ।

ସୁକାନ୍ତି ମତେ ଚିଠି ଦିଏ । ମୋ ଗାଲ୍ ଚିପି ଦିଏ । ମୁଁ ହାଫ୍ ପେଣ୍ଟରେ ଗଞ୍ଜି ଇନ୍ କରିଥାଏ । ମୁଁ ସୁକାନ୍ତି ଚିଠିଟାକୁ ଆଣି ଆମ୍ବତୋଟା ସନ୍ଧିରେ ଖୋଲେ ।

- ହେ ମୋର ଆଦରର...ସିହରଣ ଲଭ୍, ମୋ ରାଜା ଯାରେ ଯାରେ ଭାସି ଭାସି ଯା...ମୋ କାଗଜ ଖଜା...ମୋ ବାଇଦ ବଜା... ତମକୁ ମୋର ପ୍ରୀତିଭରା ସୋପ୍ନ ଭରା ଚୁମ୍ବନ । ତମକୁ ମା ମଙ୍ଗଳାଙ୍କ କୋଟୀ କୋଟୀ ରାଣ... ତମକୁ ପ୍ରଭୁ ସୋପ୍ନେସର ଦେବଙ୍କ ଲଖ୍ୟଲଖ୍ୟ ରାଣ... ତମେ ନିଷ୍ଟେ ରାତ୍ର ଆଠଟାରେ ଥିବ । ସେଦିନ ଯାଇପାରିଲିନି ବୋଲି କ୍ଷେମା ଦବ । ତମେ ଇଂଲିଶ୍ ଜାଣିଚ । ମୁଁ ମୁର୍ଖ, ଏଣୁ କ୍ଷେମା ଦେବ । ବୁସ୍କାଇରେ କେତେ ଷ୍ଟାର୍... ତମକୁ ମୋର ନମସ୍କାର... ଇତି । ତମର ପ୍ରେମ କାଙ୍ଗାଳୁଣି । ସୁକ ।

ଚିଠିଟା ପଢ଼ି ମୋ ଦେହ ଶିରିଶିରି ହୋଇଯାଏ । ଆହା ! ମତେ କିଏ ଏମିତି ଚିଠିଟେ ଲେଖନ୍ତା କି ? ସାନମାମୁ ମୋ ହାତରୁ ଚିଠିଟା ଝାମ୍ପିନିଏ ଓ ଚିଠିଟାକୁ ଚୁମା ଦିଏ । ମୁଁ କହେ: ସୁକାନ୍ତିତ ଇଂଲିଶ୍ ଜାଣିଚି ।

ସାନମାମୁଁ ମତେ ଗାଡ଼େଇକି ଚାହେଁ : କିରେ । ଚିଠିଟାକୁ ପଢ଼ିଦେଇଛୁ ବୋଧେ ।

ମୁଁ ମୁହଁ ତଳକୁ ପୋତେ । ସାନମାମୁଁ ହସେ । କହେ: ଠିକ୍ ଅଛି । କୋଇ ବାତ୍ ନେହିଁ । ଭାଷା ଗୁଡ଼ା ମନେ ରଖ । କାମରେ ତୋ'ର ବି ଲାଗିବ । ହଁ ବୁଟି ଖବରଦାର୍ । ସୁକାନ୍ତି କ'ଣ କହୁଛୁ? ସେ ହେବ ତୋର... ମାଇଁ... ହାଃ ହାଃ, ବୁଟିଲୁନା ନାହିଁ ? ଆଣ୍ଟି ।

ମୁଁ ମୁଣ୍ଡ ହଲେଇ କହେ: ହଁ ।

ଅଜା ଆମର ଟିକେ ଟିକେ ଇଂରାଜୀ ଜାଣନ୍ତି ଓ ବହୁ ପୁରୁଣା ଗଣିତ ସୂତ୍ର ସବୁ ଜାଣନ୍ତି । ବେଳେବେଳେ ସେ ସାନମାମୁଙ୍କୁ ଓ ମତେ ପାଠ ପଢ଼ିବାକୁ ଡାକନ୍ତି । ମୁଁ କହେ ମୋର ତ ବହିପତ୍ର ଏଠି ନାହିଁ । ଅଜା କହନ୍ତି: ବହିପତ୍ର କ'ଣ ଦରକାର ? ମାନସାଙ୍କ ପଢ଼ାହେବ । ପାଠପଢ଼ା ନାଁ ଶୁଣିଲେ ସାନମାମୁର ହାଲୁକ ଶୁଖେ । ଆମେ ଦୁହେଁ ବସୁ । ଅଜା, ନାଶ ଶୁଙ୍ଘନ୍ତି । ଛିଙ୍କନ୍ତି । ପାନଛେଚାରେ ପାନ କୁଟନ୍ତି । ପାଟିରେ ପାନଛେଚା ପୂରାଇ କହନ୍ତି: କହ! ପିଢ଼ାରେ ଲାଉ... ଶୂନ୍ ନେଇଗଲା ଡାମରା କାଉ ଦୂରେ ଲାଉ... କୋଉଠି କୁଆ... ପଣ୍ଡିତ ପୁଅ କହିବ ଏହା... କୁହ ?

ସାନମାମୁ ଆଖିରେ ସେତେବେଳେ ପୃଥିବୀ ଯାକର ନିଦ । ମୁଁ କାଉ ଆଉ ଲାଉ କେମିତି ଗଣିତରେ ରହିଲେ ଭାବୁଥିବି ।

ଅଜା କହିବେ: ଦି' ଜଣଯାକ ମୁର୍ଖ ହବ । ବିଲରେ ଖଟିବ, ବେଠି ବୋହିବ, ରେଳ ଷ୍ଟେସନରେ କୁଲୁଗିରି କରିବ । ତମ ଦେହି ଶଳା କିଛି ହବନାହିଁ ।

ଆଈ କହିବ: ପାଠ ପଢ଼ା ସେତିକି ଥାଉ । ଢେର୍ ହେଲା, ଏଣେ ଶାଗୁଆତି ତରକାରୀ ଥଣ୍ଡା ହେଲା । ଅଜା ନାଶ ଶୁଙ୍ଘିବେ । ନ ଛିଙ୍କି କହେବ: ଯାଅ, ଗେଫା ମାର । ହେଲେ ତମେ ଗୁଡ଼ା ଶଳେ ପାଠ ଚ଼ୋର ।

ମାମୁଘର ଗାଁ ମୁଣ୍ଡରେ ନେଳି ପୋଖରୀ
ନେଳି ପୋଖରୀ ମଝିରେ ଦୀପପଦଣ୍ଡୀ
ଦୀପିଦଣ୍ଡି ଉପରେ ଛୋଟିଆ ଦେଉଳ ।
ଚନ୍ଦନ ଯାତ ବେଳେ ନେଳି ପୋଖରୀରେ ବାସୁଦେବ ଚ଼ାପ ଖେଳନ୍ତି ଓ ସେଇ ଛୋଟ ଦେଉଳରେ ବିଜେ ହୁଅନ୍ତି । ଚୁଡ଼ାଘଷା ଓ କଦଳୀପଣା ପିଅନ୍ତି ।

ଖରାଦିନେ ଆମର ସେଠି ଖେଳ । ଚ଼ିତିପହଁରା, ବୁଡ଼ାପହଁରା, ଚ଼ିତ୍ତଳ ପହଁରା, ଗୋଡ଼ ଭିଡ଼ାଭିଡ଼ି । ମୁଁ ଯୋଉ ଛୁଟିଟା ସେଠି ରହେ, ସେଠି ଦଶପନ୍ଦର ସାଙ୍ଗବି ମୋର ହୋଇଯାଆନ୍ତି ।

ବୋଉର ସାଙ୍ଗସାଥୀମାନେ ତାକୁ ଛାଡ଼ନ୍ତିନି । ପାନରେ ଲବଙ୍ଗ, ଜାଇଫଳ, ହରିଡ଼ାଖଣ୍ଡି ଗୁଣ୍ଡି, ପେଟ ପଟେ ଚ଼ୁନ । ବୋଉର ମତେ ଖୋଜିବାକୁ ତର ନଥାଏ । ନୂଆ ମାଇଁମାନଙ୍କ ଉପରେ ମାମଲତି କାଢ଼ି, ବୋହୂ ଭୁଆଷୁଣୀଙ୍କଠୁ ଗୋଡ଼ଘଷା ଖାଇ, ଭାଗବତ ଘରେ ଦଶମ ସ୍କନ୍ଧ ପଢ଼ି ତା'ର ବେଳ ନଥାଏ । ଆଈ ବାହୁନୁଥାଏ: ଶୋଭାମଣି ମୋ' ଘର ଛାଡ଼ିବାଠୁ ଆମର ଜାଣ ଲକ୍ଷ୍ମୀ ଛାଡ଼ିଲା । ତା' ବାପାକୁ ସେଦିନୁ ଶ୍ୱାସ ଧରିଲା । ବଡ଼ ମାଇଁର ବୋଉକୁ ହାଲ୍ ଡର । ସେ ବୋଉର ଅଧା କଞ୍ଚା, ଅଧା ପାଚ଼ିଲା ବାଳକୁ ନଡ଼ିଆ ତେଲ ଦେଇ ଜୁଡ଼ା ପକଉଥାଏ ।

ବୋଉ ହରିଡ଼ା ଖଣ୍ଡି ପାନଟେ ଖାଇ ଛେପ ପିଚ୍ କରି ପକଉଥାଏ ଅଗଣାକୁ, କହୁଥାଏ: ମତେ ବରଷକେ ଥରେ ବାପ ଘରକୁ ଆସିବାକୁ ଟାଇମ୍ କାଇଁ ? ପିଲାଙ୍କ ଜଞ୍ଜାଳ କରିତ ବେଳ ଯାଉଚ଼ି । ଏ' ଟୋକାତ ଆଖିରୁ ନିଦ କାଢ଼ି ନଉଚ଼ି । ସେବେଳେ ମୋର କଥା ବୋଉର ମନେପଡ଼େ । ବଡ଼ମାମୁ ବିଜିନେସ୍‌ରୁ ଫେରି ଘରେ ପାଦ ଦେଇଥାଆନ୍ତି । ବୋଉ କହେ: ସେ ଟୋକା କୁଆଡ଼େ ଗଲା ଟିକେ ଦେଖିଲୁ ।

ବଡ଼ମାମୁ ସାର୍ଟ ଓହ୍ଲେଇ ମୁଣ୍ଡରେ ଟାଉଲ୍ ପକେଇ ଆସିବା ବେଳକୁ ସାନମାମୁ, ମୁଁ ବଘେଇ ଆମ୍ବତୋଟାରେ ଓ ମୋ ଖାକିପେଣ୍ଟ ପକେଟ୍‌ରେ ଦେଶୀ ଆମ୍ବ ।

ବଡ଼ମାମୁ ମତେ କାଖକରି ଘରକୁ ଆଣିବେ । ସାନମାମୁଁ ପିହୁଳା ଏଣ୍ଡୁଅ ପରି ରଙ୍ଗ ବଦଳେଇ ଆମ୍ବଗଛ ଗଣ୍ଡିର ରଙ୍ଗ ହୋଇ ଛପି ଯାଇଥିବ ଆମ୍ବଗଛରେ । ବଡ଼ମାମୁ ତାକୁ ଆଉ ଦେଖି ପାରିବେ ନାହିଁ । ସାନମାମୁ ରାତିରେ ଶୋଇବାବେଳେ ମୁଁ ପଚ଼ାରେ: ସାନମାମୁ ତୁ କେମିତି ରଙ୍ଗ ବଦଳଉଚୁ ?

ସାନମାମୁ ଉପରକୁ ମୁହଁକରି ଶୋଇଥିବ । ଘର ଭିତରେ ଗରମ ପଡ଼ିଥିବ ବୋଲି ଆମେ ଦୁହେଁ ଶୋଇଥିବୁ ଚ଼ାନ୍ଦିନୀରେ । ଆକାଶରେ କେତେ ତାରା । ସାନମାମୁଁ କହିବ: ଦେଖୁଚୁ ଏଇ ନେଳି ତାରାକୁ?

ମୁଁ ନେଳି ତାରାକୁ ଖୋଜିବି ।

ସାନମାମୁ କହିବ: ଏଇ ଯେତେ ତାରା ସବୁ ଗୋଟେ ଗୋଟେ ଗପ । ଆଉ ସେମାନେ ସବୁ ମଣିଷ ପରି ବଞ୍ଚୁଛନ୍ତି । ଆମମାନଙ୍କ ପରି ଏମାନେ ଚ଼ିଅନ୍ତି... ଶୁଅନ୍ତି... ଆଉ ମୁଁ ଏଇ ରଙ୍ଗ ବଦଳେଇବା ମନ୍ତ୍ର ଏମାନଙ୍କଠୁ ଶିଖିଚ଼ି ।

ମୁଁ ନେଳି ତାରା ସେଯାଏ ପାଇନଥିବି । ମୁଁ ପଚ଼ାରିବି: ମତେ ସେ ମନ୍ତ୍ର ଶିଖେଇ ଦଉନା ।

ସାନମାମୁ ହସିବ, କହିବ: ସେ ମନ୍ତ୍ର ମତେ ଗୋଟେ ହାଡ଼ବାଇ ଦେଇଛି ।

ମୁଁ ଡରରେ ସାନମାମୁ ପାଖକୁ ଲାଗି ଆସିବି । କହିବି: ହାଡ଼ବାଇ ଭୂତ ତ ଭାତ ହାଣ୍ଡିରେ ପୁଅ, ହାଡ଼ ପକେଇଦିଏ, ଘରେ ନିଆଁ ନଗେଇଦିଏ ।

ସାନମାମୁଁ ହସି ମତେ ତା' ହାତରେ ଆଉଁଶିଦେଇ କହେ: ଡରନା ବେଟା । ଆମେମାନେ ଯେମିତି ମଣିଷ, ଆମର ଯେମିତି ଇଚ୍ଛା ଅଛି... ଲଭ୍ ଅଛି... ହାଡ଼ବାଇ ଭୂତର ବି ସେମିତି । ଶୁଣିବୁ ଗୋଟେ ଗପ ?

ମୁଁ ସାନମାମୁ କତିକି ଆଉ ଟିକେ ଲାଗିଆସି ଆସ୍ତେ କରି କହିବି: କହ ।

ମୁଁ ୟୁନିଭର୍ସିଟିରେ ପଢ଼ିବା ବେଳକୁ, ମାମୁଘର ସ୍ଥିତି ଟିକେ ଫିକା ପଡ଼ି ଆସିଲାଣି । ଅଜା ବି ଟେକେ ଗରିବ ହୋଇଗଲେଣି । ବଡ଼ମାମୁ ଘଡ଼ଘଡ଼ି ପଡ଼ି ମରିଯିବାପରେ ଓ ଅନ୍ୟମାମୁ ମାନେ ଭିନେ ହୋଇଯିବା ପରେ, ସାନମାମୁଁ ଲଭ୍‌କେଶ୍‌ରେ ଧରାପଡି ଗାଁଆରେ ଅପଦସ୍ତ ହୋଇ ଆଈ ଇଚ୍ଛାରେ ବାହାହେବା ପରେ, ତଥା ମୋର ପାଠପଢ଼ା ତଥା ମାମୁଘର ଗାଁକୁ ଗୋଟେ ମଫସଲି ସେଣ୍ଟିମେଣ୍ଟ୍ ଭାବିଲା ପରେ ସତକୁ ସତ ଫିକା ପଡ଼ି ଆସିଥାଏ ବୋଉର କାନି ଧରି ମାମୁ ଘରକୁ ଯିବା ରାସ୍ତା ଓ ଡଙ୍ଗାର ଛବି ।

କେବେ କେମିତି ଅଜାଙ୍କ ଚିଠି ଆସେ, ବାପାଙ୍କ ପାଖକୁ । ସେଥିରେ କେବଳ ମୋ ପାଇଁ ଅଜାଙ୍କର ବୟସ୍କ କଲ୍ୟାଣଟିଏ ଥାଏ । ସେଥିରେ ବାପା ଗୁରୁତ୍ୱ ଦିଅନ୍ତି ନାହିଁ । ମୁଁ ବି ଦିଏନା । କାରଣ ସେଇଟା ଚିଠିର ଷ୍ଟାଇଲ୍ । ତା' ପର ଧାଡ଼ି ସବୁ ବାପା ଓ ବୋଉଙ୍କୁ ପାଇଁ ମୂଲ୍ୟବାନ ହୋଇପଡ଼େ ।

ମଝିଆ ମାମୁ ଦୁବାଇ ପଳେଇଛନ୍ତି ଓ ସେଠି ଭଲ ପଇସା କମେଇ ମାଇଁ ପାଇଁ ପଠେଇଛନ୍ତି ନ'ଦଶ ଭରିର ସୁନାହାର । ଏଣେ ତାଙ୍କ ବାହାଘର ପାଇଁ ହୋଇଥିବା ଋଣ ଦଶହଜାର ଏ'ଯାଏ ଶୁଝି ପାରିନାହାନ୍ତି ଅଜା ।

ସାନମାମୁଙ୍କ ସ୍ତ୍ରୀ ମୁଣ୍ଡରେ ଓଢ଼ଣା ନ ଦେଇ ଆଈ ସାଙ୍ଗେ କଳି କରୁଛି ଓ ସାନମାମୁଁ ଶୁଣିଲେବି ବିଡ଼ି ଟାଣିଟାଣି ଚାଲି ଯାଉଛି ।

କୌଣସି ଚକରେ ଏ' ବର୍ଷ ଭଲ ଧାନ ହେଲା ନାହିଁ । ପଦ୍ମକେଶରୀ ଚାଉଳ ସ୍ୱପ୍ନ ହୋଇଗଲା । ଭଲ ଅରୁଆ ଚାଉଳ ନମିଳିବାରୁ ଆଈ ଓଷାବ୍ରତ ଛାଡ଼ି ଦେଲା ।

ଅଜାଙ୍କର ଦେହ ଆଜିକାଲି ମୋଟେ ଭଲ ରହୁନି । କାଶ କମୁନି । ଶ୍ୱାସ ହୋଇଛି । ମାମୁମାନେ ତାଙ୍କ ପିଲା ପିଲିମାନଙ୍କ ପାଇଁ ବେବିଫୁଡ୍ ଆଣିପାରୁ ନାହାନ୍ତି ଆଉ ହରଲିକ୍ସ କି ଫଳକଥା କିଏ ପଚାରେ ?

ବାଲୁଗାଁ କଙ୍କଡ଼ା ନଖାଇବାର ଆଜିକି ହେଇଗଲା ଦୁଇବର୍ଷ ପାଞ୍ଚମାସ ଅଜାଙ୍କର । ହଃ । କିଏ ପଚାରୁଛି । ବୁଢ଼ା ହେଲେ କଥା ସରିଲା ।

ଶେଷରେ କଲ୍ୟାଣ, ଶୁଭମସ୍ତୁ ।

ଅଥଚ ସେବେଳେ ଅଜାଙ୍କ ଚିଠିକୁ ଆମେ ଅନେଇ ରହୁ । ବିଶେଷ କରି ମୋ ପାଇଁ ସେ ଗୋଟେ ସୁବର୍ଣ୍ଣ ସୁଯୋଗ । ଅଜା ନିଶ୍ଚେ ଲେଖିଥିବେ: ମା' ପୁଅ ଆସ । ଜୋଇଁ ତ ବ୍ୟସ୍ତ ଲୋକ । ଆଈ କାନ୍ଦୁଛି । ନାତି ଟୋକାକୁ ନଦେଖିଲେ କହୁଛି ପାଣି ଛୁଇଁବନି । ମୁଁ ଅମୁକ ଦିନ ପହଁଚୁଛି ।

ବାସ୍ । ସେଇଦିନ ଉପରଓଳି ପହଞ୍ଚିଯିବେ ଅଜା ମହାଶୟ । ମୁଁ ଆସ୍ତେ କରି ଅଜାଙ୍କ କାନରେ ପଚାରିବି, କୋଉଦିନ ଯିବା ?

ଅଜା କହିବେ: ଅପର ଦିନ ।

ବାପା, ମତେ କହିବେ: ବୋଉ ତା'ର ଏକା ଯିବ, ଦି'ଦିନ ରହି ପଳେଇ ଆସିବ, ତୁ ଯିବୁନି ।

ମୁଁ ମୁଣ୍ଡ ହଲେଇ ମନା କରିବି । ମୋ ପଢ଼ା ଘରକୁ ଯାଇ ମୁହଁ ମାଡ଼ି ଶୋଇ କାନ୍ଦିବି ଓ ମନେ ମନେ ଗାଳି ଦେବି: ବାପା ନା ଚୋପା... । ଶେଷରେ ଅଜାଙ୍କ ଜିଦ୍ ରହିବ । ତାଟ ଶଗଡ଼ରେ ବୋଉ, ମୁଁ ବସିବୁ । ଆମ ଶଗଡ଼ ଗାଁ ଦଣ୍ଡା, ଗୋହିରୀ ପାରି ହୋଇ ଚାଲିବ । ବାପା ରହିଯିବେ ପଛରେ । କେବଳ ତାଙ୍କ ନାଲିଗାମୁଛା ଦିଶୁଥିବ । ବୋଉ ଚାହିଁଥିବ ଆମ ଗାଁ ଆଡ଼େ । ବୋଧେ ନାଲିଗାମୁଛା ନ ଦିଶିବା ଯାଏ, ଶଗଡ଼ିଆ କ'ଣ ଗୋଟେ ଗୀତ ଗାଉଥିବ, ବେଶୀ ନାକରେ... କମ୍ ପାଟିରେ । ସେ ଗୀତର ବିନ୍ଦୁ ବିସର୍ଗ ମୁଁ ବୁଝି ପାରିବି ନାହିଁ ।

ଶଗଡ଼ ଗ୍ରାମ ଦେବତୀଙ୍କ ପାଖେ ରହିବ, ବୋଉ ଗୁଣୁଗୁଣୁ ହୋଇ ମୁଣ୍ଡିଆ ମାରିବ: ମାଲୋ । ଆମକୁ ଭଲରେ ନେଇ ଭଲରେ ଫେରେଇ ଆଣ୍ ଲୋ ମା... । ଅଜା ବଟୁଆରୁ ପାନ ଭାଙ୍ଗିବେ । ବୋଉ ଗୋଟେ ଗୁଣ୍ଡି ପାନ ଅଜାଙ୍କଠୁ ଆଣି ପାଟିରେ ପୂରେଇ କହିବ: ଇହି । କି କଡ଼ା ଲୋ ମା । ବାପା । ଏ ତମ ହାତ ଘଷା ଗୁଣ୍ଡି ନୁହଁ କି ?

ନାଇମ । ଏ ହଉଚି ଶଳା ଧୂଳି ସାଉ ଦୋକାନ ଗୁଣ୍ଡି । ଅଜା କହିବେ । ବୋଉ ପଚାରିବ: ତା ମଝିଆଁ ଝୁଅଟା ପରା ବାହା ହୋଇ ପାରୁନଥିଲା, ଉଆଁସିଟା ପରା ।

ଅଜା କହିବେ: ମଲ୍ଲୀ ତ? ତୋ' ଠଉଁ ଦଶବରଷ ଖଣ୍ଡେ ସାନ ହବ । ଉଆଁସିଟିଏ ସିନା, ନ ହେଲେ ଭାରି ଗୁଣର । ମାଛିକି 'ମ' କହିବନି । ବିଚାରୀ ଏନ୍‌ଡ୍ରିନ୍ ଖାଇ ମରିଗଲା । ବୋଉ

ଆଖି ବଡ଼ ବଡ଼ ହୋଇଯିବ । ବୋଉ ବୋଧେ କାନ୍ଦିପକେଇବ କି କ'ଣ ?

ଛାଡ଼ ! ମତେ ସେ ଧୂଳସାଉ, ଫୁଲ ସାଉରୁ କ'ଣ ମିଳିବ । ମୁଁ କହିବି: ବୋଉ ମତେ ମୁଆଁ ଦେ । ବୋଉ କହିବ: ତତେ କ'ଣ ଭୋକ ହେଲାଣି ? ରହ କ'ଣ ଗୋଟେ କଥା ପଡ଼ିଛି ।

ମୁଁ ଜିଦ୍ ଧରିବି: ନା ! ମୁଁ ମୁଆଁ ଖାଇବି । ବୋଉ ଚିଡ଼ି ଯାଇ କହିବ: ଏଇଥିପାଇଁ ଏ' ଟୋକାକୁ କୁଆଡ଼େ ନବାକୁ ମୋ ମନ କହେ ନାହିଁ । ସବୁଠି ଜିଦ୍ କରିବ, ନାଁ ପକେଇବ ।

କିନ୍ତୁ ମୁଆଁଟେ ଦେବ ହାଣ୍ଡିରୁ କାଢ଼ି ।

ଏ'ସବୁ କଥା କେବଳ ଥାଏ ସ୍ମୃତିରେ । କିଛି କିଛି, କେତେ ଗୁଡ଼ା ଭୁଲି ହୋଇ ସାରିଥାଏ । ଭୁଲି ହୋଇଯାଇଥାଏ, କନମାଉସୀ ଉଣେଇଶି ବର୍ଷରେ ମରି ଚିର୍ଗୁଣୀ ହୋଇ ମଶାଣି ହିଞ୍ଜଳ ଗଛରେ ଗୋଡ଼ ତଳକୁ ଝୁଲେଇ ପାଟିରୁ ନିଆଁ କାଢ଼ିବା କଥା । ଭୁଲି ହୋଇଯାଇଥାଏ, ସାନମାମୁର ହାଡ଼ବାଇ ଗପ । ଭୁଲି ହୋଇଯାଇଥାଏ, ଘିଅକୁଆଁରୀ ବାଡ଼ ଡେଇଁ ନାକ ସୁନ୍ଦରୀ ଆମ୍ବ ଚୋରେଇବା ବେଳେ ନାଗସାପ ଯୋଡ଼ ଦେଖିବା କଥା ।

ଭୁଲି ହୋଇସାରିଥାଏ, ମାମୁଘର ବାସ୍ନା । ମୁଗଡାଲି, କନ୍ଦମୂଳ ଭଜା ଓ ଆଈ ନାକର ଚାରିଭରିର ଗୁଣା... ଏସବୁ ଭୁଲିବାକୁ ନଚାହିଁଲେ ବି, କେମିତି କେଜାଣି ସବୁ ଭୁଲି ହୋଇଯାଉଥାଏ ।

ଅଜା ଶ୍ୱାସରେ ମଲାବେଳେ, ମତେ କାଳେ ବହୁତ ଖୋଜିଲେ, ମୁଁ ଚାକିରି ଜାଗାରୁ ଛୁଟି ନେଇ ପାରିଲି ନାହିଁ । ବଡ଼ମାମୁ ଘଡ଼ଘଡ଼ି ପଡ଼ି ମଲାବେଳେ ମୁଁ ପିକ୍‌ନିକ୍ ଯାଇଥିଲି । ଦି'ମାସ ଯାଏ ବଡ଼ି ସକାଳୁ ଓ ଅଧରାତିରେ ବୋଉ ସୁଁ ସୁଁ ହୁଏ... ବେଳେ ବେଳେ ଚାପା ସୁରରେ ବାହୁନେ ।

ମୁଁ ବୋଉ ଉପରେ ଚିଡ଼େ: ଯିଏ ମଲା, ତା' ପାଇଁ କାନ୍ଦିଲେ, ସେ କଷ୍ଟପାଏ । ବରଂ ନ କାନ୍ଦିବା ଭଲ ।

ବୋଉ କହେ: ନ କାନ୍ଦିଲେ ସାଇ ପଡ଼ିଶା କ'ଣ କହିବେ ? ଭାଇଟା ମରିବାର ମାସଟେ ହେଇନି, ଭଉଣୀ କାନ୍ଦ ଭୁଲିଗଲା ?

କିଛିଦିନ ପରେ କିନ୍ତୁ ସତକୁ ସତ ବୋଉ କାନ୍ଦ ଭୁଲି ଯାଏ ଓ ବ୍ୟସ୍ତ ହୋଇଯାଏ । ବାପାଙ୍କ ସାଙ୍ଗେ କଳି ଲଗାଏ । ଝିଅମାନଙ୍କୁ ଶଣ୍ଢଣା ଶିଖାଏ । ମାର୍ଗଶିର ଗୁରୁବାରେ ଲକ୍ଷ୍ମୀପାଦ ଝୋଟି ଆଙ୍ଗେ । କାର୍ତ୍ତିକ ଓଷା କୋଠିରେ ବଡ଼ପାଟିରେ ହୁଳୁହୁଳି ପକାଇବା ପାଇଁ ବୋଉକୁ ଡାକରା ଆସେ । ବୋଉ ପୁଣି ବ୍ୟସ୍ତ ହୋଇଯାଏ ।

ଏଇ ବ୍ୟସ୍ତତା ଭିତରେ ତା'ର ମନେ ପଡ଼ନ୍ତି ଅଜା ଓ ମାମୁମାନେ । ସୁଁ ସୁଁ ଟିକେ ହୁଏ । ପୁଣି ସକାଳକୁ ସବୁ ଭୁଲିଯାଏ । ସବୁ ମାମୁମାନେ ବାହା ହେଲେ । ନୂଆ ମାଇଁମାନେ ପୁରୁଣା ହେଲେ । ସେମାନଙ୍କ ପିଲାମାନେ ଚାକିରି ବାକିରି କଲେ, କାମ ଧନ୍ଦା ପାଇଁ ଭୁବନେଶ୍ୱର ଆସିଲେ । ବୋଉର ସ୍ମୃତିରେ ମାମୁଘରେ ଯାହା ଚିତ୍ର ଥିଲା, ସେସବୁ ନଥିଲା ସେମାନଙ୍କର । ଜଣେ ମାମୁ ବାବାଜି ହୋଇଗଲେ । ମାଇଁମାନେ ଭିନେ ହେବାକୁ ଅଡ଼ି ବସିଲେ । ବାପା ଭଦ୍ରଲୋକ ହୋଇକି ଗଲେ । ମାମୁଁମାନେ, ମାଇଁମାନେ, ତାଙ୍କ ପିଲା ପିଲି ମାନେ ଭିନେ ହେଲେ । ଧାନକୋଠି ଭଙ୍ଗାହେଲା । ଜଣେ ମାଇଁ ଚାକିରି କରିବାକୁ ଭୁବନେଶ୍ୱର ଆସିଲେ ଓ ସାଙ୍ଗରେ ବି ତାଙ୍କ ପିଲାପିଲିଙ୍କୁ ନେଇ ଆସିଲେ ।

ବୋଉ କହିଲା: ସେ ଘରର କୋଉ ଅଲକ୍ଷଣାକି ଅଲକ୍ଷଣୀଙ୍କ ମୁହଁ ଚାହିଁବି ନାହିଁକି ତାଙ୍କ ଘର ଦୁଆର ମାଡ଼ିବି ନାହିଁ ।

ମାମୁମାନେ ଭିନେ ହେବା ପରେ ଆଈ ବି ବଙ୍କା ହେଲା । ପ୍ରତି ମାମୁ ପାଖେ ସେ ମାସେ ମାସେ ରହିବ । ଆମେ ଆଈକୁ ଆମ ଘରକୁ ନେଇ ଆସିଲୁ । ବୋଉ ମାମୁମାନଙ୍କ ବିରୋଧରେ ଆଈକୁ ଉସୁକେଇଲା । କହିଲା: ସେଗୁଡ଼ା ମାଇପ ବୋଲିଆ, ମା'ଟାକୁ ଭଲରେ ରଖିପାରୁନାହାନ୍ତି । ଧିକ୍ ତାଙ୍କୁ...

ଆଈ ସବୁ ଶୁଣିଲା । କିଛି କହିଲା ନାହିଁ ।

ମୁଁ କହିଲି: ଆଈ ! ତୁ ଏଠି ରହ । ଏଇଠି ବରଂ ତତେ ଡାକ୍ତର ଦେଖେଇବି । ତୋ'ର ସବୁ ଚେକ୍‌ଅପ୍ ଏଇଠି ହେଲେ ସୁବିଧା ହବ ।

ଆଈ ସବୁ ଶୁଣିଲା । ହସିକି କହିଲା: ଆଉ କେତେଦିନ ବଞ୍ଚିବିରେ, ମୋରେ ଏତେ ସବୁ ସେବା ଯତ୍ନ କରିବୁ ? ମୋ ଲାଗି ବୋଉଟା ହଇରାଣ ହବ । ମୋର ତ ଗୋଡ ହାତ ଚଳୁଚି ଅସୁବିଧା କିଛି ନାହିଁ ।ମତେ ଗାଁରେ ଛାଡ଼ି ଆସେ । ନାତି ନାତୁଣୀ ଗୁଡ଼ା ମନେ ପଡ଼ୁଛନ୍ତି... ପୁଅମାନେ ଖୋଜୁଥିବେ...। ମୁଁ ନମୋହିଁଲେ ବଳଦଗୁଡ଼ା ତୋରାଣୀ ଢୋକିବେନି । ବୋହୂଗୁଡ଼ା ଗୁମ୍ ମାରି ବସିଥିବେ, ଅଜାଙ୍କ ପିଣ୍ଡ ପତ୍ର ପଡ଼ିବ ସଂକ୍ରାନ୍ତି ତିନିଦିନରେ...।

ଆଈକୁ ସେଥର ମୁଁ ହିଁ ଛାଡ଼ିବାକୁ ଗଲି । ମାମୁମାନେ ନ ଥିଲେ । ସାନମାଇଁଙ୍କ ଘର ଖଟରେ ମୁଁ ବସିଲି । ଅଜାଙ୍କର ଓ ମୋର ମକର ମେଳାରେ ଉଠେଇଥିବା କଳାଧଳା ଫଟୋ ଦେଖିଲି । ବି.ଏ. ପାଶ୍ ସାନମାଇଁ, ସାନପୁଅ ହାତରେ ପାଖ ବଜାରରୁ ମୋ ପାଇଁ କୋଲ୍‌ଡ୍ରିଙ୍କ୍ସ୍ ମଗେଇଲେ ।
ମୁଁ ପଚାରିଲି: ଆଈ । ବାଡ଼ିରେ ସେ ଲେମ୍ବୁଗଛଟା ନାହିଁକି ?

ଆଈ କହିଲା: ସେଇଟା ଏ ବର୍ଷ ବଡ଼ ମଝିଆଁ ଭାଗରେ ପଡ଼ିଛି । ତା' ପିଲାପିଲି ଏଠି ନାହାନ୍ତି ତ ? ତା' ଗଛରେ କିଏ ହାତ ମାରିବ ?

ମୁଁ କହିଲି: ସେଇଟା ପରା ଅଜା ଲଗେଇଥିଲେ ?

ଆଈ କହିଲା: ଖାଲି ଲେମ୍ବୁଗଛ କାଇଁକି, ଏସବୁ ମଣିଷ ଗଛ ବି ସେ ଲଗେଇ ଥିଲେ...। ଗଛ ଲଗେଇବା ଲୋକର ଫଳରେ କି ଅଧିକାର ?

ମୁଁ ବୁଝିପାରିଲି ନାହିଁ, ସାନମାଇଁ ମୁହଁ ମୋଡ଼ିଲେ । ମତେ ଦର୍ପଣରେ ଦିଶିଲା ।

ବଡ଼ମାଇଁ ମତେ ତାଙ୍କ ଘରକୁ ଡାକିଲେ, ମିକ୍‌ସଚର୍ ଦେଲେ ।

ମୋର ମନେପଡ଼ିଲା, ସେଇ ଲମ୍ବା ବାରଣ୍ଡାରେ ମୁଁ ସବୁ ମାମୁମାନଙ୍କ ସାଙ୍ଗେ ଏକାଠି ଖାଏ । କେତେ କ'ଣ ଭଜା, ସନ୍ତୁଳା, ପୋଡ଼ା ଆସି ଥାଳିଆମାନଙ୍କରେ ଥୁଆ ହୁଏ । ଆଈ ପାଖରେ ବସି ଏଇଟା ଖା' ସେଇଟା ଖା' କହୁଥାଏ...।

ମତେ ଛାଟିପିଟି ଲାଗିଲା ପଳେଇ ଯିବାକୁ, କହିଲି: ମୁଁ ଯିବି ଉପର ଓଳି ।

ଆଈ କହିଲା: ରହୁନୁ ଦି'ଦିନ...।

ମୁଁ କହିଲି: ବହୁତ କାମ ତେଣେ ବାକି ପଡ଼ିଛି । ମତେ ଯିବାକୁ ହବ ।

ଆସିବା ବେଳେ ଆଈ ହାତରେ ଦି'ଟା ଶହେଟଙ୍କିଆ ଗୁଞ୍ଜି ଦେଲି । କହିଲି: ମିଠା କି ଫଳ ଖାଇବୁ ।

ଆଈ କିଛି କହିଲା ନାହିଁ ।

ମାମୁମାନେ ଘରକୁ ଫେରିଲେ । ମତେ ବସ୍‌ରେ ବସେଇ ଦେବାକୁ ମଝିଆଁ ମାମୁ ଆସିଲେ ଛକକୁ । ଆଈ ବି ଆସିଲା । ବସ୍‌ରେ ବସିବା ବେଳେ, ଆଈ ମୋ ହାତରେ ଗୁଞ୍ଜିଦେଲା ଗୋଟେ ପୁଡିଆ । କହିଲା: ତୋ ମାଇପ ପାଇଁ ଚେନ୍‌ଟେ ଗଢ଼ିଦେବୁ । ମୁଁ ଥିବି କି ନାହିଁ ଦେଖିବାକୁ !

ବସ୍ ଛାଡିଲା । ମୁଁ ପୁଡିଆ ଖୋଲିଲି, ସେଥିରେ ଥିଲା, ମୁଁ ଦେଇଥିବା ଦୁଇଶ ଟଙ୍କା ଓ ଆଈର ଚାରିପାଞ୍ଚଭରିର ନାକଗୁଣା...।

ବସ୍ ମାମୁଘର ଗାଁ ଛାଡି ଚାଲିଲା । ତାଳବଣିଆ ଗହୀର... ରଣନଈ...ମାମୁଁ ଭଣଜା ମୁଣ୍ଡିଆ... ମାଛିଫୁଲ ବାସ୍ନାର ରାସ୍ତା.... । ମୁଁ ଅନ୍ୟମନସ୍କ ହୋଇ ଉଠୁଥିଲି ।

-୦-



Art by Ahimanikya Satapathy 1993

A mother tongue is the language a person is taught to speak from birth.

- In Defense of Mother Tongue -- http://www.boloji.com/family/00119.htm
- Can your child speak in her mother tongue? http://www.indiaparenting.com/raisingchild/data/raisingchild119.shtml
- Importance of Mother Tongue -- http://www.maharishi-india.org/institutions/i3/mtongue.html
- Mother Tongue Vs English Tongue -- http://www.rediff.com/news/1999/dec/03us.htm
- Mother Tongue by Amy Tan -- http://www.people.virginia.edu/~pmc4b/spring98/readings/Mother.html

ବିକଳାଙ୍ଗ ଶିଶୁ ଅଷ୍ଟବକ୍ର

ବିଶ୍ୱରଞ୍ଜନ ପଟ୍ଟନାୟକ, ଟରଣ୍ଟୋ, କାନାଡ଼ା

ବହୁ ପ୍ରାଚୀନ କାଳର କଥା । ମିଥିଳା ରାଜ୍ୟର ଏକ ଉପନଗରୀରେ ବାସ କରୁଥିଲେ ଖଗୋଦର ନାମକ କ୍ଷାତିସମ୍ପନ୍ନ ବେଦବିତ୍ ପଣ୍ଡିତ ଓ ତାଙ୍କ ପତ୍ନୀ ସୁଜାତା । ଅତ୍ୟନ୍ତ ଦାରିଦ୍ର୍ୟ ସତ୍ତ୍ୱେ ଖଗୋଦର ସଦାସର୍ବଦା ତାଙ୍କ ଦୈନନ୍ଦିନ ବେଦାଧ୍ୟୟନ, ପୂଜାର୍ଚ୍ଚନା ଓ ଶାସ୍ତ୍ରପଠନରେ କୌଣସି ବ୍ୟତିକ୍ରମ କରୁ ନ ଥିଲେ ।

ଏକଦା ପ୍ରାତଃକାଳରେ ଖଗୋଦର ଉଚ୍ଚ କଣ୍ଠରେ ମନ୍ତ୍ରୋଚ୍ଚାରଣ ରତ ଥିବାବେଳେ ଏକ ଅଦୃଶ୍ୟ ବାଣୀ ଶୁଣିବାକୁ ପାଇଲେ - "ଏ' ବ୍ରାହ୍ମମୁହୂର୍ତ୍ତରେ ଆପଣଙ୍କ ମନ୍ତ୍ର ରଟନ ଅଯଥାରେ ମୋର ନିଦ୍ରା ଓ ଧ୍ୟାନ ଭଗ୍ନ କରୁଛି, ପିତା ! ଆପଣଙ୍କ ଏ' ଶାସ୍ତ୍ରୋଦ୍ଧୃତ ଶବ୍ଦରାଶିରେ ନା ଅଛି ଜ୍ଞାନ, ନା ଅଛି ସତ୍ୟର ଲେଶମାତ୍ର ସତ୍ତା" । ସୁଜାତା ସେତେବେଳେ ଗର୍ଭବତୀ ଥାଆନ୍ତି । ତେଣୁ ଏ' ଅଦୃଶ୍ୟ ବକ୍ତବ୍ୟ ଯେ ସୁଜାତାଙ୍କ ଗର୍ଭରେ ଥିବା ଅବଜାତ ଶିଶୁପୁତ୍ର ମୁଖରୁ ଉତ୍ସୃତ, ଏ' କଥା ବୁଝିବାକୁ ପଣ୍ଡିତ ଖଗୋଦରଙ୍କୁ ବେଶୀ ସମୟ ଲାଗି ନ ଥିଲା ।

ଏକେ ତ ପିତା, ଦ୍ୱିତୀୟରେ ପୁଣି ମହା ପଣ୍ଡିତ । ଅବଜାତ ଶିଶୁର ଏ' କଠୋର ଔଦ୍ଧତ୍ୟ ଖଗୋଦରଙ୍କ ଅସ୍ମିତାକୁ ଏପରି ଆଘାତ ଦେଲା ଯେ କ୍ଷଣିକ ଆବେଗରେ କ୍ରୋଧାନ୍ଧ ହୋଇ ନିଜର ପୁତ୍ରକୁ ଅଭିଶାପ ଦେଇଦେଲେ, "ଅଷ୍ଟବକ୍ର ଭବ"! ଅର୍ଥାତ୍ "ଜନ୍ମରୁ ହିଁ ତୋର ଆଠ ଅଙ୍ଗରେ ବକ୍ରତା ରହୁ" ।

ଏ' ମଧ୍ୟରେ ଦାରିଦ୍ର୍ୟ କଷଣରୁ କିଛିଟା ଉପସମ ଲାଭ ଆଶାରେ ଖଗୋଦର ମିଥିଳାର ସମ୍ରାଟ ଜନକଙ୍କ ପାଖରେ ସାହାଯ୍ୟପ୍ରାର୍ଥୀ ହୋଇଥାଆନ୍ତି । ହେଲେ ରାଜସହାୟ ତ ଦୂରର କଥା, ଇତି ମଧ୍ୟରେ ରାଜପଣ୍ଡିତ ବାନ୍ଦୀନଙ୍କ ସହ ଶାସ୍ତ୍ରାର୍ଥାଲୋଚ୍ଚନାରେ ପରାସ୍ତ ହୋଇ, ଖଗୋଦରଙ୍କୁ ବାନ୍ଦୀନଙ୍କ ପିତା ବରୁଣଙ୍କ ପାଖରେ ଆଜୀବନ ଦାସତ୍ୱ କରିବାକୁ ପଡ଼ିଥିଲା, ଓ ଅଷ୍ଟବକ୍ରଙ୍କ ଜନ୍ମ ବେଳକୁ ମଧ୍ୟ ସେ ଉପସ୍ଥିତ ନଥିଲେ ।

ଇତି ମଧ୍ୟରେ ଏକ ବିକଳାଙ୍ଗ ଶିଶୁଭାବେ ଜନ୍ମନେଇ ଅଷ୍ଟବକ୍ର ମାତାଙ୍କ ତତ୍ତ୍ୱାବଧାନରେ ତାଙ୍କ ପ୍ରତିଭାବାନ ଜୀବନର ଆରମ୍ଭ କଲେ । ନିଜର ବିକଳାଙ୍ଗ ଶରୀର ଓ ପିତାଙ୍କ ଅନୁପସ୍ଥିତି ହେତୁ ଗୁରୁକୁଳରେ ତାଙ୍କୁ ଚପଳ ସହପାଠୀମାନଙ୍କଠାରୁ ସ୍ୱଭାବତଃ ଅନେକ ଟାହିଟାପରା ଶୁଣିବାକୁ ପଡୁଥିଲା । ମାତାଙ୍କ ଠାରୁ ପିତାଙ୍କ ଦାସତ୍ୱ ବିଷୟରେ ଅବଗତ ହୋଇ ସେ ରାଜପଣ୍ଡିତ ବାନ୍ଦୀନଙ୍କୁ ବାକ୍‌ଯୁଦ୍ଧରେ ପରାସ୍ତ କରି ପିତାଙ୍କ ଅପମାନର ପ୍ରତିଶୋଧ ନେବେ ବୋଲି ମା'ଙ୍କୁ ପ୍ରତିଶ୍ରୁତି ଦେଲେ ଓ ବିଦେହରାଜ ଜନକଙ୍କ ରାଜସଭାକୁ ଯିବାପାଇଁ ମାତାଙ୍କ ଅନୁମତି ନେଲେ ।

ଅଷ୍ଟବକ୍ରଙ୍କୁ ସେତେବେଳେ ମାତ୍ର ବାର ବର୍ଷ ବୟସ । ନିଜ ସମବର୍ଷୀ ଓ ମାମୁଁ ଶ୍ୱେତକେତୁଙ୍କ ସହ ସେ ଯେତେବେଳେ ମିଥିଳା ରାଜପ୍ରାସାଦରେ ପହଞ୍ଚିଲେ ସେତେବେଳେ ଏକ ତର୍କ ମହାସଭାର ବିରାଟ ସମାରୋହ ଚାଲିଥାଏ । ଏ' ସତ୍ୟାନ୍ୱେଷୀ ବାଦବିବାଦର ବିଜେତାକୁ ଧନଧାନ୍ୟରେ ପୁରସ୍କୃତ କରାଯିବାର ମଧ୍ୟ ଘୋଷଣା କରାଯାଇଥାଏ । ସମାରୋହର ଶେଷ ପୀଢ଼ିରେ ରାଜପଣ୍ଡିତ ବାନ୍ଦୀନଙ୍କ ବିଜୟ ଅବଶ୍ୟମ୍ଭାବୀ ବୋଲି ଚାରିଆଡ଼େ ଡିଣ୍ଡିମ ବାଜୁଥାଏ ।

ଏ ସମ୍ବାଦ ଶୁଣି ଅଷ୍ଟବକ୍ର ତର୍କସଭାରେ ଭାଗନେବାକୁ ଅନୁରୋଧ କଲେ ଓ ବହୁ କଷ୍ଟରେ ଅନୁମତି ପାଇ ସେ ଯେତେବେଳେ ସଭାରେ ପ୍ରବେଶ କଲେ, ସେତେବେଳେ ସଭାରେ ଅଧିଷ୍ଠିତ ପଣ୍ଡିତମାନେ ତା'ଙ୍କ କୁତ୍ସିତ କଦାକାର ରୂପ ଓ ଅଙ୍ଗଭଙ୍ଗୀ ଦେଖି ହସିବାକୁ ଲାଗିଲେ । ସେମାନଙ୍କ ତାତ୍ପର୍ଯ୍ୟ ହାସ୍ୟରୋଳ ଶୁଣି ଅଷ୍ଟବକ୍ର ମଧ୍ୟ ଆହୁରି ଜୋର୍‌ରେ ଖିଲ୍ ଖିଲ୍ ହୋଇ ହସି ଉଠିଲେ । ତାଙ୍କ ଶିଶୁସୁଲଭ ନିର୍ଦ୍ଦୋଷ ଖିଲ୍ ଖିଲ୍ ହସ ଶୁଣି ରାଜା ଜନକ ସ୍ୱୟଂ ଆଶ୍ଚର୍ଯ୍ୟାଭିଭୂତ ହୋଇ ଅଷ୍ଟବକ୍ରଙ୍କୁ ପଚାରିଥିଲେ, "ଅନ୍ୟସମସ୍ତଙ୍କ ହସିବାର କାରଣ ତ ମୁଁ ବୁଝିପାରୁଛି ପୁତ୍ର, ହେଲେ ତୁମର ଏତେ ଉତ୍‌ଫୁଲ୍ଲିତ ହେବାର କାରଣ କ'ଣ ?"

ଅଷ୍ଟବକ୍ର ଉତ୍ତରରେ ଜନକଙ୍କୁ କହିଥିଲେ, " ରାଜନ୍, କ୍ଷମା ମାଗୁଛି ମୋର ଦୁରାଚରଣ ପାଇଁ । ଶୁଣିଥିଲି ଆପଣ ସତ୍ୟାନ୍ୱେଷଣର ଅଭୀପ୍ସା ନେଇ ଏ' ସଭାର ଆୟୋଜନ କରିଛନ୍ତି । କିନ୍ତୁ ଏ' ତ ମୋଚି ମାନଙ୍କ ସଭା ! ଏଠି ବା କି

ସତ୍ୟାନ୍ୱେଷଣ ହୋଇପାରେ ? ସାମାନ୍ୟ ଚର୍ମରେ ଆବୃତ ମୋର ଏ' ପାର୍ଥିବ ଶରୀର ବ୍ୟତିରକେ ଆପଣଙ୍କ ପଣ୍ଡିତମାନେ ଅନ୍ୟ କିଛି ତ ଦେଖି ପାରୁନାହାନ୍ତି ! ପାର୍ଥିବ ଜଗତର ପଶ୍ଚାତ୍‌ରେ ଥିବା ଅଦୃଶ୍ୟ ଦ୍ରଷ୍ଟାର ସନ୍ଧାନ ବା ଆପଣଙ୍କୁ ଏ'ମାନେ କିପରି ଦେବେ, ଏ'କଥା ଭାବି ମତେ ବଡ଼ ମଜା ଲାଗୁଛି । ''

କଥା ଅଛି, ଅଷ୍ଟବକ୍ର ଶାସ୍ତ୍ରାଲୋଚ୍‌ନାର ଶେଷ ପୀଢ଼ିରେ ପ୍ରତିଷ୍ଠିତ ଦାର୍ଶନିକ ବାନ୍ଦୀନଙ୍କୁ ପରାସ୍ତ କରି ତର୍କମହାସଭାରେ ବିଜେତା ଉଦ୍‌ଘୋଷିତ ହୋଇଥିଲେ, ଓ ପୁରସ୍କାର ସ୍ୱରୂପ ପିତା ଖଗୋଦରଙ୍କୁ ବରୁଣଙ୍କ ଦାସତ୍ୱରୁ ଚିରଦିନ ପାଇଁ ମୁକ୍ତ କରିଥିଲେ । ପିତାଙ୍କ କ୍ରୋଧାଭିଶାପରେ ନିଜର ଅଙ୍ଗପ୍ରତ୍ୟଙ୍ଗ ଘଟଣାଚ୍ରକ୍ରରେ ବିକୃତ ହୋଇଥିଲେ ବି ଆମ୍ରଦ୍ରଷ୍ଟା ଅଷ୍ଟବକ୍ରଙ୍କ ମନରେ ପିତାଙ୍କ ପ୍ରତି କୌଣସି ଖେଦ ନ ଥିଲା । ଖଗୋଦର, ପୁତ୍ରର ପିତୃଭକ୍ତିରେ ଅତ୍ୟନ୍ତ ପ୍ରୀତ ହୋଇ ଆଶୀର୍ବାଦ ସହକାରେ ତା'ଙ୍କୁ ନିକଟବର୍ତ୍ତୀ ନଦୀ ସଙ୍ଗମାରେ ସ୍ନାନ କରିବାକୁ ପଠାଇଥିଲେ । ସ୍ନାନାନ୍ତେ, ପିତାଙ୍କ ସସ୍ନେହ ଆଶୀର୍ବାଦରୁ ଅଷ୍ଟାବକ୍ରଙ୍କ ସମସ୍ତ ଅଙ୍ଗବିକୃତତା ଦୂର ହୋଇଯାଇଥିଲା ।

ପରବର୍ତ୍ତୀ ଅନ୍ୟ ଏକ ସମୟରେ ଜନକ ଅଷ୍ଟବକ୍ରଙ୍କୁ ରାଜପ୍ରାସାଦକୁ ସାଦର ନିମନ୍ତ୍ରଣ କରି ଅଭ୍ୟର୍ଥନା କରିଥିଲେ ଓ ତାଙ୍କ ଶିଶ୍ୟତ୍ୱ ଗ୍ରହଣ କରିଥିଲେ । ଅଧ୍ୟାତ୍ମ, ମୁକ୍ତି, ଓ ସତ୍ୟ ଉପରେ ଜନକ ଓ ଅଷ୍ଟବକ୍ରଙ୍କ କଥୋପକଥନ ''ଅଷ୍ଟବକ୍ର ସଂହିତା'' ବା ''ଅଷ୍ଟବକ୍ର ଗୀତା'' ଭାବେ ଅଭିହିତ । କୁହାଯାଏ, ''ଅଷ୍ଟବକ୍ର ଗୀତା'' ଅଦ୍ୱୈତ ସାଂଖ୍ୟ ଦର୍ଶନର ଶୁଦ୍ଧତମ ବକ୍ତବ୍ୟ ।

ଏହା ହେଉଛି ଶିଶୁଋଷି ଅଷ୍ଟବକ୍ରଙ୍କ ଜନ୍ମର ପୂର୍ବାପର ଘଟଣା । ଏ' ଘଟଣା ପ୍ରକୃତରେ ଘଟିଥିଲା କି ନାହିଁ ତା'ର ସତ୍ୟାସତ୍ୟ ଅବଶ୍ୟ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର-ବିଶ୍ଳେଷଣ କରାଯାଇପାରେ । ସାଧାରଣତଃ ମହାପୁରୁଷମାନଙ୍କ ଶୈଶବ ଅଦ୍ଭୁତ ଘଟଣାବଳୀରେ ଚିତ୍ରିତ । ମାତାଗର୍ଭରେ ଥାଉଁ ଥାଉଁ ଅଷ୍ଟବକ୍ରଙ୍କ ଏ' କ୍ରାନ୍ତିକାରୀ ଉଦ୍‌ଘୋଷଣା ଯେ ''ଶାସ୍ତ୍ରର ପୁନୋରୁକ୍ତି ଜ୍ଞାନ ନୁହେଁ'' ହୁଏତ ଏକ ଉପମାତ୍ମକ କିମ୍ବଦନ୍ତୀ ହିଁ ହୋଇପାରେ ।

Acknowledgements & References:
[0] Private communication with Dr. Markandeswar Panda,
[1] Private communication with Madhuri Jha.
[2] Discourses on Astavakra Gita by Rajneesh.
[3] Discourses on Astavakra Gita by Swami Chinmayananda.

ଶୀଂଖ୍‌ଲି

ଡଃ ପଦ୍ମନାଭ ପ୍ରଧାନ

ଜୀବନ୍‌ଟା ଗୁଟେ ବଏସରା
ଦିନ୍‌ରୁ ହପ୍ତା, ହପ୍ତାରୁ ମାସ୍ ମାସ୍
ଆର୍ ମାସ୍ ମାସ୍ ରୁ ବଚ୍ଛର୍ ବଚ୍ଛର୍ ।
ଖାଲି କାମ୍, ବୂତା ଆର୍ ପାପି ପେଟ୍
ଛୁଆକର୍ ଇସ୍କୁଲ୍ ଆର୍ ଦି'ହ ପା'ହା
ସବୁଦିନିଆ ଚିନ୍ତା ରୁ ଖଣ୍ଡିଆ ଖାବ୍‌ରା ମନ୍
ସାରୁ ମାଖନ୍ ଖଡାର୍ ସୁର୍‌ତା
ସମିଆର୍ ସେ ସବୁଦିନର୍ ନିୟମ୍ ଆର୍ ଶୀଂଖ୍‌ଲି ।

ତମ୍‌ହର୍ ସେ ଛକ୍ ବନ୍ଧା
ହିସାବ୍ କରା ଲାଖ୍ ଲାଖ୍ ଦିନ୍ ଭିତ୍‌ରୁ ରଖ୍ ତ ନାଇଁ
ଗୁଟେ ରଂଗ୍‌ରଂଗୀଆ ଦିନ୍,
ଖାଲି ମୋର୍ ଲାଗି ?
ତମ୍‌ହର୍ କେତ୍‌ନିକେତେ ବିଜ୍‌ଲିବାଗିର୍
ଭାଗୁଥିବା ସମିଆର୍ ଭିତ୍‌ରୁ ଦେତ ନାଇଁ
ଗୁଟେ ଅଧେ ଅଲ୍‌ସିଆ ରାତି ?
ମନ୍‌ମୁଖି ଖରଚ୍ କର୍‌ବାର୍ ଲାଗି
ବେଧଡକ୍ ଆର୍ ଖାମ୍‌ଖିଆଲି ହେଇ ।

- o -



ଆ'ଲୋ କୋଇଲି ଗାଇବା
ତୁ ତ କୋଇଲି ମୁଁ ତ କୋଇଲି
ସୁର ରାଗ କିଆଁ ଖୋଜିବା

ଝିଅ ବିକ୍ରୀ ଓ ମୋ ପିଲାଦିନ

ଆଦିତେଶ୍ୱର ମିଶ୍ର

(ଆଦିତେଶ୍ୱର ମିଶ୍ର : ତରୁଣତମ କଥାକାର । 'ଗୋଚିନା' ଗଳ୍ପ ସଂକଳନ ଓ 'ଆମେ କୁଆଡେ ଯିବା ଶକୁନ୍ତଳା' ଉପନ୍ୟାସ ତାଂକର ଦୁଇଟି ସଦ୍ୟତମ ସୃଷ୍ଟି । ଏବେ ପ୍ରଥମ ଔପନ୍ୟାସିକ ଭାବେ ଏକ ଉପନ୍ୟାସର ପ୍ରଥମାଂଶ ଲେଖାରେ ମଜ୍ଜି ଯାଇଛନ୍ତି - ସଂପାଦକ)

ସୁନ୍ଦର ଝିଅଟିଏ । ତା ନାଁ ମୁଲ୍‌କି । ସେ ମୁଲ୍‌କି ସହ ମୋ ପରିଚୟ ମାତ୍ର ଚାରୋଟି ବର୍ଷର । ସେତେବେଳେ ମୋତେ ସାତ ବର୍ଷ । ମୁଁ ରହୁଥାଏ ମୋ ଅଜାଙ୍କ ସହ କଳାହାଣ୍ଡିରେ । ମୋ ଅଜା ପୋଲିସ୍ ଡି.ଏସ୍.ପି. ଥାଆନ୍ତି । ଇଡ଼ିୟଟ୍, ନନ୍‌ସେନ୍‌ସ ନ କହିଲେ ସାମାନ୍ୟ କଥାଟେ ଯେ କହିପାରନ୍ତିନି, ସିଏ ମୋ ଅଜା ।

ମୋ ସହ ଅଜାଙ୍କର ଜମା ପଡୁ ନଥିଲା । ଆଈ ଓ ମୁଁ ସତସତିକା ମିତ । ଯେତେବେଳେ କେମିତି ଅଜା ପପି ଦେଲେ ମୁଁ ଡରରେ ଶୋଇ ପଡୁଥିଲି, ଆକାଶର ଠେକୁଆ ଡେଇଁ ପଡ଼ିବା ଭୟରେ । ଅଜାଙ୍କ ଆଙ୍କୁଠି ସାଥୀରେ ମୁଁ ଆକାଶକୁ ଚାହିଁନଥିଲି । ସେଦିନକୁ ମୁଁ ଭାରି ଡରକୁଳା ଥିଲି । ପଜାପତି/ଜହ୍ନ/ଫୁଲକୁ ଡରୁଥିଲି । ମନେ ମନେ ମୁଁ ଏମିତି ସାଥିଟେ ଖୋଜୁଥିଲି ଯିଏ ଯାହାକୁ ତାକୁ ବାନ୍ଧିଆଣନ୍ତା କି ? ଅଜାଙ୍କୁ ଡରି ଡରି କଣ୍ଢେଇଟେ ପାଇଁ କହିଲି, ଯିଏ ଜହ୍ନକୁ, ଯିଏ ଜହ୍ନକୁ ବାନ୍ଧି ଆଣିପାରୁଥିବ, ସେମିତି କଣ୍ଢେଇଟେ ଆଣି ଦିଅନ୍ତନି ଅଜାମୋର ।

ମୋ ଅଜା ନା ଭାଆରି ଭଲ । ତା'ପରଦିନ ଅଜା ସୁନ୍ଦର ଝିଅଟେ ଆଣି ମୋ ପାଖରେ ବସେଇ ଦେଲେ । ଝିଅଟା ସୁଉଁ ସୁଉଁ କାନ୍ଦୁଥିଲା, କାନ୍ଦ ବନ୍ଦ କରି ହେକଉଥିଲା ଓ ପୁଣି କାନ୍ଦୁଥିଲା । ମୁଁ ତା କାନ୍ଦ ବନ୍ଦ କରିବାକୁ ଜାମୁକୋଳି ଗଛକୁ ଟାଣିନେଲି । ଗଛରେ ଚଢ଼ି ଜାମୁକୋଳି ତୋଳି ତା ଛିଟଫକ୍‌କୁ ଫୋପାଡ଼ିଦେଲି । ସେ କାନ୍ଦ ବନ୍ଦ କଲା, ମୁଁ ତା ନାଁ ପଚାରିଲି ଓ ସେ କାନ୍ଦିଲା, ମୋ ନାଁ ମୁଲ୍‌କି ।

ବାଃ ସୁନ୍ଦର ନାଁଟେ ତ !
ଝିଅଟି ଟିକିଏ କଳା, ହେଲେ ପୂରା ଜାମୁକୋଳି ନୁହଁ । ମୁଲ୍‌କିକୁ ଦେଖିଲା ପରେ ମୁଁ ଭାବିନେଇଥିଲି ସେ ହିଁ କଳାହାଣ୍ଡି । କାହିଁକି ନା ସାତବର୍ଷ ବୟସରେ କଳାହାଣ୍ଡିଟା କ'ଣ ସେକଥା ମୋ ଅଜଣାରେ ଥିଲା । ସେ ସମୟରେ ମୁଲ୍‌କି ହିଁ ଥିଲା ମୋ ପାଇଁ ସମଗ୍ର କଳାହାଣ୍ଡି । ମୁଁ କେବେ ଯଦି ମୁଲ୍‌କିକୁ କଳାହାଣ୍ଡି ବୋଲି ଡାକିଦେଉଥିଲି ସେ ଚିଡ଼ି ଉଠୁଥିଲା ଓ କଟି ଦେଉଥିଲା । ମୁଁ ତା ଦୁଇହାତରେ ତିନି ଆଙ୍ଗୁଠିକୁ ଜବରଦସ୍ତ ଯୋଡିଦେଇ କଥା ହେଉଥିଲି । ନଅବର୍ଷର ଝିଅଟାକୁ ନହେଲେ କଥାପଚାରୁଥିଲି ।

ତାକୁ କୁଆଡେ ମୋ ପୋଲିସିଆ ଅଜା ଚାରିଶ ଟଙ୍କାରେ କିଣି ଆଣିଥିଲେ ପାଖ ଗାଁରୁ । ମୁଲ୍‌କିର ଦୁଇଟି ମା', ଅର୍ଥାତ ତା' ବା'ର ଦୁଇଟି ସ୍ତ୍ରୀ । କଳାହାଣ୍ଡିଆ ଭାଷାରେ 'ବଡଲି' ଓ 'ସାନ୍‌ଲି' । ପାୟତଃ ଏଇ ଅଞ୍ଚଳରେ ପୁରୁଷମାନେ ଦୁଇ/ତିନୋଟି କରି ବିବାହ କରିବା ଦେଖାଯାଇଥାଏ । ବଡଲିକୁ ବା' ଟିକେ ଅନାଦର କରେ ଓ ବଡ଼ଲିର ଗୋଟାଏ ଝିଅ ମୁଲ୍‌କି । ମୁଲ୍‌କିକୁ ତା' ସାନମା' ସହିପାରେ ନାହିଁ । ସେଥିପାଇଁ ମୁଲ୍‌କିକୁ ତା' ମା' ବିକ୍ରୀ କରିଦେଇଛି ମୋ ଅଜା ପାଖରେ । ଅଜା ତାକୁ ପାଳିବେ ପୋଷିବେ, ସେ ଆମ କାମ/ଧାମ କରିବ, ଖଟିବ ଓ ଖାଇବ । ଅଜା ତାକୁ ବାହାଦେବେ । ତା' ନିଜ ବା'/ମା' କୁନୁଆଁ ହୋଇ ଆସିବେ ।

ନ'ବର୍ଷର ଝିଅଟା ଆଖିରେ ଆଖିଫଟା ସ୍ୱପ୍ନ, କଂକି ଧରୁ ଧରୁ ଗୋଡରେ କଂଟା ଫୁଟିଗଲେ ସେ ରକ୍ତ ପୋଛୁନଥିଲା ।

ଠିଆ ଠିଆ ଚାଲି । ନଇଁ ନଇଁ ଚାଲି । ବସି ବସି ଚାଲି, କେତେ ଓଦାବାଲିର ଘର । ମନ୍ଦିରକୁ ମୁଁ ଓ ମୁଲ୍‌କି ମିଶି ଗଢିଛୁ । ମୁଁ ଘୋଡା ହେଲେ ସେ ବସିଛି । ସେ ଘୋଡା ହେଲେ ମୁଁ ବସିଛି । ଆଫାମାର୍ଗ ପତରେ କେତେ ରଂଗିନ ସମୟକୁ ଖରଡି ଖାଇଛୁ । ହସ ବାଣ୍ଟିଛୁ ।

ତା' ଛାତିରେ ମୁଁ ନିଦେଇ ଯାଇଛି, ତା' ହୃତ୍‌ପିଣ୍ଡକୁ ହାତମାରି ପରୀକ୍ଷା କରିଛି । ଗଛରୁ କୋଳିତୋଳି ତା ଛାତିକୁ ଲକ୍ଷ୍ୟକରି ଫିଙ୍ଗିଛି । ମୁଲ୍‌କି ସହ ଶୋଇବାକୁ ମତେ ଭାରି ଭଲଲାଗେ, ତା' ଛାତିରେ ସ୍ୱପ୍ନ ନାହିଁ । କାରଣ, ସେ ନିଜେ ଇ ଗୋଟାଏ ସ୍ୱପ୍ନ !

ପତିଥର କୋଳି ପାଚିବାର ଜାମୁଆଳୀ ଋତୁ ଆସେ । କୋଳି ପାଚେ ଓ ଖସେ । ମୁଁ ଜାଣିପାରେ ନାହିଁ ଯେ ସବୁବେଳେ କାହିଁକି କୋଳି ଆସେ ନାହିଁ । ମୁଁ କାହିଁକି ଏବେ ଅ... ଆ... ଘୋଷେ

ନାହିଁ । ମୁଲ୍‌କି ଆଗପରି ଦାନ୍ତ ଦେଖେଇ ହସେ ନାହିଁ, ଆଗପରି ଆଖିମେଲା କରି ଦେଖେ ନାହିଁ । ସତେ ଯେମିତି ସେ' ମୋ ଅଜା ହବାକୁ ବସିଲାଣି । ମୁଁ ପଚାରେ - ଆଲୋ, ଏବେ କିଏ କ'ଣ ତୋତେ ଶିଖେଇ ଦେଇଛି କି, ମୁଲ୍‌କି ? ସେ ଦାନ୍ତ ଚିପିଚିପି ଚିପାହସଟେ ହସେ, ଭାରି ମହଙ୍ଗା ହସ । ତା ଛାତିକୁ ଟାଣିନିଏ ନାହିଁ । ଧୀରେ ଧୀରେ ତାକୁ ଛୁଇଁ ଦେଲେ ଧଇଁ ସଇଁ ହୋଇଯାଏ ।

ମୁଲ୍‌କିର ମା' ବେଳେବେଳେ ତା' ଝିଅକୁ ଦେଖି ଆସିବ, ହାତରେ ପୋଡାପିଡା ଆଣିଥିବ । ଏଡୁଟେ ହୋଇଥିଲେବି ମୁଲ୍‌କିକୁ କାଖେଇବ । ମୁଲ୍‌କି ତାକୁ ଦେଖିଲେ କାନ୍ଦିବ । ତା' ମା ଦିନାଦୁ ପରେ ଆସି, ନେଇଯିବା କଥା କହି ଠକିବ ।

ବଡମାନେ କାହିଁକି ଠକନ୍ତି ଯେ !
କିନ୍ତୁ ଥରେ ସତକୁ ସତ ମୁଲ୍‌କିର ମା' ମୁଲ୍‌କିକୁ ନେବାକୁ ଆସିଲା । ତା କହିବା ହିସାବେ ମୁଲ୍‌କି ଧାଂଗ୍‌ଡି ହୋଇଯାଇଛି । ତା' ମା ମୁଲ୍‌କି ପାଇଁ ମୋ ବୟସର ଘଏତାଟାଏ ଠିକ୍‌କରି ରଖିଛି । ମୋ ଅଜାଙ୍କ ପାଖରେ ତା' ମା କେତେ ଆକ୍ତାମାକ୍ତା ହେଲା, ମିଛ ଲୁହ ଗଡେଇ ଗୋଟାକାନି ଓଦା କରିଦେଲା, ମୁଲ୍‌କିକୁ ମୁକୁଳାଇ ନେବାକଥା କହିଲା ।

ନିୟମ ଅନୁସାରେ , ଅଜା ମୁଲ୍‌କିକୁ ଛାଡିଦବା କଥା ନୁହଁ କାରଣ ସେ ମୁଲ୍‌କିକୁ ଚାରିଶ ଟଙ୍କାରେ କିଣି ଆଣିଥିଲେ । ଅଜା ନିଜ ଇଚ୍ଛାରେ ମୁଲ୍‌କିର ବାହାଘର କରାଇ ଥାଆନ୍ତେ । ମୁଲ୍‌କିର ବା'/ମା' ସମସ୍ତେ କୁନୁଆଁ ହୋଇ ଆମଘରକୁ ଆସିଥାନ୍ତେ । ସେ ଆଉ କିଛି ବର୍ଷ ଆମ ଘରେ କାମ ଧନ୍ଦା କରିଥାନ୍ତା ଓ ହୁଏତ ଅଜା ବଦଳି ଗଲାପରେ ତାକୁ ତା'ଘର ପାଖରେ ଟ୍ରକରୁ ଓହ୍ଲାଇ ଦେଇଥାନ୍ତେ ।
ତା' ମା ଚାରିଶ ଟଙ୍କା ଫେରେଇବାର ନିଷ୍ପାକଥା ଦେଲା । ଶେଷରେ ଆଇଙ୍କ କଥାରେ ଅଜା ହଁ ଭରିଲେ । ତଥାପି ଯେତେବେଳେ ଏତେ ଦିନ ଧରି ରହିଲାଣି ଆଉ ଦଶଦିନ ଖଣ୍ଡେ ରହୁ ଓ ତା'ପରେ ମୁଲ୍‌କି ଏଠୁ ଚାଲିଯିବ ବୋଲି ଅଜା ଦୁଃଖରେ କହିଲେ ।
- ଆବେ, ମୁଲ୍‌କି ତୁ କେବେ ଧାଂଗଡି ହେଲୁରେ ? ମୁଁ ମୁଲ୍‌କିକୁ ପଚାରିଲି । ମୁଲ୍‌କିର ଗୋଟାଏ ସହଜିଆ ହଁ ଟି ! ମୁଁ କିଛି ବୁଝି ପାରୁନଥିଲି । ପୁଣି ପଚାରିଲି - ଆବେ ଧାଂଗ୍‌ଡି ବୋଇଲେ କ'ଣ ବେ, ଧାଂଗ୍‌ଡି ହେଲେ କଣ ସମସ୍ତେ ବାହା ହୁଅନ୍ତି ? ତୁ ସତେ ମୋ ପରି ପିଲାଟାକୁ ବାହାହେଉଛୁ । ଧ୍ୟାତ୍ !!

ସେ ଖୁସି ଖୁସି ଜଣା ପଡୁଥିଲା । ମୋତେ କୋଳିଗଛ ତଳକୁ ଟାଣି ନେଇଗଲା । ପିଛିଲା ଦିନର କେତେ ଭୁଲା କଥା ମନେ ପକାଇ ଦେଇଥିଲା । ତା ଛାତିକୁ ଟାଣି ନେଇଥିଲା । ଗଛ ଆଡୁଆଳରେ ମୋ ମୁଁହରେ ଚେନାଏ ବୋକ ଦେଇଥିଲା । ମୁଁ ଧଇଁ ସଇଁ ହୋଇ ତା' ଛାତିକୁ ଭିଡି ଧରୁଥିଲି । ମୁଁ ଯେପରି କ'ଣଟାଏ ଖୋଜୁଥିଲି ଓ ପାଉନଥିଲି । କ'ଣ ଖୋଜୁଛି ତା' ବି ଜାଣି ନଥିଲି ।

ଅଜଣା ଜିନିଷ ଖୋଜିବାର ସମୟତକ କେତେ ମଧୁର ତା' ସେ ହିଁ ଜାଣେ ।

ତା' ମା' ଆସିଲା । ଆଜାଙ୍କୁ ଟଙ୍କା ଦେଇ ମୁକୁଳାଇ ନେଲା । ମୁଲ୍‌କି ଶାଶୁଘର ଯିବ । ବାହୁନି ବାହୁନି କାନ୍ଦିବ । ଫ୍ରକ୍‌ଛାଡି ବାରହାତ କସ୍ତା ପିନ୍ଧିବ । ଭାତ ରାନ୍ଧିବ । ମୋ ଭଳିଆ ଛୋଟପିଲାଟେ ସାଥୀରେ ଶୋଇବ ।

- ତୁ କ'ଣ ଡରିବୁନି, ମୁଲ୍‌କି ?
- ଇ... ବୁଆ, କାହିଁକି ଡରିବି ।
ମୁଲ୍‌କି ଗଲାବେଳେ ମୋତେ ସେଇ ଛୋଟିଆ କୋଳିଗଛ ତଳକୁ ଡାକିନେଇଗଲା । ମୋତେ ଶେଷ ଆଲିଙ୍ଗନ/ଚୁଂବନ ଦେଲା । ମୁଁ ଖୋଜୁଥିବା ଜିନିଷଟି କ'ଣ ମୋତେ ତା ଜଣେଇଲା ଓ ଧାଇଁ ଧାଇଁ ପଳେଇଲା ।

ଆଃ ମୁଲ୍‌କି, ଟିକେ ଆଗରୁ କହିଥାନ୍ତୁ ନା !
ମୋ ପିଲାଦିନମାନଙ୍କରୁ ମୁଲ୍‌କି ଚାଲିଗଲା ଓ ମୁଁ ନିଃସଙ୍ଗ ହୋଇପଡିଲି ।

ବାହାଘରକୁ ମୁଲ୍‌କିର ମା' ଗୁଣ୍ଡାଦେଇ ଆସିଥିଲା । ସେ ଆମ ସମସ୍ତଙ୍କୁ କୁନୁଆଁ କରିବ । ତା' ମାକୁ ମୁଁ ପଚାରି ଦେଲି, ହଗୋ... ମୁଲ୍‌କି କ'ଣ ସତରେ ବାହାହେଉଛି ? ହଁ, ସାନବାବୁ ତମ ବୟସର ପିଲା ଗୁଟେ । ସେ କଣ ମୋ ପରି ଦିଶେ ?? ତମର ଏନ୍ତା ଆର୍ ଦିଶ୍‌ବା, ହଁ ହେନ୍ତା । ସେ କିଛି ଦୂର ଚାଲିଯାଇଥିଲା । ମୁଁ ତାକୁ ଅଟକେଇଲି । ମୋ ଅଜାଙ୍କୁ ଲୁଚେଇ ମୁଲ୍‌କି ପାଇଁ ଜିନିଷଟେ ରଖିଥିଲି ।
କ'ଣ ହେଇଥିବ ଜାଣୁ ମୁଲ୍‌କି ?
ଗୋଟେ କଣ୍ଢେଇ । ଚିପି ଦେଲେ କିପରି ପଅଁ... ପଅଁ... କରୁଥିଲା ମୁଁ ବିଝିପାରୁନଥିଲି ।

ମୁଁ ମୁଲ୍‌କିର ମା'କୁ କହିଲି, ତୁମେ ଯା'କୁ ମୁଲ୍‌କିକୁ ଦେଇଦବ । କହିବ , ସାନବାବୁ ଦେଇଛି ବୋଲି । ଯା'କୁ ସେ କେବେ ଚିପାଚିପି କରିବ ନାହିଁ, ସାରାଜୀବନ ସାଇତି ରଖିଥିବ । ଦେଖ, କହିଦେବ

ଚିପାଚିପି କରିବ ନାହିଁ । ମୁଁ ଫେରି ଆସୁଥିଲି ସେଇ କୋଳିଗଛ ତଳକୁ, ଋତୁ ଆସୁନଥିଲା କୋଳି ଖସୁନଥିଲା । ପିଛିଲା ଦିନ ସବୁ ଶୁଖାପତ ହୋଇ ଖସି ପଡୁଥିଲେ । ଖସ୍... ଖସ୍... ମୁଁ କୋଳିଗଛରେ ମୁହଁ ଲୁଚେଇ କାନ୍ଦି ଉଠୁଥିଲି । ଇଚ୍ଛା ହେଉଥିଲା କହି ଦିଅନ୍ତି କି ଅଜାଙ୍କୁ, ଅଜା... ଅଜା... ଜାଣିଛ ମୋ ଭଳିଆ ପିଲାଟେ ବାହାହେବ ମୁଲ୍‌କିକୁ । ତୁମେ ମୁଲ୍‌କିକୁ ଫେରାଇ ଆଣନା ଅଜା, ମୁଁ ତାକୁ ବାହା ହ'ନ୍ତି ।

- o -

ରାଜଧାନୀରେ...

ଅହିମାଣିକ୍ୟ ଶତପଥୀ

ରାଜଧାନୀ !
ରାଜଧାନୀରେ ଏମିତି ପଚରା ନଥିବ
ଘାସ ଉଠୁନଥିବ
ଝୁଂପୁଡି ନଥିବ ।

ମଖମଲି ରାଜଧାନୀ ଇନ୍ଦ୍ରପୁରୀ ହେଇଥିବ
ରାଜଧାନୀରେ ରାଜା
ଝାଉଁଳି ପଡୁନଥିବେ
ରାଣୀଂକ ସାମ୍ନାରେ ।

ଏମିତି ରାସ୍ତା କଡ ଘୁଅ ସଲବଲ ହେଉନଥିବ
ମାଛି ବସୁନଥିବେ ଭାତରେ
ମଶା ବସୁନଥିବେ ହାତରେ
ରାଜଧାନୀରେ...

ଅମାବାଶ୍ୟାରେ ବି ଜହ୍ନ ଜଳୁଥିବ
ତା' କୁନି ପୁଅ ପରି
ଡରି ମରି ଶୋଉନଥିବେ
ପୁଅମାନେ ବାପାମାନଂକ କୋଳରେ
ରାଜଧାନୀରେ...

ଗରମରେ କୋଉ ଝିଅ
ପାଂଚ ପଇସିଟେ ଧରି
ଘିମିରି ମାରୁନଥିବ
ତା' ବାପାର ପିଠିରେ ରାଜଧାନୀରେ...

ଦଶବର୍ଷର ସଂଚିତ ପଇସା ଧରି
ସେ ଆଜି ଧାଉଁଛି
ଟେନ୍‌ରେ ଯିବ, ରାଜଧାନୀ ଯିବ (!)
ଥରେ ଦେଖି ଆସିବ
ତା'ର ମିଣିପକୁ...

କିଏ ତାକୁ କହିଲାକି :
- ସୁନିଲୋ, ରାଜଧାନୀରେ ବି ଘାସ ଉଠେ
ସେଠିବି ପଙ୍କ ଅଛି
ସେଠିବି ବର୍ଷାହୁଏ, ଖରାହୁଏ
ସେଠିବି ଶୁଖିଲା ଓଠରେ ହସ ଫୁଟେ
ବଡ଼ ମାର୍ଜିତ ସେ ହସ -
କେବଳ ଏତିକି ଅଧିକା ଲୋ
ରାଜାଂକ ଗୋଡ ଖସିଯାଏ
ମେହଂତର ସାହିରେ
- ଆହା ମଣିମା !
କହି ହାତ ଟେକିଥିବା ତିର୍ଲାଟିକୁ
କେତେ କାଇଦାରେ
ଆଉଜାଇ ଆଣଂତି ଛାତିକୁ / ମଣିମା !

The Pansy Story

Mrs. Chandra Misra

When I lived in Chicago, I had a small garden in my back yard. At that time, my then six year old daughter, Seema, would help me in the garden often. Every summer, to save money and to have some fresh vegetables, I would plant lots of vegetables – tomatoes, cucumbers,peppers, pole beans, Methi sag, eggplant and whatever else I thought might thrive in our big rectangle of dirt. I bought small tomato and pepper plants and also packets of seeds. Seema would help me dig the holes for the plants and watch the unearthed worms wiggle around. As the plants grew, she would go out with me and help to pick the ones that were ripe enough to eat. And we'd dig up the carrots and pull them out of the ground.

Often my younger son Bobby, who was about 4 years old, would wander around in the garden with us. One day I saw that he was snacking on green tomatoes. Quickly, I shooed him out of the vegetable garden and tried to distract him by asking him to go look at the pretty flowers which I planted in the flower bed in front of our little L shaped ranch house. Every spring I bought flats of purple and yellow pansies and planted them along the sides of the house. I loved looking at the flowers.

One day, I was picking vegetables from the garden and Seema was putting them in the basket. Then, I looked up and saw Bobby coming around the corner of the house. He had purple dribbling out of his mouth and down his chin. My daughter looked over, saw him and shouted, "Bob! You're not supposed to eat them! Mom just told you to look at them."
I pried my son's mouth open, stuck my finger in and pulled out some petals.

I didn't know if pansies were poisonous. So in panic, I rushed into the kitchen, where one of the cream color phones with a cord, hung on the wall. I called the poison control center to see what to do in case of pansy poisoning. My son looked sheepish, but luckily the petals were not harmful.

About a week ago, in a summer afternoon I was glancing through the cooking section of the newspaper. An article which caught my eye had the heading like this: "A new way to spice up the presentation of a salad" was to put pansies on top of the lettuce. The feature had photos of a purple and yellow pansy salad.

It said the flowers were decorative and edible. I muttered to myself, "I already know this". Seema, now a young mother with a baby of her own, was feeding her baby girl 'Tara' and she overheard my muttering. She asked me "mom, are you talking to yourself?" I said yes, it is the pansy story and pointed the picture of pansy on the article to her.

chandra1100@yahoo.com

oDiA Font Development

- http://tdil.mit.gov.in/Oriya-UtkalUniversity-OcacBhubaneswarJuly03.pdf
- http://oriya.sarovar.org/ : Project Rebati (An open-source initiative)
- http://tdil.mit.gov.in : Indian Language Technology Solutions
- http://www.ilts-utkal.org : RC-ILTS-ORIYA at Department of Computer Science & Application
- http://www.utkal.ernet.in : RC-ILTS-ORIYA at Orissa Computer Application Centre
- http://groups.yahoo.com/group/Orissa-IT/files/ : Some useful resources
- http://www.odia.org/ : oDiA transliteration

କଳିଙ୍ଗ ଶିଳ୍ପୀଙ୍କ ସହ ଦି'ପଦ

ଅମିତ୍ କୁମାର ମିଶ୍ର
ଇଉନାଇଟେଡ୍ କିଙ୍ଗଡମ୍

ଏଥର ଓଡ଼ିଶା ଗସ୍ତରେ ଭେଟିଥିଲି ଶିଳ୍ପୀ ଇନ୍ଦ୍ରମଣି ମହାରଣାଙ୍କୁ । ରାଷ୍ଟ୍ରପତି ପୁରସ୍କାର ବିଜେତା ଶିଳ୍ପୀ ନିଜର



ଭୀମଟାଙ୍ଗୀସ୍ଥ ବାସଭବନରେ ଥିଲେ କାର୍ଯ୍ୟରତ । ଲକ୍ଷ ଲକ୍ଷ ଟଙ୍କାର କଳାକୃତିକୁ ଏଭଳି ଇତଃସ୍ତତଃ ଭାବେ ପଡିବାର ଦେଖି ଏକ ଅନନ୍ୟ ଶିହରଣ ଖେଳି ଉଠିଥିଲା ମୋ ମନରେ । ଏହି ସେ ହାତ ଯେ ପଥରରେ ଜୀବନ୍ୟାସ ଦେଇଥିଲା କୋଣାର୍କରେ ? ଶିଳ୍ପୀଙ୍କ ସହ କଥାବାର୍ତ୍ତାର କିୟଦଂଶ ଲେଖୁଛି ମୁଁ ତଳେ ।

ଅମିତ - ଏ ସବୁ କି ପଥର ?



ଇନ୍ଦ୍ରମଣି - ଏ ହେଲା ଖଡ଼ି ପଥର । ଏଥିରେ କାମ କରିବା ସବୁଠୁ ସହଜ । କିନ୍ତୁ ଯେଉଁ କାମ ହେବ (ମୂର୍ତ୍ତି) ତାହା ସେତେ ସ୍ଥାୟୀ ନୁହଁ । ତା ଠାରୁ ଭଲ ହେଲା ଏ ବଉଳମାଳା ପଥର (Red Sandstone) । କାମ କରିବାକୁ କଷ୍ଟ ହେଲେ ବି, ସ୍ଥାୟୀ । ପ୍ରାୟ ମନ୍ଦିର ସବୁ ଏହି ପଥରରେ ତିଆରି । ସବୁଠାରୁ କଷ୍ଟ କାମ ହେଲା ଏ ମୁଗୁନି ପଥରରେ କାମ କରିବା । ହେଲେ କାମଟା ହେଲେ ସେ ହେଲା ଚିରସ୍ଥାୟୀ । ଆଉବି, ଅଧିକ ସୂକ୍ଷ୍ମ କାମକୁ ମୁଗୁନି ପଥର ଭଲ । ଏଣୁ ଏହାର ଦାମ ସବୁଠାରୁ ଅଧିକା । ଏ Coca-cola ବୋତଲ size ର ମୂର୍ତ୍ତିକୁ ଭଲରେ କଲେ ତାହା ପ୍ରାୟ ଦୁଇ ସପ୍ତାହ ଲାଗିବ ।



ଅମିତ - ଏ ସବୁ କାମ କ'ଣ ବରାଦ ଦିଆ ନା ଏମିତି କରିକି ବିକା ହୁଏ ?

ଇନ୍ଦ୍ରମଣି - ନାଁ, ଏ ସବୁ ବରାଦ ଦିଆ । ଯେମିତି ଏ ଗଣେଶ ମୂର୍ତ୍ତି ଆଉ ଏ ନର୍ତ୍ତକୀ ମୂର୍ତ୍ତି ଯୋଡ଼େ ହୋଟେଲ୍‌କୁ ଯିବ । ଏ ବୁଦ୍ଧ ମୂର୍ତ୍ତିଟା Cambodia ଯିବ । ଆଉ ଏ ସବୁ ମୂର୍ତ୍ତି Bangalore ର ଗୋଟେ ମନ୍ଦିର ପାଇଁ ହଉଛି ।

ଅମିତ - କୋଉ ମନ୍ଦିର ?

ଇନ୍ଦ୍ରମଣି - ନା, ଏମିତି ଗୋଟେ ନୂଆ ମନ୍ଦିର । ଜଣେ ଭାରି ଧନି ବୃଦ୍ଧ ତୋଳାଉଛନ୍ତି । ତିରୁପତିଙ୍କ ମନ୍ଦିର । ତାଙ୍କ ସହିତ ମୋର by chance ଦେଖା ହେଇଥିଲା । ସେଠୁ ମୁଁ ତାଙ୍କୁ ପଠାଇଥିଲି ମନ୍ଦିରର ଏକ ଛୋଟ model (ଖଡ଼ି ପଥରରେ ଗଢା) । ବଡ଼ ବଡ଼ order ରେ ଆମେ ପାୟ୍ ଏହିଭଳି କରୁ । ପରେ ଆମେ ଯାଇ Bangalore ରେ ବୃଦ୍ଧଙ୍କ ସହ କିଛି ଦିନ ଆଲୋଚନା କରିଥିଲୁ । ତା' ପରେ ତିରୁପତିଙ୍କ ବିଷୟରେ ଅନେକ କାହାଣୀ ଓ କିମ୍ବଦନ୍ତି ପଢିବାକୁ ପଡ଼ିଥିଲା । ଏବେ କାମ ପାୟ୍ ସରି ଆସିଲାଣି । ମାସେ ପରେ ଏ ସବୁ Bangalore ଯିବ ଆଉ ସୁକ୍ଷ୍ମ କାମ ସବୁ ସେଠାରେ ହେବ ।

ଅମିତ - ଆପଣ ଏତେ ଭଲ କାମ କରୁଥିବା ବେଳେ କୋଣାର୍କ କାହିଁକି ଦିନକୁ ଦିନ ଦୀନ ହୀନ ଦେଖା ଯାଉଛି ?

ଇନ୍ଦ୍ରମଣି - ମୁଁ ଏକା ନୁହଁ, ମୋ ଭଳି ଅନେକ ଅଛନ୍ତି । ଆମେ ସରକାରଙ୍କୁ ଅନେକ ପତ୍ର ଲେଖିଲୁ କି ମନ୍ଦିର ମାନଙ୍କରେ ସାଧା ପଥର ଖଞ୍ଜିବା ବଦଳରେ କାମବାଲା ପଥର ଖଞ୍ଜିବାକୁ । ଆମେ କାମଟାକୁ ଯେତେ କମ୍ ସମ୍ଭବ ଖର୍ଚ୍ଚରେ କରିନେବୁ । ହେଲେ ବାବୁ, ଆମ କଥା ଶୁଣୁଛି କିଏ ? ସେ ସବୁ ମୂର୍ତ୍ତି ଭଗବାନ ଜାଣନ୍ତି କୋଉ ଦେଶକୁ ସବୁ କଳାବଜାରି (blackmarket) ହଉଛି । କାହାରି ଟିକିଏ ହେଲେ ଦରଦ ନାହିଁ । ଏ ଯେଉଁ ବଉଳ-ମାଳା ପଥର, ଏହା ଟିକିଏ ନରମ ପଥର । ଏଥିରେ ଶିଉଳୀ ଲାଗିଲେ ସେମାନେ ମୁଲିଆଣି ଲଗାଇ ଶିଉଳୀ ଛଡ଼ଉଛନ୍ତି । ସେମାନେ ଯାହା ଶିଉଳୀ ଛଡ଼େଇବେ ଛାଡ଼ । ଆଉ ଦିନ କେଇଟାରେ ସବୁ ମନ୍ଦିର ପଥର ଗଦାରେ ପାଲଟିବ ବାବୁ !



(ଆସନ ଆଉ ପାଣି ଦେବାର ପରମ୍ପରାକୁ ପାଳନ କରି ଶିଳ୍ପୀ ମୋତେ ବସେଇଥିଲେ ସେହି ସବୁ କଳା ଐଶ୍ୱର୍ଯ୍ୟ ମଧ୍ୟରେ । ଲେମ୍ବୁ ପାଣି ଗିଲାସଟା ପିଇଲା ବେଳେ ମୁଁ ଦେଖୁଥିଲି ଏକ ୧୮-୧୯ ବର୍ଷର ପିଲାକୁ, ଯେ କି ଏକ ମୂର୍ତ୍ତିର ଶାଢ଼ୀରେ କମ-କୁଟ କରୁଥିଲା ।)

ଅଚାନକ ଶିଳ୍ପୀଙ୍କ ହାତରୁ ଏକ ଚାପୁଡ଼ା ପଡିଲା ତା ଉପରେ । କ୍ରୋଧିତ ଶିଳ୍ପୀ କହୁଥିଲେ, 'ହଇରେ ମୂର୍ଖ, ପବନରେ ତ ଶାଢ଼ୀଟା ଉଡୁଛି ସେ ଆଡକୁ; ଆଉ ତୁ ତାର ଭାଙ୍ଗ ସବୁ ପକାଉଛୁ ଓଲଟା ଆଡ଼କୁ ? କି ମହାରଣା ହବୁ ତୁ ?' ଧନ୍ୟ ତୁମେ କଳିଙ୍ଗ ଶିଳ୍ପୀ; ଧନ୍ୟ ତୁମ ହାତର ମାଧୁରୀ !!

କିଛି ସ୍ମୃତି କିଛି ଅନୁଭୂତି

ଅମିତ୍ କୁମାର ମିଶ୍ର
ଇଉନାଇଟେଡ୍ କିଙ୍ଗଡମ୍

ମୋ ଜେଜେବାପା କହନ୍ତି, 'ସବୁ ହେଇ କଥେ, ଭାଗ୍ୟ ହୋଇ କଥେ ।' ନହେଲେ କାହିଁ ମୋର ଅନାମଧ୍ୟେୟ ଗାଁ ବୁଢ଼ାକେରା, ଆଉ କାହିଁ ବିଲାତ ! ଏ ଲମ୍ବା ଦୌଡ଼ରେ କିନ୍ତୁ ସବୁବେଳେ ଏକ ଇଚ୍ଛା, ମନର କେଉଁ ଏକ କୋଣରେ ଲୁଚିକି ରହିଥିଲା । ନିଜ ଲୋକ ମାନଙ୍କ ସହିତ ଟିକେ ମିଶିବାକୁ । ସେଇ ଯୋଉ ରାମୁ, ଗଳି ମୁଣ୍ଡରେ ଦୋକାନ କରିଛି, ତା ଘରେ ଆଉ କିଏ ସବୁ ଅଛନ୍ତି ? ରିକ୍ସାବାଲା ଧରଣୀର ଗାଁରେ ଲୋକମାନେ କି ଚାଷ କରନ୍ତି ? ଏମିତି ଅନେକ ପ୍ରଶ୍ନ । କିନ୍ତୁ ଏ ସବୁ ପ୍ରଶ୍ନର ଉତ୍ତର ଖୋଜିବାର ବି ଗୋଟେ ସମୟ ଥାଏ ! ମନସ୍ତତ୍ତ୍ୱବିତ୍ ମାନେ କୁହନ୍ତି, ମଣିଷର physical ଏବଂ security ଚାହିଦା ସବୁ ମେଣ୍ଟିବା ପରେ ଆରମ୍ଭ ହୁଏ ତାର ସାମାଜିକ ଚାହିଦା । ସେହିଭଳି, ଆଜି ଯେବେ ଜୀବନର କାଲି ପାଇଁ ମୁଁ ଆସ୍ତେ ଆସ୍ତେ ନିଶ୍ଚିନ୍ତ ହୋଇ ଆସେ, ମନରେ ଏକ ନୂତନ ଆଶା ଜାଗେ । ଠିକ୍ ଯେଭଳି ବିଲାତର ଲୋକମାନଙ୍କ ପାଖରେ ସବୁ ସୁବିଧା ଅଛି, ମୋ ନିଜ ଲୋକମାନଙ୍କୁ କେବେ ଏ ସବୁ ସୁବିଧା ମିଳିବ ? ମନରେ ଜାଗୃତ ହୁଏ ଏକ ଆକାଂକ୍ଷା ; 'କିଛିଗୋଟେ' କରିବାର । ଯୁବ ସୁଲଭ ଉଦ୍ଦିପନାରେ ଯେବେ ପ୍ରତି ଶିରାରେ ଧାଏଁ ଏକ ବିପ୍ଳବ ସୃଷ୍ଟି କରିବାର ଆବେଗ ; ମନ ଛାଟିପିଟି ହୁଏ 'କିଛି ଗୋଟେ' କରିବାକୁ । ସେଇ 'କିଛି ଗୋଟେ' ର ସଂଜ୍ଞା ଭାବି ଭାବି ମନ ମୋର ଅଥୟ ହୋଇଥିଲା କିଛି ସମୟ । ସେଇ ସମୟରେ ମନରେ ଉଙ୍କି ମାରିଥିଲା ମୋର ସେଇ ପୁରୁଣା ପ୍ରଶ୍ନ ସବୁ । ଯୋଉ ରାମୁ ଚାଦୋକାନି ଆଉ ଧରଣୀ ରିକ୍ସାବାଲା ପାଇଁ ମୁଁ 'କିଛି ଗୋଟେ' କରବାକୁ ଚାହୁଁଛି, ଆଜିର ଦୁନିଆରେ ସେମାନେ ଚାହାନ୍ତି କ'ଣ ? ସେଇ ଦୁନିଆରେ ଥରେ ମିଶି, ସେଇ ଲୋକ ମାନଙ୍କ ଜୀବନକୁ ଥରେ ପାଖରୁ ଦେଖିବାର ଅଭିପ୍ରାୟ ନେଇ ମୁଁ ଏକ ଛୋଟ ଯୋଜନା କରିଥିଲି ମୋର ଶେଷ-ଓଡ଼ିଶା ଗସ୍ତ ଆଗରୁ । ସମୟର ଅଭାବ ନାହିଁ ମୋ ପାଖେ । ମୋତେ ଜାଣିବାର ଅଛି ସେଇ 'କିଛି ଗୋଟେ' ର ମାନେ । ଜୀବନର ଶେଷ ସୁଦ୍ଧା ଯଦି ମୁଁ ଜାଣିପାରିବି ସେଇ ଗୁଡ ତତ୍ତ୍ୱକୁ, ଜାଣିବି ମୁଁ ପାଇଅଛି ପ୍ରକୃତ ଜ୍ଞାନକୁ ।

ଏହିଭଳି ଏକ ପାଗଳାମି ମନରେ ନେଇ ମୁଁ ଯୋଜନା କରିଥିଲି କିଛି ଛୋଟ ବଡ଼ କାର୍ଯ୍ୟକ୍ରମ । ଚାଲନ୍ତୁ ପ୍ରାରମ୍ଭ କରିବା ମୋର ମୁଖ୍ୟ ଯୋଜନା - 'ବିଦ୍ୟାଳୟ ପରିକ୍ରମା' !!

ବିଲାତରେ ମୋର ଅନ୍ୟତମ ହବି ହେଲା ଆମ ବିଶ୍ୱବିଦ୍ୟାଳୟର 'ବିଦ୍ୟାଳୟରେ - ବିଜ୍ଞାନ - ପ୍ରଚାର' କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବକ ଭାବରେ କାର୍ଯ୍ୟ କରିବା । ତେଣୁ ଭାବିଲି ଏହା ହିଁ ହେବ ସର୍ବଶ୍ରେଷ୍ଠ ମାର୍ଗ ମୋ ଦେଶର ଭବିଷ୍ୟତ ନାଗରିକ ମାନଙ୍କ ସହିତ କିଛି ମାତାରେ ନିବିଡ଼ ହୋଇ ସେମାନଙ୍କ ମନକୁ ପଢିବାକୁ । ଏଥିଲାଗି ଅନେକ ପରିଷ୍ମରେ ମୁଁ ଏକଯୁଟ କରିଥିଲି ଅନେକ ଗୁଡ଼ିଏ ସାଧନ । ଏବଂ ଏଠିକା education departmentର ସହାୟତାରେ ପ୍ରସ୍ତୁତ କରିଥିଲି ଯୋଜନାର ଏ ନକ୍ସା । ଏବଂ ସେହି ଯୋଜନାକୁ ଲେଖି ଚିଠି ସବୁ ପଠାଇଥିଲି ଅନେକ ଗୁଡ଼ିଏ ବିଦ୍ୟାଳୟକୁ । ମୁଖ୍ୟତଃ ମୁଁ ଚିଠିରେ ଚାହିଁଥିଲି ବିଦ୍ୟାଳୟ ସମୟରୁ କିଛି ସମୟ । ବୋଧହୁଏ ମୁଁ ବିଲାତି ଢାଞ୍ଚାରେ କାମଟାକୁ କରିବାକୁ ଚାହିଁଥିଲି । ହେଲେ ପାୟ କୌଣସି ବିଦ୍ୟାଳୟରୁ ଉତ୍ତର ଆସି ନଥିଲା । ଏକମାତ ବିଦ୍ୟାଳୟ ଯେଉଁଠାରୁ ଉତ୍ତର ମିଳିଥିଲା, ସେ ହେଉଛି D.M. School, ଭୁବନେଶ୍ୱର । ସେ ସମୟରେ ବାପା କହିଥିଲେ ଯେ ଉତ୍ତରକୁ ଆଶା ନ କରି ନିଜ ଆଡୁ ଯିବାକୁ । ମୁଁ ମଧ୍ୟ ହୃଦୟଙ୍ଗମ କଲି ଯେ ତାହା ହିଁ ଶ୍ରେଷ୍ଠ ପନ୍ଥା । ହେଲେ ମନ ପ୍ରସ୍ତୁତ ନ ଥିଲା । ହଉ ଆଜି ନ ହେଲେ କାଲି । ଆସନ୍ତା ଥରକୁ କରିବା ଏହିଭଳି ଉପାୟରେ ବିଦ୍ୟାଳୟ ଭ୍ରମଣ । ତେବେ ସେ ଯା' ହେଉନା କାହିଁକି, ଶେଷରେ ମୁଁ ବୁଲିଥିଲି ମାତ ଦୁଇଟି ବିଦ୍ୟାଳୟ । D.M.School ଏବଂ ଅନ୍ୟ ଏକ ଛୋଟ ବିଦ୍ୟାଳୟ, ଯାହାର ପ୍ରଧାନ ଶିକ୍ଷୟିତ୍ରୀ ଥିଲେ ମୋର ଜଣେ ବନ୍ଧୁଙ୍କର ମା' ।

ତେବେ ସେଇ ଛୋଟ ବିଦ୍ୟାଳୟରୁ ପାରମ୍ଭ କରିବା କାହାଣୀ । ଖଣ୍ଡିଆ ଖାବେରା ଦୁଇ ବଖରାର ସେଇ ବିଦ୍ୟାଳୟ, ଅବସ୍ଥିତ ରାଜଧାନିର I.T. center ନିକଟରେ (ଚନ୍ଦ୍ରଶେଖରପୁର ଠାରେ) ।



ଦୁଇଟି ବଖରାରେ ପଢନ୍ତି ପାଞ୍ଚଟି ଶ୍ରେଣୀର ବିଦ୍ୟାର୍ଥୀ ଏବଂ ସେଥିରୁ ଏକ ବଖରାର ଅଧା ଯାଗାରେ ରହେ ମଧ୍ୟାହ୍ନ ଭୋଜନର ସାମଗ୍ରୀ ସବୁ । ପିଲାମାନେ ମୋତେ ଓ ମୋ ବନ୍ଧୁମାନଙ୍କୁ ଦେଖି ଭାରି ଖୁସି ହେଲେ ।



କିନ୍ତୁ ମୁଣ୍ଡରେ ଚଡ଼କ ପଡ଼ିଲା ମୋର । ଏମାନଙ୍କୁ ମୁଁ ବା କହିବି କ'ଣ ? ବୁଝେଇବି କି'ସ ? ତେବେ କଷ୍ଟେ ମଷ୍ଟେ ପାରମ୍ଭ ହୋଇଗଲା । ଏବଂ କିଛି ସମୟ ଭିତରେ ପିଲାମାନେ ଓ ଆମେ ସମସ୍ତେ ମଜ୍ଜି ଯାଇଥିଲୁ ଭିନ୍ନ ଭିନ୍ନ କାର୍ଯ୍ୟରେ । ଖେଳ ସରିଲା ବେଳକୁ ମୁଁ ହୃଦୟଙ୍ଗମ କରିଥିଲି ଦୁଇଟି ଦିଗନ୍ତ । ପ୍ରଥମତଃ ଜନମାନସ ଯେଭଳି ଭାବନ୍ତି ; ଆମ ସରକାର ମୋଟେ ଉଦାସିନ ନୁହନ୍ତି । ସମସ୍ତ ପିଲାଙ୍କୁ ସରକାରଙ୍କ ତରଫରୁ ମିଳିଛି ବହି, ବିଦ୍ୟାଳୟ ପୋଷାକ, କଲମ, ଏବଂ ଶିକ୍ଷକ ମାନଙ୍କୁ ମିଳିଛି ଅତ୍ୟାଧୁନିକ ତାଲିମ୍ । ଅନ୍ୟ ଏକ ଦିଗନ୍ତରେ ମୁଁ ହେଲି ମର୍ମାହତ । ଏଇ ବାଟରେ ପ୍ରତ୍ୟହଃ ଯିବା ଆସିବା କରୁଥିବା Infosys J Satyam ର ମୋଟା ଦରମାବାଲା I.T.-engineer ମାନଙ୍କ ଆଖିକୁ ଦିନେବି କ'ଣ ଏ ବିଦ୍ୟାଳୟ ଦେଖାଯାଏନି ? ସବୁଠାରୁ ମର୍ମାହତକାରୀ ଦୃଶ୍ୟ ହେଲା ବିଦ୍ୟାଳୟର ହତା । ହତା ପାଖରେ ଥିବା ବିଶାଳ ଅଟ୍ଟାଳିକାର ମାଲିକ ମାନେ ଆସ୍ତେ ଆସ୍ତେ ମାଡ଼ି ଯାଉଛନ୍ତି ବିଦ୍ୟାଳୟର ଖେଳପଡ଼ିଆକୁ । ଦୋଷ ତେବେ କାହାର ? ସରକାରଙ୍କର ନା ଆମ ସମାଜର ? ସମାଜ ମାନେ ବା କ'ଣ ? ଆପଣ ଆଉ ମୁଁ, ଆମେ ତ ଗଢ଼ିଛୁ ସମାଜ !

ଏହାପରେ ମୁଁ ଆଉ ଏକମାତ ବିଦ୍ୟାଳୟ ଯାଇପାରିଥିଲି । D.M. School - ଦିନେ ମୁଁ ବି ଏହି ବିଦ୍ୟାଳୟର ପାଙ୍ଗଣରେ ପଢ଼ିଥିଲି । ସେତେବେଳର ନାଁ ଆଜି ନାହିଁ ସତ, କିନ୍ତୁ ମୁଁ କହିବି ଆଜି ମଧ୍ୟ ଏ ବିଦ୍ୟାଳୟର ଶିକ୍ଷକମାନେ ଗୋଟିଏ ଗୋଟିଏ ଆଦର୍ଶ ଶିକ୍ଷକ । ପ୍ରଧାନ ଶିକ୍ଷକ ଚାହିଁଥିଲେ ମୋଠାରୁ ଅନେକ ସମୟ । କିନ୍ତୁ ମୁଁ ଏବଂ ମୋ ସାଥୀମାନେ ଦେଇ ପାରିଥିଲୁ ମାତ ୨ ଘଣ୍ଟା, ଯେଉଁଥିରେ ଆମେ ଏକାଦଶ ଶ୍ରେଣୀର ଛାତମାନଙ୍କ ସହ ସାକ୍ଷାତକାର କରିଥିଲୁ । ଅନେକ ଗୁଡ଼ିଏ କାର୍ଯ୍ୟକମ ପରେ ଯେବେ ଆମେ collect କରିଥିଲୁ feedback, ଆଶ୍ଚର୍ଯ୍ୟ ହୋଇଯାଇଥିଲି ମୁଁ । ଜଣେ ଛାତୀ ଲେଖିଥିଲେ, 'ଆଗରୁ ମୁଁ ବୁଝିପାରୁ ନଥିଲି କିପରି ପିଲାମାନେ ସାରା ଜୀବନ ବିଜ୍ଞାନ ପଢ଼ି ବିତାଇ ଦିଅନ୍ତି । ଆଜି ମୋତେ ଲାଗୁଛି ମୁଁ ବି ସେହିମାନଙ୍କ ମଧ୍ୟରୁ ଜଣେ ହେବାକୁ ପସନ୍ଦ କରିବି' । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟ କଥା ଥିଲା ସେହି ପିଲାମାନଙ୍କର ଉତ୍ସାହପନା ଓ ହସ ହସ ଚେହେରା । ମାନସ ପଟରେ ମୋର ଭାସି ଉଠିଥିଲା ବିଲାତର ବିଦ୍ୟାଳୟ ଛାତଛାତୀଙ୍କ ଚେହେରା । ସବୁ ସୁବିଧା ଥାଇ ମଧ୍ୟ ସେମାନଙ୍କ ମୁଖରେ ଥାଏ ଏକ ଅଦ୍‌ଭୁତ ବିଶର୍ଣତା । ଏକ ପକାର ଅନାଶକ୍ତି । ଏକ ପକାର ହତାଦରର ପ୍ରତିଛବି । କିନ୍ତୁ ଏ ପିଲାମାନେ ତୀବ୍ର ପତିଯୋଗିତା ଏବଂ ଜୀବନ-ସଙ୍ଗ୍ରାମ ମଧ୍ୟରେବି, ମୁଖମଣ୍ଡଳରେ ଅଛି ଏକ ଶିଶୁ ସୁଲଭ ଦିପ୍ତୀ । ଧନ୍ୟ ମୋ ଭାରତ ଭୂମି !

ଏତଦ୍ ବ୍ୟତିତ ମୁଁ explore କରିଥିଲି କିଛି ଅଭିନବ ଉପାୟ, ମୋ ଲୋକଙ୍କ ସହ ମିଶିବାକୁ । ସେଥିରୁ ଅନ୍ୟତମ ଥିଲା Line-autoରେ ଯାତାୟାତ ; ସେହି ଅଟୋବାଲା ମାନଙ୍କ ସହ କିଛି ମଜାଗପ । ସେମାନଙ୍କ ଦୈନନ୍ଦିନ ଜୀବନ ଓ ସ୍ୱପ୍ନସବୁ ବିଷୟରେ କିଛି ଜାଣିବା । କହିବାକୁ ଗଲେ, ଦୈନିକ ଟ୧୦୦/- ରୋଜଗାରରେ, ଯାହାକୁ ଚାହିଁ ବସିଛନ୍ତି ସେମାନଙ୍କ ଗାଁରେ ଥିବା ପରିବାର ବର୍ଗ ; ବିନା ଏକ ସ୍ଥାୟୀ ଘରରେ, କାଲି ପାଇଁ କିଛି ବି security ନଥାଇକରି ; ସେମାନଙ୍କୁ ଖୁସି ହେବାର ଅଧିକାର ଯେ କିଏ ଦେଲା ... !?! ମୁଁ ଜାଣେନା ... କିନ୍ତୁ ସେମାନେ ଥିଲେ ଖୁସି । କାହିଁକି ଓ କେମିତି ? ଜାଣେନା ମୁଁ । ଜୀବନର କିଛି ଗୁପ୍ତ

ରହସ୍ୟ ଏ ଅଟୋବାଲା ମାନଙ୍କ ଠାରୁ ବି ଶିଖିବାକୁ ପଡ଼ିବ । ବୋଧ ହୁଏ ଆରଥର ଆସିଲେ ... !

ଆଜିର ଯୁବ ସମାଜକୁ ଚିହ୍ନିବାକୁ ଯାଇ ମୁଁ ଭେଟିଥିଲି ମୋର ଅନେକ ପୁରୁଣା ସାଙ୍ଗମାନଙ୍କୁ, ସାଙ୍ଗମାନଙ୍କ ସାଙ୍ଗମାନଙ୍କୁ ... ! କିଛି ନା କିଛି ମାର୍ଗରେ ସମସ୍ତେ ଲାଗି ପଡିଛନ୍ତି ଜୀବନ ସଙ୍ଗ୍ରାମରେ । କେହି ଦେଇ ଚାଲିଛି competitive exam ସବୁ । ଆଉ ଜଣେ ଯାଇ ଦିଲ୍ଲୀରେ କାମ କରୁଛି ମାସିକ ଟ୫୦୦୦/- ଦରମାରେ । ସମସ୍ତଙ୍କ ମନରେ କିନ୍ତୁ ଏବେ ବି ବଞ୍ଚି ରହିଛି ଏକ ସ୍ୱପ୍ନ, ଜୀବନରେ 'କିଛି ଗୋଟେ' କରିବାକୁ । ଭଲ କି ମନ୍ଦ ମୁଁ ଜାଣିନି, କିନ୍ତୁ 'ଅଳ୍ପକେ ନିଜକୁ ବଡ଼ ମଣିବାର' ଏକ ଅଜବ trend ଦେଖିଲି ସେଠି । କେହି ଜଣେ ଏକ companyରେ ୩ ବର୍ଷ କାମ କରି ବଡ଼ ଗର୍ବୀତ । ଏ ମନସ୍ତତ୍ତ୍ୱର ବିଶ୍ଳେଷଣ କରିବାକୁ ଇଚ୍ଛା ଥିଲେ ବି, ସମୟାଭାବରୁ ତାକୁ ବି ମୁଁ ଏଡାଇ ଦେଇଥିଲି ମୋର ଆସନ୍ତା ଗସ୍ତ ପାଇଁ ।

ଏବେ ଟିକେ ଦେଖିବା ସଧାରଣ ଜନତାଙ୍କ ମନୋରଞ୍ଜନ ବିଷୟରେ । କଟକ, ଭୁବନେଶ୍ୱରରେ ଠା'କୁ ଠା' ଠିପିଖୋଲା ବିଦେଶୀ ମଦ ଦୋକାନ ଖୋଲିଲାଣି । ମୋ ରହଣୀ ସମୟରେ ନୂଆ ହୋଇ ଖୋଲିଲା ଏକ pub ଭୁବନେଶ୍ୱରରେ । ଭାରି ଚାହିଦା ଦେଖାଯାଇଥିଲା ତା'ର । Kingfisher ଏବେ can ରେ beer ଛାଡ଼ିଛି ବଜାର କୁ , ଯାହା ଯେ କୌଣସି ବଡ଼ ଦୋକାନରେ ମିଳୁଛି । ଏହା ଛଡ଼ା ଏବେ ବି ରାସ୍ତା କଡ଼ରେ ଥିବା ଢାବାରେ ମିଳୁଛି ସୁସ୍ୱାଦୁ କଙ୍କଡା ଝୋଳ । ଓଡ଼ିଆ ଚଳଚ୍ଚିତ୍ର ମାନରେ ସେମିତି କିଛି ଉନ୍ନତି ହୋଇନି । ସେ ଦିଗରେ ଓଡ଼ିଆ ଚଳଚ୍ଚିତ୍ର ପୁରୁଣା ଗୌରବ କେବେ ଫେରିବ କେଜାଣି ? ତେବେ ସଙ୍ଗୀତ ବଜାରରେ ଓଡ଼ିଆ albume ମାନ ଦେଖି ମନ ଖୁସି ହେଲା । କିଛି ଲୋକ ସେ ଗୀତକୁ ଅଶ୍ଳୀଳ ବା meaningless ବୋଲି କହିପାରନ୍ତି । କିନ୍ତୁ ମୋତେ ଲାଗିଲା ସେ ଗୀତରେ ଓଡ଼ିଆ ଲୋକ ଚାଲିଲେଣି ଆଉ ଓଡ଼ିଆ ଭାଷାର ସଂପୂର୍ଣ୍ଣ ଉପଯୋଗ ହୋଇଛି । ୧୯୯୦ ର ଅଣୋଡ଼ିଆ କଣ୍ଠର ମାଧୁର୍ଯ୍ୟ ଶୁଣିବାକୁ ପାଇଥିଲି । ସାଧାରଣ ଲୋକର ନିଜ କଥା । ମନେ ପଡିଗଲା ଗୋପବନ୍ଧୁଙ୍କର ପଂକ୍ତି:

'ଗାଏ ତୁମ ଗୀତ ସଭାରେ ପଣ୍ଡିତ ;
ପଥେ ପାନ୍ଥ ହୃଷ୍ଟମନା ;
ବିଲେ ଗାଏ ଚଷା, ଅନ୍ତପୁରେ ଯୋଷା ;
ନୃତ୍ୟରଙ୍ଗେ ବାରାଙ୍ଗନା !'

ଉପସଂହାର ଆଗରୁ ଏକ ଅପୂର୍ବ ବ୍ୟକ୍ତିତ୍ୱ ବିଷୟରେ କିଛି କହିରଖେ । ସାଧାରଣରେ ଆଖିକୁ ନ ଦିଶିଲାଭଳି ଏମିତି ଅନେକ ଅସାଧାରଣ ବ୍ୟକ୍ତି ଲୁକ୍କାୟିତ ଭାବେ କରିଚାଲିଛନ୍ତି ମାତୃଭୂମିର ନିରବଚ୍ଛିନ୍ନ ସେବା । ତନ୍ମଧ୍ୟରୁ ଜଣେ ଗଢ଼ିଛନ୍ତି ଏକ ବାଳିକା ଅନାଥାଶ୍ରମ । ୧୦-୧୫ ଜଣ ବାଳିକାଙ୍କୁ ସେ ଯୋଗାଇ ଦେଇଛନ୍ତି ଏକ ମଧ୍ୟବିତ୍ତ ପରିବାର ମାନର ଜୀବନ ଶୈଳୀ । ଏପରିକି ସାଧାରଣ ପଢା ସହ ପିଲାମାନେ ନାଚ, ଗୀତ class ବି ଯାଆନ୍ତି । ଏବଂ ଏହି କାର୍ଯ୍ୟ ପାଇଁ ସମ୍ବଳ ପାଇଁ ସେ ଉପଯୋଗ କରିଛନ୍ତି ଏକ ଅଭିନବ ପନ୍ଥା । ଜଣେ କାହାଠାରୁ ମୋଟା ରକମର ଅନୁଦାନ ପରିବର୍ତ୍ତେ ସେ ଆଣନ୍ତି ଅନେକ ଲୋକଙ୍କଠାରୁ ସ୍ୱଳ୍ପ ସ୍ୱଳ୍ପ ସାହାଯ୍ୟ । ଯେପରିକି ଏକ ଚାଉଳ ଦୋକାନୀ ଠାରୁ ମାସିକ ୨ କିଲୋ ଚାଉଳ । ଏହାଦ୍ୱାରା ସାଧାରଣ ଲୋକ ବି ନିଜକୁ ଭାଗ୍ୟବାନ୍ ମନେକଲା । ଏବଂ ଶେଷ ଫଳ ସ୍ୱରୂପ ଆମେ ଦେଖିଲେ ୧୦-୧୫ ଟି ବାଳିକାଙ୍କ ଭବିଷ୍ୟତ, ଯାହା କି ଏହି ଲୋକଙ୍କ ବିନା ହୋଇଥାଆନ୍ତା ତିମିରାଚ୍ଛନ୍ନ । ଏଭଳି କିଛି ଲୋକଙ୍କୁ ଭେଟିବା ଫଳରେ, ମାତୃଭୂମି ଫେରିବାର ମୋର ବାସନା ତୀବ୍ରତର ହୋଇଥିଲା । ରାମାୟଣର ସେ ଛୋଟ ଗୁଣ୍ଡୁଚି ମୂଷାଟି ପରି, ନିଜ ସାଧ୍ୟମତେ ଯାହା ସମ୍ଭବ କାର୍ଯ୍ୟ କରିଯିବାକୁ ।

ଶେଷକୁ ମୁଁ ଫେରିଥିଲି ମନରେ ଏକ ବିରାଟ ଶିକ୍ଷା ନେଇ । ମୋତେ ଅନୁଭବ ହୋଇଥିଲା, 'ଲୋକଙ୍କୁ ବଦଳାଇବା, ସମ୍ବଳଶୀଳ କରିବା, ସମାଜକୁ ପରିବର୍ତ୍ତନ କରିବା ... ' ଏ ସବୁ ହେଲା ଗୌଣ । ମୋ ଲୋକ ମାନେ ତାଙ୍କ ନିଜ ଯାଗାରେ ନିଜ ପଥରେ, ନିଜ ଜୀବନରେ, ନିଜ ସୁଖ - ଦୁଃଖ ନେଇ ବେଶ୍ ଭଲରେ ଅଛନ୍ତି । ପରିବର୍ତ୍ତନ ବୋଧହୁଏ ସେମାନଙ୍କ ଅପେକ୍ଷା ଆମର ମନସ୍ତତ୍ତ୍ୱରେ ଅଧିକା ସ୍ଥାନ ମାଡିବସିଛି । କିଛି ଲୋକଙ୍କୁ immediate ସାହାଯ୍ୟ ଦରକାର, ଓ ଅନ୍ୟ କିଛିଙ୍କୁ ଦରକାର ଏକ ବୁଝିବିଚାରି ପାରୁଥିବା ବନ୍ଧୁଟିଏ । କୌଣସି NRI ପଇସାର ଭିକ୍ଷୁକ ନୁହେଁ ଉତ୍କଳ ଜନନୀ । ନିଜ ପିଲାଙ୍କ ମୁହଁରେ ଆଧାର ଦେବାର ଶକ୍ତି ତାର ଆଜିବି ଅଛି । ସେ କେବଳ ଚାହେଁ କିଛି ହାତ ଓ ଏକ ପ୍ରେମବୋଳା ମନ, ଧନ-ମାନ ର କୌଣସି ଇଚ୍ଛା ନଥିବା କିଛି ମୁଣ୍ଡ । ଶେଷକୁ ଏତିକି କହିବି - ଆହୁରି ଅନେକ ଅଛି ମୋତେ ଶିଖିବାକୁ । ଚାତକ ପରାଏ ମୁଁ ଚାହିଁ ରହିବି ମୋର ଆସନ୍ତା ଗସ୍ତକୁ - ମୋର ସାମାନ୍ୟତମ scope, କିଛି ସତ୍ 'ବିଦ୍ୟା' ଅର୍ଜନ କରିବାକୁ ।

akmishra@ieee.org

-o-

ଓଡ଼ିଆ ପୁଅର ଆର୍କଟିକ୍ ଭ୍ରମଣ - ୧

ଦେବସ୍ମିତ ମିଶ୍ର, ଆଲାସ୍କା, ଯୁକ୍ତରାଷ୍ଟ୍ର ଆମେରିକା

ଆଲାସ୍କାର ନାଁ ଶୁଣିବା ମାତ୍ରେ, ବହୁ ଲୋକଙ୍କ ମନରେ ଗୋଟିଏ ଛବି ଖେଳିଯାଏ - ବରଫ ଓ ଥଣ୍ଡା । ଆଲାସ୍କା ଶୁଣିବା ମାତ୍ରେ ଲୋମଟା ଟାଙ୍କୁରି ଉଠେ, ସତେ ଯେମିତି କେହି ବାଲଟିଏ ବରଫ ମିଶା ଥଣ୍ଡା ପାଣି ଉପରେ ଢାଳି ଦେଇଛି । ମୁଁ ମଧ୍ୟ ଆଲାସ୍କା ପ୍ରଥମ ଥର ପାଇଁ ୨୦୦୧ ରେ ଯେବେ ଆସିଥିଲି, ମୋ ମନରେ ସେହି ଛବି ସବୁ ଥିଲା । ମୁଁ ଆଙ୍କରେଜ୍ (ଆଲାସ୍କାର ସବୁଠାରୁ ବଡ଼ ସହର) ବିମାନଘାଟିରେ ଯେତେବେଳେ ପହଞ୍ଚିଥିଲି, ମୋ ଆଖି ଚତୁର୍ଦିଗ ବୁଲି ଖୋଜୁଥିଲା, ଦୁଇଟି ଦୃଶ୍ୟ ପାଇଁ - ବହୁତ ବରଫ ଓ ଏସ୍କିମୋଙ୍କ ଇଗ୍ଲୁ । ଏହା ହଉଛି ମଇ ମାସ ୨୦୦୧ ର କଥା । ନା' ମୁଁ ଦେଖିଲି ବରଫ ନାଁ ଇଗ୍ଲୁ । ତେବେ ଆଲାସ୍କା ବିଷୟରେ ଏପରି ଭ୍ରାନ୍ତ ଧାରଣା ଦିଆଯାଇଛି କାହିଁକି ?

ଆଲାସ୍କା ହଉଛି ହାରାହାରୀ ଭାରତବର୍ଷ କ୍ଷେତ୍ରର ଅଧା । ଆଲାସ୍କାର କ୍ଷେତ୍ର ଏତେ ବଡ଼ଯେ ଏହାକୁ ଦୁଇ ଭାଗରେ ବିଭକ୍ତ କରିଦେଲେ, ଟେକ୍ସାସ୍ , ଯୁକ୍ତରାଷ୍ଟ୍ର ଆମେରିକାର ତୃତୀୟ ରାଜ୍ୟ ଭାବେ ଗଣାତ ହେବ । ଆଲାସ୍କାକୁ ମୋଟାମୋଟି ତିନି ଭାଗରେ ବିଭକ୍ତ କରାଯାଏ - ଆର୍କଟିକ୍ (Arctic) , ସବ୍ ଆର୍କଟିକ୍ (Sub Arctic) , ଏବଂ ଆଲାସ୍କୀୟ ବର୍ଷା ଜନୀତ ଜଙ୍ଗଲ (Alaskan Rain Forest) । ଏହା ଛଡ଼ା, ଆଲାସ୍କାରେ ବହୁତ ଦାକ୍ଷିଣାତ୍ୟ ଦ୍ୱୀପମାଳା ଅଛି ଯାହାକୁ ଆଲୁସିଆନ୍ ଦ୍ୱୀପମାଳା (Aleutian Islands) ବୋଲି କୁହାଯାଏ । ଏ ସବୁ ବିଭାଜ୍ୟ ଭୌଗଳିକ, ପାଣିପାଗ, ଏବଂ ଅନ୍ୟ କାରଣ, ଯଥା ଭୂତାତ୍ତ୍ୱିକ କାରଣରୁ କରାଯାଇ ଅଛି ।

ତେବେ ମୁଁ ତ ଆପଣଙ୍କୁ ଆଲାସ୍କାର ବର୍ଣ୍ଣନା କରିବାକୁ ଏହି ନିବନ୍ଧଟି ଲେଖୁନି । କିନ୍ତୁ ମୋର ଯୋଉ ରୋମାଞ୍ଚକର ଭ୍ରମଣ କାହାଣୀଟି ବର୍ଣ୍ଣନା କରିବା ଆଗରୁ, କିଛିଟା ଆଲାସ୍କୀୟ ଭ୍ରାନ୍ତ ଧାରଣା ଆପଣ ମାନଙ୍କ ମନରୁ ବିଦା କରବାକୁ ପ୍ରୟାସ କରୁଛି ।

ତେବେ ଆପଣଙ୍କ ମନରେ ପ୍ରଶ୍ନ ଉଠୁଥିବ ଯେ ଏହି ଇଗ୍ଲୁ ଗୁଡ଼ିକ କାହିଁକି ନାହିଁ ବା ଦେଖିବାକୁ ମିଳୁନି । ଗୋରା ୟୁରୋପୀୟମାନେ ଯେଉଁଦିନଠାରୁ ଆଲାସ୍କାରେ ପ୍ରବେଶ କରିଲେଣି, ସେହି ଦିନଠାରୁ ତାଙ୍କର ଏକମାତ୍ର ଚେଷ୍ଟା ହେଲା ଏଠାର ଏସ୍କିମୋ ମାନଙ୍କୁ କିପରି ଆଧୁନିକ ଢାଞ୍ଚାରେ ପକାଇବା । ତେଣୁ ହାରାହାରି ତାଙ୍କର ଶହେ ବର୍ଷର ପରିଶ୍ରମ ପରେ ଆପଣ କ'ଣ ଭାବୁଛନ୍ତି ଆଉ ଇଗ୍ଲୁ ଦେଖିପାରିବେ ? ଏସ୍କିମୋ ମାନେ ପରା ଆଜିକାଲି ପକ୍କା ଘର କରି ରହିଲେଣି, ଏବଂ କୁକୁର ବାହାନ ଛାଡ଼ି ମଟର ବାହାନରେ ଭ୍ରମଣ କରିଲେଣି । ତଥାପି ଆପଣମାନଙ୍କ ମନ ରଖିବା ପାଇଁ ଏକ ଇଗ୍ଲୁର model ତଳେ ଦେଖାଉଛି ।



ଇଗ୍ଲୁର ଡାହାଣ ପଟେ ପୁରୀ ମହାରାଜା ଓ ବାମ ପଟେ ଆଲାସ୍କା ଓଡ଼ିଆ

ତେବେ ଆପଣ ଇଗ୍ଲୁ ତ ଦେଖିଲେ । ଚାଲନ୍ତୁ ଆଲାସ୍କାର ଅନ୍ୟ ଭ୍ରାନ୍ତ ଧାରଣା ଉପରେ ଟିକିଏ ବିଚାର କରିବା । ଆଲାସ୍କାର ନାଁ ଶୁଣିଲେ ଆପଣଙ୍କ ମନରେ ଏହି ନିମ୍ନ ଛବିଗୁଡ଼ିକ ଖେଳିଯାଏ, ନାହିଁ ?



ଆଲାସ୍କାର ହାରାହାରୀ ୬ ମାସ ରାତିର ଏକ ରୂପ



ବରଫଯୋଗୁ ହଟହଟା



ଶିତକାଳୀନ -୪୦ ଡିଗ୍ରୀ ତାପମାତ୍ରା

କିନ୍ତୁ ଆଲାସ୍କାର ଆଉ ଗୋଟିଏ ଅନନ୍ୟ ରୂପ ଅଛି, ଯାହାକି ବହୁତ ଲୋକ ଜାଣିନାହାନ୍ତି । ତାହା ହେଲା ଆଲାସ୍କାର ଗ୍ରୀଷ୍ମଋତୁ । ଆଲାସ୍କାରେବି ଅନ୍ତତଃ ୪ ପ୍ରକାର ଋତୁ ଦେଖାଯାଏ । ସବୁ ଋତୁ ଆପାତତଃ ୩ ମାସ ରହିଥାଏ । ତେଣୁ ଶୀତ ଋତୁବି ୩ ମାସ ଯାଏଁ ତାର ପ୍ରକୋପ ଦେଖାଏ ।

ଆମେ କାହିଁକି ଶୀତଋତୁ ପଛରେ ହାତ ଧୋଇ ପଡ଼ିବା । ଚାଲନ୍ତୁ ମୋର ଗ୍ରୀଷ୍ମଋତୁର ଆର୍କଟିକ୍ ଭ୍ରମଣ ବୃତାନ୍ତ କହେଁ । ଯଦି ଆପଣ ପରେ ଇଚ୍ଛା କରନ୍ତି, ତେବେ ଆସନ୍ତା 'ଦୂରଦୃଷ୍ଟି' ରେ ମୁଁ ମୋର ଶୀତଋତୁର ଅଭିଜ୍ଞତା ବର୍ଣ୍ଣନା କରିବି ।

ତେବେ ମୋ କାହାଣୀ ହଉଛି ଏହିପରି : ମୁଁ ଓଡ଼ିଆ ସମାଜର ୨୦୦୫ ବନ୍ଧୁମିଳନରୁ ଏକ ଉଲ୍ଲାସମ୍ଭକ ମନୋଭାବ ନେଇ ଫେରିଥାଏ । ଜୁଲାଇ ମାସ ହେଉଛି ଆଲାସ୍କା ଗ୍ରୀଷଋତୁର ସବୁଠାରୁ ଅଭିନବ ସମୟ । ଜୁଲାଇ ତାରିଖ ରେ ମୁଁ ଟରଣ୍ଟୋ ମହାନଗରୀର concrete ଜଙ୍ଗଲରୁ ଫେରିଥାଏ । ଜୁଲାଇ ତାରିଖ ଦିନ ସକାଳୁ ମୁଁ ଏବଂ ମୋ ସହିତ ମୋର post-doc ରନି ଡାନେନ୍ ଓ ମୋର ଦୁଇଜଣ ଛାତ୍ର ଟେରିଶା ଆଉ କୋରି ଆମ departmentର truckଟି ନେଇ ଆଲାସ୍କାର final frontier ଉତ୍ତରତମ ସ୍ଥାନ ପ୍ରୁଡୋ ବେ (Prudhoe Bay) ନିମନ୍ତେ ଗସ୍ତ ଆରମ୍ଭ କରିଲୁ ।

ଫେୟାର୍‌ବ୍ୟାଙ୍କ୍ସ୍ (Fairbanks), ମୋ ବାସସ୍ଥଳୀ, ସେଦିନ ସକାଳର ସୌନ୍ଦର୍ଯ୍ୟରେ ହସିଉଠିଥିଲା । ତାର ବର୍ଣ୍ଣନା କରିବା ଅପେକ୍ଷା, ମୁଁ ନିମ୍ନୋକ୍ତ ଚିତ ମାଧ୍ୟମରେ ଆପଣଙ୍କୁ ସେହି ରୂପ ଦର୍ଶନ କରେଇବାର ଚେଷ୍ଟାଟିଏ କରୁଛି ।



ମୋ ଘରର ସାମ୍ନାପଟ




ପ୍ରଚ୍ଛଦରେ ଫେୟାର୍‌ବ୍ୟାଙ୍କ୍ସ୍

ଫେୟାର୍‌ବ୍ୟାଙ୍କ୍ସ୍‌ରୁ ପ୍ରୁଡୋ ବେ ବା ଡେଡ୍‌ହର୍ସ (Deadhorse ହଉଛି ପ୍ରୁଡୋ ବେ କୁଳରେ ଅବସ୍ଥିତ ଏକ ଛୋଟ ସହର) ହଉଛି ୪୯୮ ମାଇଲ୍ ବା ୭୯୭ କିଲୋମିଟର୍ । ଏଥି ମଧ୍ୟରୁ ଆପାତତଃ ୮୦ ମାଇଲ୍ ଛାଡ଼ିଦେଲେ ବାକି ସବୁ ରାସ୍ତା ହଉଛି ପଥୁରିଆ ରାସ୍ତା (gravel road) । ଏ ସର୍ବମୋଟ ୪୯୮ ମାଇଲ୍ ଭିତରେ ୩ଟି ଛୋଟ ଗାଁ ଯୋଉଠି କି ଖାଇବାକୁ ମିଳିବ ବା ଟ୍‌କ୍‌ରେ ଡିଜେଲ୍ ଭରିବାକୁ ମିଳିବ । ବାକି ସାରା ରାସ୍ତା ଘଞ୍ଚ ଜଙ୍ଗଲ୍ । ଦେହ ଖରାପ ଲାଗିଲେ କି ଅନ୍ୟ କୌଣସି ସାହାଯ୍ୟ ଦରକାର ହେଲେ କେହି ମିଳିବେନି । ଆମ ରହିବା ବ୍ୟବସ୍ଥା ହୋଇଥାଏ ଏକ ଆଲାସ୍କା ବିଶ୍ୱବିଦ୍ୟାଳୟର research station ରେ, ଯାହାକି ଆମକୁ ୩୬୯ ମାଇଲ୍ ପରେ ମିଳିବ । ଏହି ରାସ୍ତା ଅତିକ୍ରମ କରିବାକୁ ଆମକୁ ୧୨ ଘଣ୍ଟା ଲାଗିବ । ଆମକୁ ଆଲାସ୍କାର Steese

Highwayରେ ୮୦ ମାଇଲ୍ ଖଣ୍ଡେ ଯିବାପରେ, Dalton Highwayରେ ବାକିତକ ରାସ୍ତା କଟେଇବାକୁ ପଡ଼ିବ । ଏହି ରାସ୍ତାର ଏକ map ମୁଁ ଏଠାରେ ଦେଲି ।



ଡ୍ଡିକ୍ ଓ ଡାଲ୍‌ଟନ୍ ହାଇୱେ



ଡାଲ୍‌ଟନ୍ ହାଇୱେ (ବବ୍ ହଫମାନ୍‌ଙ୍କ ଭ୍ରମଣବୃତାନ୍ତରୁ)

ପ୍ରଥମ ୮୪ ମାଇଲ୍ କିପରି ଗଲା କିଛି ଜଣାପଡ଼ିଲାନି । ଲାଭେନ୍‌ଗୁଡ୍ ବୋଲି ଗୋଟାଏ ଗାଁ ଟପିଲା ପରେ ଆରମ୍ଭ ହେଲା ପଥୁରିଆ ରାସ୍ତା । ସେହି ରାସ୍ତାରେ ଆମେ ଆଉ ୬୦ ମାଇଲ୍ ଗଲା ପରେ ପଡ଼ିଲା ୟୁକନ୍ ନଦୀ (Yukon River) । ୟୁକନ୍ ନଦୀ ହଉଛି ଆଲାସ୍କାର ମହାନଦୀ । ଏହି ନଦୀ ଉପରେ ଏକ କାଠ ପୋଲ ଅଛି । ସେହି ପୋଲ ଅତିକ୍ରମ କଲା ପରେ ହଉଛି ପ୍ରଥମ ଯାଗା ଯୋଉଠି ଖାଇବା ପିଇବା ବ୍ୟବସ୍ଥା ଅଛି । ଏଠାରେ ମଧ୍ୟ Trans-Alaskan Pipelineର ଏକ Pump Station ଅଛି । Trans-Alaskan Pipeline ପ୍ରୁଡୋ ବେ ରୁ ଉତ୍ପାଦନ ହେଉଥିବା crude petroleumକୁ Valdez ବନ୍ଦର ଯାଏ transport କରାଏ । ଏହି Pump Station ନିକଟସ୍ଥ ୟୁକନ୍ ନଦୀର ଶୋଭା ଅବର୍ଣ୍ଣନୀୟ । ମୁଁ ଆପଣମାନଙ୍କୁ ଏହି ଶୋଭାର ଏକ ଝଲକ୍ ଏଠାରେ ଦଉଛି ।



ୟୁକନ୍ ନଦୀର ଦୃଶ୍ୟ



ୟୁକନ୍ ନଦୀ କୂଳରେ କୋରି, ରନି, ଓ ଟେରିଶା



ୟୁକନ୍ ନଦୀ ଉପର କାଠ ପୋଲ
(ରବର୍ଟ ମାର୍ଭିଲ୍ ଓ ମେରି ଲିଜିଙ୍କ ଭ୍ରମଣବୃତାନ୍ତରୁ)

ୟୁକନ୍ ନଦୀ ପାଖରେ କିଛି ସମୟ ବିତାଇ, ଆମେ ବାହାରି ପଡ଼ିଲୁ ଆମ ଯାତାରେ । ୧୦-୧୫ ମାଇଲ୍ ଯିବା ପରେ ଆମ ବାଁ ପଟରେ ଆମେ ଦେଖିଲୁ ଧୂଆଁ । ସେଥିରୁ ଆମ ଅନୁମାନ କରିନେଲୁ ଯେ ଆଗରେ ଜଙ୍ଗଲରେ ନିଆଁ ଲାଗିଛି (wildfire) । କିନ୍ତୁ ଏ ନିଆଁଯେ ଆମ ରାସ୍ତା ଦୁଇକଡ଼ରେ ମାଇଲ୍ ମାଇଲ୍ ଧରି ଜଙ୍ଗଲକୁ ଭସ୍ମ କରୁଛି, ତାର ଅନୁମାନ ଆମକୁ ନଥିଲା । ଆଉ ୫ ମାଇଲ୍ ଖଣ୍ଡେ ଗଲାପରେ, ଆମକୁ ଧୂଆଁ ଓ ନିଆଁ ଭିତର ଦେଇ ଅନ୍ତତଃ ୩୦

ମାଇଲ୍ ଖଣ୍ଡେ ଯିବାକୁ ପଡ଼ିଲା । ସାମ୍ନାରେ ରାସ୍ତା ଭଲ ଦିଶୁନଥାଏ ଏବଂ ଚତୁର୍ଦ୍ଦିଗ ଧୂଆଁରେ ଭର୍ତ୍ତି ହେଇଥାଏ । ବହୁ କଷ୍ଟରେ ଏବଂ ଅତି ଧିରେ ଧିରେ ଗାଡ଼ି ଚଲାଇ ଆମେ ସେହି ଧୂଆଁ ପାର କଲୁ ।



ବାମ ପାର୍ଶ୍ୱରେ ଧୂମମୟ ଆକାଶ



ରାସ୍ତା ଦୁଇପାର୍ଶ୍ୱରେ ନିଆଁ ଓ ଧୂଆଁ

ଧୂଆଁ ଭିତରୁ ବାହାରୁ ନବାହାରଣୁ ଆମେ ଦେଖିଲୁ ଏକ ରହସ୍ୟମୟ ଦୃଶ୍ୟ । ମାଇଲ୍ ମାଇଲ୍ ଧରି ପଥରମାନେ ସତେ ଯେପରି ମାଟି ଭିତରୁ ମୁଣ୍ଡ ଟେକି ଠିଆ ହୋଇଛନ୍ତି । ଏହି ଯଗାକୁ finger mountain ବୋଲି ନାମକରଣ କରାଯାଇଛି ।





ଫିଙ୍ଗର୍ ପର୍ବତର ଦୃଶ୍ୟ

ଏହି ଫିଙ୍ଗର୍ ପର୍ବତର ତେବେ ଖାସିୟତ୍ କ'ଣ ? ଏ ସବୁ ପଥର ଏଠାରେ ମାଟିର ତାପଜନୀତ ପରିବର୍ତ୍ତନରୁ ଉପରକୁ ଉଠିଯାଇଛନ୍ତି । ଏହାକୁ cryoturbation ବୋଲି କୁହାଯାଏ । Cryoturbation ଯାହାରକି Frost Heave ଏକ ରୀତି, ତା ଉପରେ ସମ୍ୟକ୍ ଧାରଣା ଏକ ଫଟୋ ମାଧ୍ୟମରେ ଦିଆଯାଇଛି । ଏଠାରେ ପଥର ଗୁଡ଼ିକ ଏହି frost heave ଯୋଗୁଁ ଗୋଲାକୃତି ଆକାରରେ layout ହୋଇଛନ୍ତି । ଏହି ପ୍ରକାର layoutକୁ ବିଶ୍ଳେଷଣ କରି, ଆମେ hydrologist ମାନେ ଅନ୍ୟ ଥଣ୍ଡା ଯାଗାରେ ମୃତ୍ତିକା ସଂରକ୍ଷଣର ମାଧ୍ୟମ ବିଚାର କରୁ ।



ପଥରମାନଙ୍କ cryoturbationକୁ ପ୍ରତିକ୍ରୀୟା



Cryoturbation ଯୋଗୁଁ ପଥରମାନଙ୍କ ଗୋଲାକୃତି layout

ଫିଙ୍ଗର୍ ପର୍ବତ ପାଖରେ ଆମେ ଦେଖିଲୁ ପୃଥିବୀର ସବୁଠାରୁ ସାନ ଗଛ । ଏହା ଏକ ବୁଦାପରି ଦିଶୁଥିଲେ ମଧ୍ୟ, ଏହା ଏକ

ସ୍ୱୟଂସଂପୂର୍ଣ ଗଛ । ଏହି ଗଛଟିର genus ହେଉଛି ***betula*** ଏବଂ specie ହଉଛି *nana* ।



ବେତୁଲା ବୃକ୍ଷ

ଫିଙ୍ଗର୍ ପର୍ବତ ପାର କରି ଆମେ ଯାଇ ପହଞ୍ଚିଲୁ ଆର୍କଟିକ୍ ଚକ୍ରରେ (Arctic Circle) । ଏହା Fairbanksଠାରୁ ୧୯୯ ମାଇଲ୍ ଉତ୍ତରରେ । ଯାଗାଟା ଯଦିଓ କିଛି ଖାସ୍ ନୁହେଁ, ତଥାପି ସେଠାରେ ପାଦ ପକାଇବାର ଅନୁଭୂତିଟା ଅଲଗା ପ୍ରକାର ।



ଆର୍କଟିକ୍ ଚକ୍ରରେ ପ୍ରଥମ ଓଡ଼ିଆ ପାଦ

ତାପରେ ଆମେ ପୁଣି ବାହାରିଲୁ ଆମ ଯାତ୍ରାରେ । ଏ ସବୁ ଯାତ୍ରା ହଉଛି ଜଙ୍ଗଲ ଭିତରେ । ଏହି ଜଙ୍ଗଲକୁ 'ବୋରିଆଲ୍ ଫରେଷ୍ଟ୍' ବା 'ଟାଇଗା ଫରେଷ୍ଟ୍' କୁହାଯାଏ । ଅବଶ୍ୟ ଜଙ୍ଗଲ କହିଲେ ଆମ ମନରେ ପଶୁ ପକ୍ଷୀ ଓ ବୃକ୍ଷ ପୁଷ୍ପର ଛବି ଖେଳିଯାଏ । ଏ ସବୁ ମୁଁ ଶେଷରେ ଦେଖାଇବି । ତେବେ ଡାଲ୍‌ଟନ୍ ହାଇୱେର ରାସ୍ତା ସିନା ପଥୁରିଆ, କିନ୍ତୁ ଦୃଶ୍ୟ ବେଶ ମନ ମୁଗ୍ଧକର ।









ଡାଲ୍‌ଟନ୍ ହାଇୱେ କଡ଼ର ମନମୁଗ୍ଧକର ଦୃଶ୍ୟ
(ବବ୍ ହପ୍‌ମାନ୍‌ଙ୍କ ଭ୍ରମଣବୃତାନ୍ତରୁ)

(ଆଲାସ୍କା ବିଷୟରେ ଆହୁରି ଶୁଣିବା ଆଗାମୀ ସଂଖ୍ୟାରେ...)

Joy and Heartache in Orissa

The diary of a restless citizen

Dhanada Mishra

Imagine the scene – a community hall in the heart of Bhubaneswar with a gathering of a hundred odd invited representatives of the civil society. We await the arrival of the Secretary of Urban Development Department. The objective is public consultation regarding the formation of 'Eco Clubs' with a noble purpose – to see a cleaner Bhubaneswar. I was personally invited by the Health Officer, who must have been tired of my regular phone calls regarding the unhealthy sanitary situation in Surya Nagar where I live, as indeed in most areas other than the VIP enclaves where the big government officials and ministers/MLAs lived. I was cautiously optimistic that finally the civic authorities had woken up to the problems of the common citizens and want wide-ranging consult regarding potential solutions. I went fortified with data, news paper reports, NGO brochures, print-outs of Internet downloads to convince all present that the grim Solid Waste Management situation is an entirely preventable problem with solutions being practiced in a small scale right under our nose. We waited for what must have been upwards of an hour for the chief guest to arrive listening to the bad quality audio being checked for life as if saying 'hello mic testing' repeatedly in to the mouthpiece would have some how fixed the fact that the equipment had outlived it's useful life. Finally, the Secretary arrived about an hour and a half late with his entourage. As if on cue all proceedings stopped abruptly having started earlier under pressure of protest from the audience. Rescheduled welcome speeches and garlanding having been duly enacted, the bombshell was dropped. It appeared that the central government's ministry of environment had sent a directive to the state governments to form 'Eco Clubs' with the help of citizens and mainly students of government run schools to help keep the city clean. The directive required a public consultation in this connection and hence the meeting. As the tea was being served in disposable non-biodegradable plastic cups (defeating the theme of the discussion itself!!), I took my 2 minutes at the mic to point out that instead of forcing the hapless students (it's convenient that only government schools were focused as the children from the rich and powerful section of the society went to private schools) of government school to help scavenge the city, it would have been better for the municipality to learn about the work being done by non-governmental organisations like 'Srujanika' and 'Vikas' in the areas of ecology, waste management etc. and strengthen their hands. Needless to say, that my comments were taken in a very negative spirit and subsequent comments from the officials enraged me sufficiently to leave the gathering abruptly.

Imagine the plush office of a profitable well-known public sector company in Orissa. A bit out of place considering that the heart-wrenching view of vast stretches of salia sahi slums not too far away, if one bothered to peek through the window. A high ranking officer, a brilliant, well traveled, erudite man was giving an animated lecture to a colleague on how to correct his golf swing. As I sat their listening to his unhurried monologue, waiting to discuss the fate of my naive research proposals to tackle the company's industrial waste problem, my mind wandered to the myriad problems this company has caused in terms of environmental damage (willingly and unwillingly), the missed opportunity of sharing it's wealth more equitably with the poor communities where their operations are located, the abysmal records in R&D activities but worst of all the lack of concern and urgency among people who are in a position to recognize these lacunae and

address them. I wondered knowing what I know, if I was born in the tribal hamlets of Koraput, wouldn't I be contemplating taking up the gun as opposed to aspire for a peon's position inside the high wall compounds of these so called 'Temples of Modern India'.

Imagine this – the fly over under construction at Jayadev Vihar in Bhubaneswar. It has been going at a snail's pace for last so many years. Every morning I go through the make-shift round-about. About 3 to 4 and some times up to six traffic police/home guard are generally busy controlling the thin traffic using their rather primitive methods. Every evening on my way back home as I wade through seemingly unending mixture of cars, scooters, motorcycles, bicycles, bullocks, trucks, pedestrians, cows and dogs, I can never sight a single one of the traffic guys from the morning. A classic case of 'when the going gets tough – the tough do the vanishing act' or the Oriya version – "Aape banchile bApara nAn".

Imagine you are a world-renowned expert in the problem of fly ash (coal combustion residue from thermal power plant – a major source of pollution) from Canada and you happen to be in the city to give a seminar. It gives you great deal of hope, when the Minister of Public Works actually abandons his prepared speech and speaks extempore recognizing the vital importance of the knowledge being disseminated and the need of it to get to his department's engineers. You get invited to give an in-house seminar for the government engineers. I accompany the expert to the seminar in 'Nirman Saudh'. We wait as the superintending engineer herds in about 20-30 sheepish looking staff. The department doesn't have any facility for LCD projectors and hence no seminar can be held and hence it was decided that the Canadian expert would simply talk about the need to use fly ash in construction as a way of reducing green house gas emissions and more importantly mitigating the impending disaster of ill-disposed fly ash from power plants. At the end of the talk, I want to know how many knew what fly ash was and there were 3-5 hands that went up and then I thought I had find out how many had actually seen it or touched it – and there were none. This in a state that has 26% of the country's coal reserves and is fast becoming a center for thermal power with major environmental implications.

But then, imagine you are driving in off-peak hours Bhubaneswar traffic and listening to AIR, Cuttack. All your childhood memories keep flooding back to you as you listen to the olden goldies of Akshay Mohanty through crackle of outdated electronics, sub-standard broadcast quality and frequent interruptions due to 'technical snags' - that is as close as it gets to sheer joy for me.. Nothing much seems to have changed. AIR – Cuttack is still the only station on air in the medium wave on my car radio and FM is yet to take root. The programming is still part time – only for a few hours a day. The format is still quite similar to what it was 20 years ago if not longer including the signature tunes. It still broadcast the *Sishu Sansar* in the morning, the *Nari Mahal* in the mid-day and *Juba Vani* in the evening. The biggest recent hit is the live phone in programme that people make great effort to get on to. Some things never do change or if they do, it's too slow to meet the eye or as in this case the ear! Nostalgia is living in the past right now!

Imagine it's a crisp morning on a weekend and you are out near Barunei hills not far from Jatani and you take a long leisurely trek through the bushes and end up at Atal's dhaba on the highway for some typical delicacies that only this place is famous for. It was a shock to me how rural the area was in spite of the so-called mushrooming growth in and around the Bhubaneswar-Khurdha corridor. It still has some of the tranquility and touch of the wild that one would long for, away from the hustle and bustle of the city. It still could evoke the images of brave Paikas of *Khurdha Gada* giving the British a tough time in bush warfare. It's another thing that the famous Barunei temple

with it's small stream and tank itself sports a sad look of neglect and misuse. Careless picnickers, absence of any kind of supervisory agency and no attention from the authorities in years sans some cosmetic touch ups from time to time. What a great lost opportunity and wasted potential for development. Atal's dhaba is a revelation. One of the very few still left who do not permit liquor and tobacco in the premises, it sports the cleanest environment that I have ever come across in a dhaba. You still get the same delicious and hot tandur and tadaka in a family-friendly set-up. It was a sheer joy to have our lunch after an exhausting trek through the bushes with the friendly owner – Atal himself looking after us.

Imagine you are in Koraput on a long aimless drive on the empty stretch of unusually good quality road between Sunabeda and Koraput. The largely unspoilt natural beauty on both sides of the road is broken only at places by tranquil stretches of water from the nearby hydro-power project. Suddenly you are in a coffee plantation and can't believe that such beautiful property exist in Orissa. Its even more stunning to see the efforts of an unlikely Oriya entrepreneur who has the passion to take on the improbable task of making brewed coffee popular among the tea loving millions of Orissa. As we sit at his house with a small coffee processing, packaging and tasting unit and sip from freshly distilled Koraput coffee, we discuss the prospects and problems with regard to coffee and Koraput. Its elating to know the success of the small efforts to date of the existing coffee plantation owners and the passion for their work, while at the same time the heart sinks to realize the many hurdles before we can see Koraput coffee become a success story.

Living in Orissa is a roller coaster from daybreak to nightfall. As they say life here is truly like a 'box of chocolates – you never know what you get'. The pleasant surprises are as heart warming as the unpleasant ones nasty. As long as I am integral to the process living life to its fullest, breathing its air, drinking its water, smelling its aromas, listening to its cacophony, feeling its pains and pleasures and alive to its calling – life would have been worthwhile.



Pot holed roads and polluting industries - Mother Orissa cries out for help.



Let's not spare our illustrious ancestors - Madhu babu's statue decorated with plastic Party flags.



On the banks of Brahmani on a crisp morning on our way to Bhitarkanika



Evening on the way from Sunabeda to Koraput.



The exquisitely carved Parasurameswar temple in Bhubaneswar – a reminder of our glorious past and inglorious present

ନାଲି ଟୁକୁ ଟୁକୁ.....

ଶାନ୍ତନୁ ପ୍ରଧାନ, ବାଂଗାଲୋର୍

ନାଲି ଟୁକୁ ଟୁକୁ ସାଧବ ବୋହୁ
ନାଲି ଅଳତା ନାଇ ତୁ, କୁଆଡେ ଯାଉ?
ତୋ କଅଁଳ ପାଦେ
କଣ୍ଟା ଫୋଡିଗଲେ
ଆଖିରୁ ଝରିବ ମୋହରି ଲହୁ ! (ଘୋଷା - ୧)

ନାଲି ଟୁକୁ ଟୁକୁ ସାଧବ ବୋହୁ
ନାଲି ପାଟଟି ତୁ ପିନ୍ଧି, କୁଆଡେ ଯାଉ?
ତୋ ସୁନ୍ଦର ମୁହଁ
ଦେଖି ମହୁମାଛି
ଝରାଇ ଦେବ ତା ସାଇତା ମହୁ ! (୨)

ନାଲି ଟୁକୁ ଟୁକୁ ସାଧବ ବୋହୁ
ନାଲି ଗୋଲାପ ତୁ ଖୋସି, କୁଆଡେ ଯାଉ?
ଗୋଲାପ କଣ୍ଟା ତୋ
ଦେହ ଛୁଇଁ ଦେଲେ
ମୋ ଦେହୁ ବୋହିବ ରକ୍ତର ଡେଉ ! (୩)

ନାଲି ଟୁକୁ ଟୁକୁ ସାଧବ ବୋହୁ
ନାଲି ଓଢଣୀ ତୁ ଟାଣି, କୁଆଡେ ଯାଉ?
ଯେତେ ଲୁଚାଇଲେ
ତୋ ଆଖି ଦୁଇଟି
ମୋ ଆଖି ଆଗରେ ତୁ ନାଚି ଯାଉ ! (୪)

ନାଲି ଟୁକୁ ଟୁକୁ ସାଧବ ବୋହୁ
ନାଲି ଶଂଖା ତୁ ଲଗାଇ, କୁଆଡେ ଯାଉ ?
କାଚ ଭାଙ୍ଗି ଯଦି
ହାତେ ଲାଗି ଯାଏ
ଥରି ଉଠିବ ମୋ ଦୁଇଟି ବାହୁ ! (୫)

ନାଲି ଟୁକୁ ଟୁକୁ ସାଧବ ବୋହୁ
ନାଲି ଟିପା ତୁ ଲଗାଇ, କୁଆଡେ ଯାଉ ?
ତୋ ନାଲିଟିପା କୁ
କିଏ ଅନେଇଲେ
ମାନିବିନାହିଁ ମୁଁ କେତୁ କି ରାହୁ..... (୬)

santanu.kumar.pradhan@exgate.tek.com

WELCOME POSCO

Prasanna Kumar Mishra

I would like to view the POSCO project as the opportunity of the century. The crescendo of protests and apprehensions notwithstanding, I would still like to view it that way only. Apart from being the largest foreign investment in the country, the facility will ultimately be the largest steel project in the country. The steel major has been assured of lease of 600 million tons of iron ore (having Fe content of 62%), the lease interest would be as long as 50 years (including renewal); Posco would be allowed to export a portion of this premium-grade iron ore, and would import some iron ore for the project to ensure an optimal mix of the feed-stock. Broadly speaking, the company could be exporting about five million tons of Orissa iron-ore per year out of its leasehold mines. This export arrangement, however, has to be in line with the export policy of the Government of India.

This stipulation about export needs to be viewed in the context of the over-all export scenario. As much as 12 million tons of Orissa iron ore was exported through Paradip, Haldia and Vishakhapatnam Ports in 2004-05.China was the major importer of Orissa ore. In 2004-05, Indian export of iron ore was as high as 72million tons. About 50 million tons of Indian iron ore was exported to China alone, in a single year. Therefore the export obligation latent in the MOU should not be viewed as liberal nor should it be a cause of great concern.

The state is to have a new port at Jatadhari, south of the existing Paradip port, which may be captive to Posco. It is expected that the new port would adopt state of art technology and would set benchmarks on port operations. Development of this port would not be at the cost of the development of Paradip Port. Both would develop in tandem.

The project would bring in a host of opportunities. More and more MNCs would be interested for investment opportunities in the State which would mean more of value-addition activities here. The special economic zones which are likely to be created for this project would be centres of intense economic activities setting benchmarks on productivity and technology-application.

While the project has all the potentiality of unleashing the dormant creativity of the people of the State, the smooth and successful conclusion of the venture would call for an immediate reengineering of the style and quality of governance. The growing lawlessness is a cause of concern. Extremists have intensified their activities in many parts of the State. There seems to be a long holiday for the power sector. No additional generation capacities are being promoted. Value addition in agriculture sector is yet to come to the centre-stage of government priorities.

The project would involve haulage of at least 15 million tons of iron ore annually from the mines to Paradip. It would also necessitate transport of millions of tons of power grade coal to Paradip for captive power generation. These commodities need dedicated rail-lines. We should immediately consider having a rail connection from Barsuan to a point between Banspani and Kendujhar so that our big iron ore deposits get rail connectivity. Barsuan should be connected with Talcher. Iron ore and coal for the project should move on this line via Naraj to Barang and a dedicated rail-line from Bhubaneswar to Paradip should be constructed avoiding Cuttack. This is necessary as the Posco plant and the new port are to be located south of the Paradip Port. There should be an eight-lane express highway between Bhubaneswar and the Posco city . This highway should be built by a developer on BOOT basis. There is immediate need for a modern civil township at Paradip. This new city should be in tune with the aspirations of the people of the twenty first century.

Tons of iron ore alone do not make steel. Quality of governance, its sensitivity, its response, quality of its response and the human face of governance do play the role of catalysts in steel making. The administration is yet to demonstrate its abilities in these areas.

prasannamishra@odiya.org

(The writer is a former coal Secretary to Government of India)

DISABLED WOMEN AND RIGHTS VIOLATIONS

Dr. Sruti Mohapatra

INTRODUCTION

My paper reflects a general view of an old existing problem, though quite unknown, which affects an important number of disabled women; that of being the object of violent actions. I have tried to structure it as to accomplish two objectives:

- To make you aware of a complex situation, so that the dimension and fundamental characteristics are known.
- As an element of thought to those who bear the intervention and planning tools of this topic in their hands.

I have used the term VIOLATION because I believe VIOLENCE is not just physical or emotional abuse but DENIAL OF RIGHTS, be it food, education, information or marriage.

GENERAL ISSUES

Portrait of a woman with disability.

Disability is a relevant social matter, and we know that the number of people affected by it grows day by day. It is said that 10% of Europe's population suffers from some type of disability. Some international studies, (PNUD, 1992) consider that the figure is as high as 20% in developing countries. Australia has 14%, USA 9% and India, in all probability 10% or more. Despite the fact that the number of people with disabilities is so high, in many fields they are treated as 'invisible citizens'. When we talk about women, the situation of 'invisibility' is even greater, though there are about 50 million women in the India with some type of disability.

Forming part of two disadvantaged and minority groups (disabled people, and within these 'women'), they find themselves up against a double discrimination, as well as various barriers which make accomplishing objectives essential in everyday life very difficult. Higher unemployment rates, lower salaries, less access to medical care, lack of education, poor or no access to programmes and services aimed at women, and a higher risk of suffering physical and/or sexual abuse are just some of the social aspects which women with sensorial, physical or mental disabilities must face. This discrimination is the worsening of the age-old discrimination women have always suffered, more severe but harder to fight, which affects aspects such as education, employment, marriage, family, economical status, rehabilitation.

Education

Many disabled women are deprived of their rights as citizens, and in this way society is also deprived of their abilities and knowledge, when their access to education is prohibited or restricted. Due to the traditional views of women's roles, it is even more difficult to convince society, not to mention many families, that their disabled daughters must receive education in a normal way, as far as possible. In many societies it is understood that women do not need education, and if in addition they are disabled, the encouragement they receive from their family to obtain a normal education is practically non-existent, and as a result the level of illiteracy in disabled women is higher than in disabled men.

Employment

It is quite obvious that the lack of education and qualification in disabled women make their chances of earning money and improving their situation almost null. There are few expectations in relation to the professional possibilities of disabled women. Those that do have jobs are exploited and underpaid.

We do not have statistis for India. Of the 40 million disabled people of the European Union, almost 50% are at the age of active workers. In the member countries of the E.U. that have relevant data, it is not foreseen that this percentage will vary within the next 25 years. Approximately 17% of the E.U's population at working age suffer some disability. Even contemplating the difference between countries, the ratio of employment of disabled people in the E.U. is 44%, as opposed to 61% on the whole. Data referring to the E.U. shows that percentage of employment in men without disability is 76% versus 36% in disabled men. Regarding women, the percentages vary from 55% in non-disabled to 25% in disabled women. Women workers with disabilities are financially worse-off than disabled men who work.

Health

Disabled women are among the group which receive the most medical care. Studies done on specific groups (autistic, for example) show that they are more inclined to remain in institutions for longer periods of time than men. There are a lot of barriers that make access to birth control and family planning very difficult, such as physical barriers, communication barriers etc. In hospitals disabled women are used as models for trainee doctors, without previously asking them for their permission. Videos and slides are taken of disabled women to be used as teaching aids without any control over their use.

Marriage and family.

Here, too, the majority of disabled women are also discriminated, as from the outset women are judged by their physical looks and not by their qualities as human beings. Disabled women do not meet the set standards, and their sexuality is barely recognised. The possibility of being considered asexual, and therefore of being deprived of their right of bringing up a family, childbirth, adoption, and housekeeping, etc, is directly proportional to how evident the disability is. There are permanent debates on the role women are supposed to play, and that assigned to disabled persons. As a result, while women in general are pressured by society to motherhood, disabled women are forced into not having children, and this many times leads to unauthorised sterilisation, or denial of adoption on the basis of the 'incapacity of the mother' to take care of them adequately. A consequence of this situation (verified, at the moment, only by the experience and knowledge of this organisation) is that the number of couples where the disabled partner is a woman is much lower as compared to where the disabled partner is a man.

Self-perception and social image.

The key to understanding the phenomenon of violence against disabled women is in the image society has of them, as well as how they see themselves. For this reason, we have gone into further detail of this in the following.The level of personal satisfaction a woman has depends a lot on how well she fits into the image society has given to the female body. Along these lines, being fat or overweight is unacceptable, while being thin relates to success. But this is, for many women, impossible to achieve. Apart from these physical qualities, we must add other characteristics culturally accepted as ideal in women and that rarely appear in disabled women, or in those who have had different experiences or have a 'different' appearance, all of which exclude them from the rest of the group. The ideals and guidelines of beauty defined by the dominant culture are shown in publicity and are interpreted as socially desired, provoking the need to change or alter imperfect bodies. The message is clear; 'The way our bodies are now is undesirable and unacceptable'. The ideal is to be non-disabled, closely followed by the necessity to obtain 'a perfect body'.

Biomedical Aspects of Aging

Prof. M.S. Kanungo FNA, FASc., FNASc., FAMS
Emeritus Professor
Banaras Hindu University, Varanasi

Aging is described as the process of deterioration of functions of various organs that occurs in an organism after it attains adulthood. This is followed by increasing probability of death. Human longevity is increasing rapidly in all countries due largely to the advances in medical sciences and health awareness of people. In India, the average life span at the time of independence was about 32 yrs. It is now about 62 yrs. Nearly 7% of the Indian population now is over 60 yrs, and comprise elderly people. Our population reached 100 crores on May 11, 2000. So we then had approximately 7 crores of elderly. Within one year (by May 11, 2001), the population increased by 15 lakhs of whom 1.0 lakh were elderly. At this rate we shall have over 12 crores of 60+ elderly by the year 2025. This is a huge number, and it is continuing to increase. The health, social and financial problems that this large number of elderly pose before the family, the society, the Government and the future generation are immense. It is the responsibility of all concerned to provide good quality of life to them. Prof. M.S. Kanungo visualized the immensity of this problem as long ago as the early 1960s, and pioneered research on Aging in India.

The problems that arise due to aging are of three types: (i) biological, that is, deterioration of functions of various organs; (ii) medical, that is, various types of diseases whose frequency increases with age; and (iii) psycho-social. The three aspects come under the domain of Gerontology (scientific study of old age; geron-old man). Prof. Kanungo has focussed his attention on biological, biochemical and molecular basis of the aging process. Aging of various functions begins long before one reaches age 60. During the past 40 years Dr. Kanungo's researches have been directed towards finding out (i) why the activities of various organs decline after adulthood, and (ii) whether such decline can be prevented or slowed down. Once this is understood, it would be possible to prolong the active adulthood period, slow down the aging process, provide a better quality of life to the elderly and hope for healthy aging. This would make them happy, increase their work output and lessen the burden on the family, the society and the Government.

Research on "why we get old" will not only have immense applied value to humanity, but also solve one of the most important fundamental problems of Biology - the cause of aging. Working on rats and mice as models and using biochemical and genetic engineering techniques, Dr. Kanungo has made several original and outstanding contributions on this important biomedical problem. Some of his original discoveries are:

1. The enzymes, lactate dehydrogenase (LDH) and creatine phosphokinase (CPK), decrease in heart and brain after adulthood, making them more oxygen dependent in old age. Oxygen is required for energy production and organ function. It is transported by the blood in blood vessels to the organs. When the blood supply to the heart and brain gets blocked by a clot in the blood vessel, the result is a heart attack or a cerebral stroke releasing the enzymes to the blood. The frequency of such damage increases with age. The two enzymes are, therefore, used for diagnosis of heart attack and stroke. Breathing exercises like "pranayam" in Yoga, done from adulthood, would reduce such dangers.

2. The enzymes, acetylcholinesterase (AChE) and cholineacetyltransferase (CAT) are essential for brain function. Their levels decrease after adulthood. This contributes to lower brain function in old age. However, the levels of these enzymes can be raised by administering appropriate doses of steroid hormones.

3. Acetylcholine (ACh) acts as a neurotransmitter (NT) for normal brain function. Its action is mediated by a protein receptor, AChR, whose level declines in the brain with increasing age causing lower brain function.

4. Expression (function) of the genes that code for dopamine receptor and NMDA receptor proteins which are required for normal brain function declines after adulthood. This contributes to increasing neurodegenerative diseases such as Parkinson's and Huntington's diseases, respectively, in old age.

5. Wounds take longer to heal in old age as the level of fibronectin protein (FNT) declines. This is because the expression of the gene for FNT in the liver is lower in old age.

6. In birds, egg production declines after adulthood as the expression of the genes that code for egg-white protein, ovalbumin, and egg-yolk protein, vitellogenin, decline.

However, the expression of these genes can be raised and egg production can be prolonged by administering appropriate doses of steroid hormones to the birds.

The above incisive and in-depth researches at the biochemical and molecular level have for the first time provided insight into the basic cause of aging – why various functions decline after adulthood and why we get old. They have shown that the decline in various functions of organs after adulthood leading to death is due to the decrease in expression and regulation of specific genes. The experiments have also suggested methods by which the rate of decrease in expression of certain genes and decrease in functions of organs in old age can be slowed down so that the adulthood or active period of life can be extended, and the quality of life improved in old age. This will also extend the life span. Different organs begin to age at different chronological age, and different genes are responsible for their functions. So aging is not due to switching on or off of a single gene.

